

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୨ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 NOVEMBER 2021
Vol.No. 32 ■ No. 288 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବନ୍ଦ ନୁହେଁ ହରତାଳ କରିପାରିବେ : ହାଇକୋର୍ଟ



ଭୁବନେଶ୍ୱର,୧୧/୧୧ (ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ଆସନ୍ତାକାଲି କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି । ଏହି ପ୍ରସଙ୍ଗରେ ଏକ ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବନ୍ଦ କରାଯାଇ ପାରିବ ନାହିଁ। ତେବେ ବନ୍ଦ କରିବା ବଦଳରେ ହରତାଳ କରିପାରିବେ। ଜୋର ଜବରଦସ୍ତି କାହାରିକୁ ବନ୍ଦ କରି ପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ହାଇକୋର୍ଟ ଆହୁରି କହିଛନ୍ତି, କୌଣସି ଗାଡ଼ିମୋଟର ଅଟକାଇ ପାରିବେ ନାହିଁ। ଏପରିକି ରେଳ ରୋକ କିମ୍ବା ରାସ୍ତାରୋକ କରାଯାଇ ପାରିବ ନାହିଁ। ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଅଖ ଓ ଚକ ବନ୍ଦ ଏକ ବେଆଇନ୍ କାମ ବୋଲି ହାଇକୋର୍ଟ କହିଛନ୍ତି । ଅପରପକ୍ଷରେ ଏହା ଉପରେ ସ୍ପଷ୍ଟୀକରଣ ଦେଇ କଂଗ୍ରେସ କହିଛି ଯେ ଆମେ ଶାନ୍ତିପୂର୍ଣ୍ଣ ଭାବେ ୬ ଘଂଟିଆ ଧର୍ମଘଟ ଡାକରା ଦେଇଛୁ। ଜୋର ଜବରଦସ୍ତି ବନ୍ଦ ପାଳନ କରିବାକୁ କୁହାଯାଇନାହିଁ। ମମିତା ମେହେର ହତ୍ୟା ଘଟଣାରେ ଆସନ୍ତାକାଲି କଂଗ୍ରେସ୬ ଘଂଟିଆ ଓଡ଼ିଶା ବନ୍ଦ ଡାକରା ଦେଇଥିଲା। ଏହି ସମୟରେ ଦୋକାନ ବନ୍ଦ କରିବାକୁ କୁହାଯାଇଥିଲା। କିନ୍ତୁ ଏହା ବିରୋଧରେ କଟକର ଜଣେ ବ୍ୟବସାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# କେବେ ସ୍ୱାଧୀନ ହୋଇଥିଲା ଦେଶ : କଙ୍ଗନାଙ୍କ ବୟାନକୁ ନେଇ ବଢ଼ିଲା ବିବାଦ



ନୂଆଦିଲ୍ଲୀ,୧୧/୧୧: ବିଜେପିର ଗୁଣଗାନ କରୁଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ ମୋଦୀ ସରକାରର ପ୍ରଶଂସା କରିବା ପାଇଁ କିଛି ଏପରି ବୟାନ ଦେଇଦେଲେ ଯାହାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି । ଏକ କାର୍ଯ୍ୟକ୍ରମରେ କଙ୍ଗନା କହିଛନ୍ତି ୧୯୪୭ରେ ଭାରତକୁ ଯେଉଁ ସ୍ୱାଧିନତା ମିଳିଥିଲା ତାହା ଭିକ୍ଷା ସଦୃଶ, ପ୍ରକୃତ ସ୍ୱାଧିନତା ତ ୨୦୧୪ରେ ମିଳିଛି । ଏହାକୁ ନେଇ ସୋସିଆଲ ମିଡିଆରେ ସମାଲୋଚନାର ଶୀକାର ହୋଇଛନ୍ତି କଙ୍ଗନା । ଏଭଳି ଚିନ୍ତାଧାରା ପାଗଳାମି ନା ଦେଶଦ୍ରୋହ ବୋଲି ପ୍ରଶ୍ନ କରିଛନ୍ତି ବିଜେପି ସାଂସଦ ବରୁଣ ଗାନ୍ଧୀ । ନିକଟରେ ପଦ୍ମଶ୍ରୀ ପୁରସ୍କାର ପାଇଥିବା ଏହି ବଲିଉଡ ଅଭିନେତ୍ରୀଙ୍କ ମନ୍ତବ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଟାଇମ୍ସ ନାଓ ସମିଟ୍ରେ କଙ୍ଗନା କହିଛନ୍ତି, ୧୯୪୭ରେ ଯେଉଁ ସ୍ୱାଧିନତା ମିଳିଥିଲା, ତାହା ଭିକ୍ଷା ମିଳିବା ପରି, ପ୍ରକୃତ ସ୍ୱାଧିନତା ମିଳିଥିଲା ୨୦୧୪ରେ । ପ୍ରକୃତରେ କଙ୍ଗନା, ମୋଦୀ ସରକାର କ୍ଷମତାରେ ଆସିବାକୁ ଇଂଗିତ ଦେଉଥିଲେ । କଙ୍ଗନାଙ୍କ ଏଭଳି ବୟାନବାଜି ପରେ ଆମ ଆଦମୀ ପାର୍ଟିର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମୁମ୍ବାଇ ପୋଲିସ ନିକଟରେ ଏଫଆଇଆର ଦେଇଛନ୍ତି । ଏଥିରେ ସେ କହିଛନ୍ତି, ତାଙ୍କର ଏଭଳି ମନ୍ତବ୍ୟ ଏକ ଦେଶଦ୍ରୋହୀ କାମ ଓ ତାଙ୍କ ବିରୋଧରେ ଆପିସିର ୫୦୪, ୫୦୫ ଓ ୧୨୪-ଏ ଧାରା ଲଗାଇବା ପାଇଁ ଦାବି କରିଛନ୍ତି । ବିଜେପି ସାଂସଦ ବରୁଣ ଗାନ୍ଧୀ କଡା ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ଏହାଦ୍ୱାରା କଙ୍ଗନା ରଣାଓ୍ୱତ, ମହାତ୍ମା ଗାନ୍ଧୀଙ୍କ ବଳିଦାନ, ମଙ୍ଗଳ ପାଣ୍ଡେ, ରାଣୀ ଲକ୍ଷ୍ମୀବାଇ, ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ମହାନ ନେତାଙ୍କ ବଳିଦାନକୁ ଅବଜ୍ଞା କରିଛନ୍ତି । ଏହାକୁ ସେ ପାଗଳାମୀ କହିବେ ନା ଦେଶଦ୍ରୋହ କହିବେ, ସେନେଇ ପ୍ରଶ୍ନ ଉଠାଇଛନ୍ତି । ସେପଟେ ଶିବସେନା ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ନିଜ ମାଲିକକୁ ଖୁସି କରିବା ପାଇଁ ଏହି ବଲିଉଡ ଅଭିନେତ୍ରୀ, ମହାନ ସ୍ୱାଧିନତା ସଂଗ୍ରାମୀଙ୍କର ବଳିଦାନକୁ ବଳି ପକାଇ ଦେଇଛନ୍ତି । ନିଜର ଏଭଳି ବିବାଦୀୟ ବୟାନ ପାଇଁ ସୋସିଆଲ ମିଡିଆରେ ସମାଲୋଚନାର ଶୀକାର ହୋଇଛନ୍ତି କଙ୍ଗନା ।

## ଓଡିଶା ବନ୍ଦ : ହାଇକୋର୍ଟଙ୍କ ରାୟକୁ କଡାକଡି ପାଳନ ପାଇଁ ଡିଜିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଓଡିଶା ବନ୍ଦକୁ ନେଇ ହାଇକୋର୍ଟ ଦେଇଥିବା ରାୟକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସର ପ୍ରସ୍ତାବିତ ଓଡିଶା ବନ୍ଦ ନେଇ ଗୁରୁବାର ଦିନ ଡିଜିପି ସବୁ ଜିଲ୍ଲାର ଏସପି , ରେଂଜ ଡିଆଇଜି, ପୋଲିସ୍ କମିଶନର, ଡିସିପି ମାନଙ୍କ ସହ ବୈଠକ କରିଥିଲେ। ଡିଜିପି ସମସ୍ତଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସମ୍ପର୍କରେ ଅବଗତ କରାଇବା ସହ ଏହାକୁ କଡାକଡି ପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉଲ୍ଲେଖ୍ୟଯୋଗଯୋଗ୍ୟ ଯେ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆସନ୍ତାକାଲି ଓଡିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ହୋଇଥିଲେ ।

## ଓକାକର ସିଇଓଙ୍କ ହ୍ୱାଟସଆପ୍ ହ୍ୟାକ କରି ଏକାଉଂଟରୁ ଲୁଟି ନେଲେ ୭ ଲକ୍ଷ ଟଙ୍କା

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟର(ଓକାକ)ର ସିଇଓ ମନୋଜ କୁମାର ପଟ୍ଟନାୟକଙ୍କ ହ୍ୱାଟ୍ସଆପ୍ ନମ୍ବର ହ୍ୟାକ୍ କରାଯାଇ ୭ ଲକ୍ଷରୁ ଅଧିକ ଟଙ୍କା ଲୁଟ୍ ହୋଇଥିବାର ଅଭିଯୋଗ ହୋଇଛି । ଭୁବନେଶ୍ୱରର ସହିଦନଗର ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ଯାଂଚ ଆରମ୍ଭ କରିଥିବା ଜଣା ପଡିଛି ।

# କୋଟିପତି ବାବୁଙ୍କ ଓଲିଉଡ ଲିଙ୍କ୍




ଭୁବନେଶ୍ୱର,୧୧/୧୧(ନି.ପ୍ର): ସିନେମାର ଏହି ପୋଷ୍ଟର ବୟାନ କରୁଛି, ପ୍ରତାପ ସାମଲଙ୍କ ସହ ଓଲିଉଡର ଲିଙ୍କ୍ । ପୁଲିସ ହାଉସିଂବୋର୍ଡରେ ଡେପୁଟୀ ମ୍ୟାନେଜର ଭାବେ କାମ କରୁଥିବା ପ୍ରତାପ ସାମଲ, ସିନେମାରେ ଟଙ୍କା ଲଗାଉଥିବା ନେଇ ତଥ୍ୟ ଆଗକୁ ଆସିଛି । ଏହି ଫିଲ୍ମରେ ଆଉ ଜଣଙ୍କ ସହ ପ୍ରଯୋଜକ ଅଛନ୍ତି ପ୍ରତାପ ସାମଲଙ୍କ ପତ୍ନୀ ସସ୍ମିତା ସାମଲ । ତେଣୁ ସନ୍ଦେହ ହେଉଛି, କଳା ଟଙ୍କାକୁ ସିନେମାରେ ଲଗାଉଥିଲେ କୁବେର ସରକାରୀ ବାବୁ ପ୍ରତାପ ସାମଲ । ଓଡିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନର ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କ ଫେସବୁକ ପ୍ରୋଫାଇଲ୍ ଦେଖନ୍ତୁ, ନିଜକୁ ଓଡିଆ ଫିଲ୍ମ ପ୍ରଯୋଜକ ଭାବେ ପରିଚୟ ଦେଇଛନ୍ତି । ତଳେ ଲେଖିଛନ୍ତି ତାଙ୍କ ପ୍ରଯୋଜନାରେ ତିଆରେ ହୋଇଛି ବାଜି ଓ ନାରୀ ଆଖିରେ ନିଁଆ ଫିଲ୍ମ । ସେହି ଦୁଇଟି ଫିଲ୍ମରେ ତାଙ୍କ ପତ୍ନୀ ସସ୍ମିତା ସାମଲ ଅନ୍ୟଜଣଙ୍କ ସହ ପ୍ରଯୋଜିକା ଅଛନ୍ତି । ଟଙ୍କା ହିଁ ଟଙ୍କା ଉପାର୍ଜନ କରିଥାଏ । ଅସାଧୁ ଉପାୟରେ ସଂପତି ବଢାଇବା ଭିତରେ ଏହା ଠିକ୍ ବୁଝି ପାରିଥିଲେ ପ୍ରତାପ ସାମଲ । ସେଇଥି ପାଇଁ ପତ୍ନୀ ସସ୍ମିତା ସାମଲଙ୍କ ନାଁରେ ଚଳାଇଥିଲେ ଫିଲ୍ମ ବ୍ୟବସାୟ । ଓଡିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନର ଡେପୁଟି ମ୍ୟାନେଜର ପ୍ରତାପ ସାମଲ ଜେଲ ଯାଇଛନ୍ତି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପ୍ରତାପ ନିଜ ଆୟର ୧୦ ଗୁଣା ସଂପତି ଠୁଳ କରିଥିବା ଭିଜିଲାନ୍ସ କହିଛି । ଏବେ ପତ୍ନୀଙ୍କ ଓଲିଉଡ୍ କନେକ୍ସନ ସାମ୍ନାକୁ ଆସିବା ପରେ ସସ୍ମିତା ସାମଲଙ୍କ ନାଁରେ ମଧ ଦୁର୍ନୀତି ମାମଲା ରୁଜୁ କରିଛି ଭିଜିଲାନ୍ସ ।

# ୨୪ରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଜୁନିଅର ହକି ବିଶ୍ୱକପ୍ : ଭାରତୀୟ ଟିମ୍‌ରେ ୩ ଓଡିଆ



ଭୁବନେଶ୍ୱର,୧୧/୧୧ (ନି.ପ୍ର): ଆସନ୍ତା ୨୪ ତାରିଖରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ ଜୁନିଅର ହକି ବିଶ୍ୱକପ୍ । ଏହା ପୂର୍ବରୁ ଗୁରୁବାର ଜୁନିୟର ବିଶ୍ୱକପ୍ ହକି ପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି । ଏହି ଦଳରେ ୩ଜଣ ଓଡିଆ ଖେଳାଳି ସ୍ଥାନ ପାଇଛନ୍ତି । ବିବେକ୍ ସାଗର ପ୍ରସାଦଙ୍କ ନେତୃତ୍ୱାଧୀନ ଏହି ଟିମରେ ସୁନିଲ ଜୋଜୋ, ସୁଦୀପ ଚିରିମାକୋ ଓ ଅଭିଷେକ ଲାକ୍ରା ସ୍ଥାନ ପାଇଛନ୍ତି । କ୍ରୀଡ଼ାସଚିବ ଭିନିଲ କ୍ରିଷ୍ଣା ସୂଚନା ଦେଇ କହିଛନ୍ତି, ଆଗାମୀ ୨୪ ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ଜୁନିଅର ହକି ବିଶ୍ୱକପ୍ ଆୟୋଜିତ ହେବ। ଏଥିରେ ୧୬ଟି ଟିମ୍ ବିଶ୍ୱକପରେ ଅଂଶଗ୍ରହଣ କରିବେ। ଏଥିସକାଶେ ଭାରତୀୟ ଟିମ୍ ଭୁବନେଶ୍ୱରରେ ପହଂଚିସାରିଛି। ୧୫ ତାରିଖରେ ଅନ୍ୟସବୁ ଟିମ୍ ଭୁବନେଶ୍ୱରରେ ପହଂଚିବେ। ବାୟୋ ବବଲ ପ୍ରକ୍ରିୟାରେ ବିଶ୍ୱକପ ଅନୁଷ୍ଠିତ ହେବ। କୋଭିଡ କଟକଣା ଭିତରେ ଆୟୋଜିତ ହେବାକୁ ଥିବା ଟୁର୍ଣ୍ଣାମେଂଟରେ ଦର୍ଶକମାନଙ୍କୁ ଷ୍ଟାଡିୟମକୁ ଆସିବାକୁ ବାରଣ କରାଯାଇଛି। ଖେଳାଳି ଓ ଷ୍ଟାଫମାନଙ୍କ ପ୍ରତିଦିନ ଆରଟିପିସିଆର୍ ▶▶ପୃଷ୍ଠା ୭

## ଏପ୍ରିଲ-ମେ'ରେ ୫ଜି ସ୍ପେକ୍ଟ୍ରମ ପାଇଁ ନିଲାମ : ସୂଚନା ଦେଲେ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୧୧/୧୧: ଦେଶରେ ଖୁବଶୀଘ୍ର ୫ଜି ମୋବାଇଲ ସେବା ଆରମ୍ଭ ହେବ। ଏହାପୂର୍ବରୁ ୨୦୨୨ ଏପ୍ରିଲ-ମେ' ମାସରେ ୫ଜି ସ୍ପେକ୍ଟ୍ରମ ପାଇଁ ନିଲାମ ପ୍ରକ୍ରିୟା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଟେଲିକମ କ୍ଷେତ୍ରରେ ସଂସ୍କାର ପାଇଁ ଭାରତ ସରକାର ସେପଟ୍ମ୍ବେର ମାସରେ ପ୍ରଥମ ପଦକ୍ଷେପ ନେଇଥିଲେ। ଆଗକୁ ସରକାର ଆହୁରି ଅନେକ କିଛି ସଂସ୍କାର ସମ୍ପର୍କିତ ଯୋଜନା ଆଣିବେ। ସେହିପରି ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଟେଲିକମ ରେଗୁଲେଟୋରି ଷ୍ଟ୍ରକଚରରେ ପରିବର୍ତ୍ତନ ଆସିବ। ଭାରତୀୟ ଟେଲିକମ ସେକ୍ଟର ରେଗୁଲେସନକୁ ବିଶ୍ୱସ୍ତରୀୟ କରିବାକୁ ପ୍ରୟାସ କରାଯାଉଛି। ଏଥିପାଇଁ କିଛି ସଂସ୍କାରମୂଳକ ପଦକ୍ଷେପ ନିଆ ଯାଇଛି। ଆଗକୁ ମଧ ଅନେକ ଯୋଜନା ପ୍ରସ୍ତୁତ କରାଯିବ। ଭାରତରେ ଲୋକମାନଙ୍କୁ ବିଶ୍ୱସ୍ତରୀୟ ଟେଲିକମ ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ୫ଜି ନେଟଓ୍ୱର୍କ ଆରମ୍ଭ ହେବା ସମ୍ପର୍କରେ ମଧ ଶ୍ରୀ ବୈଷ୍ଣବ ମତ ରଖିଛନ୍ତି। ସେ କହିଛନ୍ତି, ୫ଜି ସ୍ପେକ୍ଟ୍ରମ ନିଲାମ ଉପରେ ବର୍ତ୍ତମାନ ▶▶ପୃଷ୍ଠା ୭

# ୫ଟି ଜିଲ୍ଲାର ୧୪୨ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୧/୧୧ (ନି.ପ୍ର): ୫-ଟି ସ୍କୁଲ ଟ୍ରାନ୍ସଫରମେସନ୍ (ସ୍କୁଲ ରୂପାନ୍ତର)କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୦ଟି ଜିଲ୍ଲାର ୧୦୭୫ଟି ସ୍କୁଲର ରୂପାନ୍ତର କାର୍ଯ୍ୟ ଶେଷ ହୋଇଛି। ସାତ ଦିନ ଧରି ଚାଲିବାକୁ ଥିବା ଏହି ପର୍ବର ପ୍ରଥମ ଦିନରେ ଆଜି ସୁନ୍ଦରଗଡ, କଟକ, ନବରଙ୍ଗପୁର, କନ୍ଧମାଳ ଓ ବାଲେଶ୍ୱର ଆଦି ୫ଟି ଜିଲ୍ଲାର ୧୪୨ଟି ରୂପାନ୍ତର ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଲୋକାର୍ପିତ କରିଛନ୍ତି। ଏଥିରେ ସୁନ୍ଦରଗଡର ୬୭ଟି, କଟକର ୩୦ଟି, ବାଲେଶ୍ୱରର ୨୩ଟି, ନବରଙ୍ଗପୁରର ୨୨ଟି ଓ କନ୍ଧମାଳର ୧୦ଟି ସ୍କୁଲ ରହିଛି । ପୂର୍ବରୁ ଗତ ଅଗଷ୍ଟ ରେ ହିଞ୍ଜିଳିର ୫୦ଟି ରୂପାନ୍ତରିତ ସ୍କୁଲର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍କୁଲରେ ତିଆରି ହୁଏ ଦେଶର ଭବିଷ୍ୟତ। ଜାତିର ଭବିଷ୍ୟତ। ସ୍କୁଲ ସମୟ ▶▶ପୃଷ୍ଠା ୭

# ତାମିଲନାଡୁରେ ପ୍ରବଳ ବର୍ଷା, ଗଲାଣି ୧୪ ଜୀବନ

ତାମିଲନାଡୁ,୧୧/୧୧: ଦକ୍ଷିଣ ବଙ୍ଗୋପସାଗରରେ ସକ୍ରିୟ ରହିଛି ଅବପାତ । ଏହା ଦକ୍ଷିଣ ପୂର୍ବ ଚେନ୍ନାଇଠାରୁ ୧୪୦ କିଲୋମିଟର ଦୂରରେ ରହିଛି । ଆଜି ସଂଧ୍ୟା ସୁଦ୍ଧା ଏହା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଉପକୂଳ ଅତିକ୍ରମ କରିବ । ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପବନ ଏବଂ ବର୍ଷା ଆରମ୍ଭ ହୋଇଯାଇଛି । ଚେନ୍ନାଇ କୋଡାମ୍ବକମ୍ ଅଂଚଳରେ ପ୍ରବଳ ବର୍ଷା ଓ ପବନ ଯୋଗୁ ଅନେକ ଗଛ ଭାଙ୍ଗି ଯାଇଛି । ଏହାର ପ୍ରଭାବରେ ଏଯାବତ ୧୪ ଜଣଙ୍କର ମୃତ୍ୟୁ ଘଟିଛି । ଗଛ ପଡି ରାସ୍ତା ଅବରୋଧ ହୋଇଛି । ଏଥିପାଇଁ ଜନ ଜୀବନ ପ୍ରଭାବିତ ହୋଇଛି । ପ୍ରଶାସନ ପକ୍ଷରୁ ଗଛ କାଟି ରାସ୍ତା ସଫା କରାଯାଉଛି । ଦକ୍ଷିଣ ଚେନ୍ନାଇରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଦମକଳ ବାହିନୀର ୧୫୦ରୁ ଅଧିକ କର୍ମଚାରୀ ରେସକ୍ୟୁ ଅପରେସନରେ ସାମିଲ ହୋଇଛନ୍ତି । ପବନର ପ୍ରଭାବ ଅଧିକ ଥିବାରୁ ସଂଧ୍ୟା ୬ଟା ଯାଏ ବିମାନ ବନ୍ଦରକୁ ବନ୍ଦ ରଖାଯାଇଛି । ଏପଟେ ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି । ରାଜଧାନୀ ଭୁବନେଶ୍ୱରରେ ମଧ ହାଲୁକା ବର୍ଷା ହୋଇଛି । ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ ଧରଣର ବର୍ଷା ସମ୍ଭାବନା ରହିଛି । ଏହା ସହ ଦକ୍ଷିଣ ଆଭ୍ୟନ୍ତରୀଣ ତଥା ଉପକୂଳ ଓଡ଼ିଶାରର କିଛି ଜିଲ୍ଲାରେ ପାଗ ମେଘୁଆ ରହିବା ସମ୍ଭାବନା ରହିଛି ।

# ୧୩ରେ ଆଉ ଏକ ଲଘୁଚାପ ସମ୍ଭାବନା : ୧୬ ଯାଏଁ ବର୍ଷା



ଭୁବନେଶ୍ୱର,୧୧/୧୧ (ନି.ପ୍ର): ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିଛି। ଓଡିଶା ଉପରେ ଏହାର ସିଧାସଳଖ ପ୍ରଭାବ ନଥିଲେ ହେଁ ରାଜ୍ୟରେ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ରାଜଧାନୀ ଭୁବନେଶ୍ୱରରେ ମଧ ପାଗ କୋହଲା ରହିବା ସହିତ ସାମାନ୍ୟ ବର୍ଷା ହେବାର ଆଶଙ୍କା ରହିଛି। ଅପରପକ୍ଷରେ ଆସନ୍ତା ୧୩ ତାରିଖ ସୁଦ୍ଧା ଦକ୍ଷିଣ ଆଣ୍ଡାମାନରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଏହାର ପରବର୍ତ୍ତୀ ୪୮ ଘଂଟା ମଧ୍ୟରେ ପଶ୍ଚିମ ଉତର ଆଡକୁ ଗତି କରି ଅବପାତର ରୂପ ନେଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି ଅବପାତ ପ୍ରଭାବରେ ଶୁକ୍ରବାରଠାରୁ ୧୫ ତାରିଖ ଭିତରେ ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କଟକ, ଖୋର୍ଦ୍ଧା, ଜଗତସିଂହପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଅବପାତ ପ୍ରଭାବରେ ଓଡ଼ିଶାରେ କେତେକ ଜିଲ୍ଲାରେ ହାଲୁକା ବର୍ଷା ହୋଇଛି। ସର୍ବାଧିକ ବର୍ଷା ଗୋପାଳପୁଠାରେ ୮.୨ ମିଲିମିଟର ହୋଇଛି। ଏହି ଅବପାତ ପ୍ରଭାବରେ ରାତିର ତାପମାତ୍ରାରେ ବୃଦ୍ଧି ଘଟିଛି। ଓଡ଼ିଶାର ସବୁ ଜିଲ୍ଲାରେ ରାତ୍ରକାଳୀନ ତାପମାତ୍ରା ୧ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩.୯ ଡିଗ୍ରୀ ବୃଦ୍ଧି ଘଟିଛି। ସେହିପରି ପାରାଦୀପରେ ୩.୧ ଡିଗ୍ରୀ, ସୋନପୁରରେ ୨.୫ ଡିଗ୍ରୀ, ବାରିପଦାରେ ୨.୫ ଡିଗ୍ରୀ, ଅନୁଗୋଳରେ ୨.୪ ଡିଗ୍ରୀ, କେନ୍ଦୁଝରରେ ୨.୪ ଡିଗ୍ରୀ, ଭୁବନେଶ୍ୱରରେ ୨.୫ ଡିଗ୍ରୀ, କଟକରେ ୧.୬ ଡିଗ୍ରୀ ବୃଦ୍ଧି ଘଟିଛି ବୋଲି ସେ କହିଛନ୍ତି।

## ବିଜେପିର ବୁଦ୍ଧିଜୀବି ସମ୍ମିଳନୀ

# ମମିତା ହତ୍ୟାକାଣ୍ଡ ଘଟଣାର ନିରପେକ୍ଷ ତଦନ୍ତ ହେଉନାହିଁ

ଭୁବନେଶ୍ୱର,୧୧/୧୧ (ନି.ପ୍ର): ମମିତା ହତ୍ୟାକାଣ୍ଡ ଘଟଣାର ତଦନ୍ତ ସଠିକ ଭାବେ ହେଉନାହିଁ । ଏପର୍ଯ୍ୟନ୍ତ ସେ ଘଟଣାଟି ରହସ୍ୟମୟ ହୋଇ ରହିଛି। ଘଟଣାରେ କେବଳ ଗୋବିନ୍ଦ ସାହୁ ଏବଂ ତାଙ୍କ ଦୁଇ ଜଣ ସହଯୋଗୀଙ୍କୁ ଗିରଫ କରାଯାଇଥିବାବେଳେ ବହୁ ପ୍ରଭାବଶାଳୀ ଅଭିଯୁକ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ । । ଘଟଣା ଘଟିବାର ମାସେ ପର୍ଯ୍ୟନ୍ତ ନୀରବ ଥିବା ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତରେ ଯାଇ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ସହ ମଂଚରେ ବସିବା କାରଣରୁ ତଦନ୍ତ କରୁଥିବା ପୋଲିସ ଉପରେ ନିଶ୍ଚିତ ଭାବେ ଚାପ ପଡିବ । ତେଣୁ ଏଭଳି ଏକ ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଇ ତଦନ୍ତର ଦାୟୀତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଉ ବୋଲି ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର କହିଛନ୍ତି । ବରିଷ୍ଠ ଆଇନଜୀବି ତଥା ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ବହୁଚର୍ଚ୍ଚିତ ମମିତା ହତ୍ୟାକାଣ୍ଡରେ ବର୍ତ୍ତମାନ ସୁଦ୍ଧା ସଂଗ୍ରହ କରାଯାଇଥିବା ସମସ୍ତ ତଥ୍ୟ ଓ ପ୍ରମାଣ କୋର୍ଟରେ ଗ୍ରହଣୀୟ ନୁହେଁ। ମମିତା ହତ୍ୟାକାଣ୍ଡକୁ ଚାରି ଚାରିଟି ଥାନା ଅଧିନକୁ ଆଣି ପ୍ରଥମରୁ ତଦନ୍ତ ପ୍ରକ୍ରିୟାକୁ ବାଟବଣା କରାଯାଇଛି । ପରିବାରବର୍ଗଙ୍କ ମୁଖ୍ୟ ଷଡଯନ୍ତକାରୀ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କୁ ଅଢୁଆଳରେ ରଖାଯାଇ ସୁଚିନ୍ତିତ ଭାବେ ଗୋଟିଏ କାହାଣୀ ଲେଖାଯାଇଛି, ଯାହାକି କେବଳ ମନ୍ତ୍ରୀଙ୍କୁ ନୁହେଁ ବରଂ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁକୁ ମଧ ଦୋଷୀ ବୋଲି ସାବ୍ୟସ୍ତ କରିପାରିବ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏନସିଆରବି ରିପୋର୍ଟ ଅନୁଯାୟୀ ଓଡିଶାରେ ଦୈନିକ ୪ ଦୁଷ୍କର୍ମ ଓ ୫ ଅପହରଣର ଶିକାର ହେଉଛନ୍ତି । ୨୦୧୫ ରୁ ୨୦୨୦ ମସିହା ଭିତରେ ୨୭୦୦୦ ରୁ ଉର୍ଦ୍ଧ୍ୱ ଶିଶୁ ନିଖୋଜ ▶▶ପୃଷ୍ଠା ୭

# ଫୁଲବାଣୀ ପୌର ପରିଷଦ ଓ ଜିଲ୍ଲାର ଦୁଇ ବିଜ୍ଞାପିତ ପରିଷଦ ସଂରକ୍ଷଣ ତାଲିକା ଘୋଷଣା

କନ୍ଧମାଳ,୧୧/୧୧ (ନି.ପ୍ର): ଫୁଲବାଣୀ ମୁନିସପାଲଟି ସମେତ ଜିଉଦୟଗିରି ଓ ବାଲିଗୁଡ଼ା ବିଜ୍ଞାପିତ ପରିଷଦର ସଂରକ୍ଷଣ ତାଲିକା ଘୋଷଣା ହୋଇଛି । ଆଗକୁ ମାସ କେଇଟା ଗଲେ ପୌର ନିର୍ବାଚନ । ଏହାକୁ ଦୃଷ୍ଟିରେ ରଖି ଫୁଲବାଣୀ ପୌରପାଳିକା ସମେତ ଜିଉଦୟଗିରି ଓ ବାଲିଗୁଡ଼ା ଏନଏସିର ୱାର୍ଡ ୱାରି ଆରୀ ସଂରକ୍ଷଣ ତାଲିକା ପ୍ରକାଶ କରାଯାଇଛି ।

୧୩ ୱାର୍ଡ ବିଶିଷ୍ଟ ଫୁଲ ବାଣୀ ପୌରପରିଷଦର ୧ନଂ.୮ନଂ,୧୦ ନଂ ଓ ୧୨ ନଂ ଆସନ ଅଣସଂରକ୍ଷିତ ଥିବାବେଳେ ୪,୯ ଓ ୧୧ଆସନ ଅନୁସୁଚିତ ଜାତି ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ୫,୬,୧୩ ନମ୍ବର ୱାର୍ଡ ସାଧାରଣ ବର୍ଗ ମହିଳା ଙ୍କ ପାଇଁ ଥିବା ବେଳେ ୨ନମ୍ବର ୱାର୍ଡ କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ । ୩ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି ପାଇଁ ଉଦ୍ଦିଷ୍ଟ ରଖାଯାଇଛି ।

ବାଲିଗୁଡ଼ା ଏ ନ ଏସିରେ ୧୩ଟି ୱାର୍ଡ ପାଇଁ ସଂରକ୍ଷଣ ତାଲିକା ପ୍ରସ୍ତୁତ ହୋଇଛି । ସେଥିମଧ୍ୟରୁ ୧,୬,୧୧ନମ୍ବର ୱାର୍ଡ ଅସଂରକ୍ଷିତ ଥିବାବେଳେ ୨ ଓ ୫ ନମ୍ବର ୱାର୍ଡ ଅନୁସୁଚିତ ଜାତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ, ରହିଛି ।୭, ୮ ,୯,ଓ୧୦ ନମ୍ବର ୱାର୍ଡସ ସାଧାରଣ ବର୍ଗ ମହିଳା ଙ୍କ ପାଇଁ ରହିଛି ।

୪ ନମ୍ବର ୱାର୍ଡ ଅନୁସୁଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷଣ ଥିବା ବେଳେ ୧୨ନମ୍ବର ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ । ୧୩ନମ୍ବର ୱାର୍ଡ ଅନୁସୁଚିତ ଜାତି ପାଇଁ ରହିଛି ।

ସେହିପରି ଜିଉ ଦୟଗିରି ଏନଏସିର ୧୩ଟି ୱାର୍ଡ ମଧ୍ୟରୁ ୧,୫, ୮ଓ ୧୩ୱାର୍ଡ ଅସଂରକ୍ଷିତ ରହିଛି । ୨, ୪, ୭,ଓ ୯ନମ୍ବର ସାଧାରଣ ବର୍ଗ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ୧୧ଓ ୧୨ଅନୁସୁଚିତ ଜନଜାତି ମହିଳାଙ୍କ ପାଇଁ ରହିଛି । ୩ ନମ୍ବର ୱାର୍ଡ଼ ଅନୁସୁଚିତ ଜାତି ମହିଳାଙ୍କ ପାଇଁ ଥିବା ବେଳେ ୧୦ ନମ୍ବର ୱାର୍ଡ ଅନୁସୂଚିତ ଜନଜାତିଙ୍କ ପାଇଁ ରହିଛି । ୬ ନମ୍ବର ୱାର୍ଡ ଅନୁସୂଚିତ ଜାତିଙ୍କ ପାଇଁ ରହିଛି ।

ସଂରକ୍ଷଣ ତାଲିକାକୁ ନେଇ ପୌରାଂଚଳ ଦ୍ରର ବିଭିନ୍ନ ଦଳର ନେତା ଓ କର୍ମୀମାନେ ଟିକଟ ଲବି ଆରମ୍ଭ କରି ଦେଇଥିବା ଜଣାପଡିଛି । ତେବେ ଏଥର ଅଧକ୍ଷ ପଦବୀ ପାଇଁସିଧାସଳଖ ନିର୍ବାଚନ ହେବ । ଅଧକ୍ଷ ପଦବୀର ସଂରକ୍ଷଣ ତାଲିକ। ପ୍ରକାଶ ପାଇନଥିବା ଫଳରେ ଏହି ପଦବୀ ପାଇଁ ଆଶୀୟୀ ନେତାମାନେ ଅନାଇ ବସିଛନ୍ତି ।

ତେବେ ଫୁଲବାଣୀ ପୌରାଧ୍ୟକ୍ଷ ଆସନ ସାଧାରଣ ବର୍ଗ ହେବ ବୋଲି କୁହାଯାଉଥିବାବେଳେ ବାଲିଗୁଡ଼ା ଏନଏସି ଅଧକ୍ଷ ଆଦିବାସୀଙ୍କ ପାଇଁ ଓ ଜି.ଉଦୟଗିର ଆସନ ମହିଳାଙ୍କ ପାଇଁ ସଂରକ୍ଷଣ ରହିପାରେ ବୋଲି ଶୁଣିବାକୁ ମିଳୁଛି । ତେବେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଲେ ହିଁ ସଠିକ ଜଣାପଡିବ ।

# ଚିତ୍ରକୋଣ୍ଡାରେ ମହିଳା ସଶକ୍ତିକରଣ ଓ ମହିଳା ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୧୧/୧୧ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହ ଠାରେ ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ମାଧମରେ ଅଖିଳ ଭାରତୀୟ ସଚେତନତା ଏବଂ ପ୍ରଶାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ସଚିବ ରାକେଶ କୁମାର ମୁଦୁଲିଙ୍କ ଅଧକ୍ଷତାରେ ବିଷ୍ଣୁ ପ୍ରସାଦ ନାଲା ଓ ରାଜେଶ ପଟ୍ଟନାୟକ, ଚିତ୍ରକୋଣ୍ଡା ବିଡ଼ିଓ ରାହୁଲ ମଣ୍ଡଳ ମଂଚାସିନରହି ମହିଳା ସଶକ୍ତିକରଣ ମହିଳା ସମ୍ପକିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ଅଂଚଳର ବହୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ,ବିଭିନ୍ନ ବିଦ୍ୟାଳୟର ଶିକ୍ଷୟତ୍ରୀ,ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନବାଡି କର୍ମୀ, ଆଇସିଡିଏସ ସୁପର ଭାଇଜର ଏବଂ ସ୍ଥାନୀୟ ବହୁ ମହିଳାଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା କ୍ଷ ଉକ୍ତ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଟି ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଜି ଚିତ୍ରକୋଣ୍ଡା ଠାରେ ମହିଳା ମାନଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନ ତଥା ଧାରା ଓ ଦଣ୍ଡ ବିଧାନ ସମ୍ପର୍କରେ ସଚେତନ କରାଯିବା ସହିତ ଆଜିର ସମାଜରେ ମହିଳା ମାନଙ୍କ ପ୍ରତି ଘଟୁଥିବା ଘରୋଇ ହିଂଶା, ନାରୀ ନିର୍ଯ୍ୟାତନା, ପ୍ରତାରଣା ର ଶିକାର ହେଉଥିବା ମହିଳା, ବଳାତ୍କାର ଶିକାର ହେଉଥିବା ମହିଳା, ପୋଡ଼ା ଜଳାର ଶିକାର ହେଉଥିବା ମହିଳା ପ୍ରତି ଜିଲା ଆଇନ ସେବା ପ୍ରାଧିକାରଣ ତରଫରୁ ଥିବା ଆଇନ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସଚେତନ କରାଯାଇଥଲା । ମହିଳାଙ୍କ ପ୍ରତି ଘଟୁଥିବା ଅନ୍ୟାୟ କୁ ରୋକିବାକୁ ସ୍ଥାନୀୟ ଥାନାରେ ମହିଳା ଡେସ୍କ, ସିଡବ୍ଲୁସି, ମହିଳା କମିସନ ଭଳି ବହୁ ଅନୁଷ୍ଠାନ ଅଛି ତାର ସୁବିଧା ମଧ ନେଇପାରିବେ ।

# ପାରିବାରିକ ଅଶାନ୍ତିରୁ ମହିଳାଙ୍କ ଆତ୍ମହତ୍ୟା

ଭୁବନ,୧୧/୧୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ଗ୍ରାମର ଜନୈକା ମହିଳା ପାରିବାରିକ ଅଶାନ୍ତିରୁ ନିଜର ମାନସିକଭାରସାମ୍ୟ ହରାଇ ଆଜି ଅପରାହ୍ନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବାଲିବୋ ଗ୍ରାମର ଧବଳେଶ୍ୱର ନାୟକଙ୍କ ପତ୍ନୀ କୁନି ନାୟକ(୪୬)ତାଙ୍କ ଝିଅ ଘରୁ ପଳାଇଯାଇ ଅନ୍ୟ ଜାତିରେ ସ୍ୱଇଚ୍ଛାରେ ବିବାହ କରିଥିବା ଯୋଗୁ କୁନି ମାନସିକ ଅଶାନ୍ତିରେ ରହୁଥିଲେ । ଆଜି ଅପରାହ୍ନ ୪ ଘଟିକା ସମୟରେ ଘରେ କେହି ନଥିବାର ସୁଯୋଗରେ କୁନି ବେକରେ ରଶିଲଗାଇ ଆତ୍ମହତ୍ୟା କରିଥିଲେ । ପରେ ପରିବାର ସଦସ୍ୟ ତାଙ୍କୁ ଭୁବନ ଡାକ୍ତରଖାନାକୁ ଆଣିଥିଲେ । ପୋଲିସ ଖବର ପାଇ ଡାକ୍ତରଖାନାରେ ପହଂଚି ତଦନ୍ତ ଚଳାଇଛି ।

# ଧର୍ମଶାଳାରେ ବିଜେପିର ମିଶ୍ରଣ ପର୍ବ

ଧର୍ମଶାଳା,୧୧/୧୧ (ନି.ପ୍ର): ପଂଚାୟତ ସ୍ତରୀୟ ନିର୍ବାଚନ ସମୟ ପାଖେଇ ଆସୁଛି । ନିଜ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତେ ରଣ କୌଶଳ ନେଇ ପ୍ରସ୍ତୁତ ହେଉଛନ୍ତି । ଅନ୍ୟପକ୍ଷେ ନେତାଙ୍କ ଠାରୁ ଆରମ୍ଭ କରି କର୍ମୀ ପର୍ଯ୍ୟନ୍ତ ଦଳ ଡିଆଁ ପର୍ବ ଚାଲିଛି । ଏହି କ୍ରମେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସରଗରମ ହେଉଛି । ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏନେଇ ଏହି ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଦଳ ଛାଡି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ଉଦ୍ୟମକୁ ଅନୁକରଣ କରିବା ସହ ନାରୀ ନେତ୍ରୀ ସ୍ମୃତିରେଖାଙ୍କ ସଂଗଠିତ ଉଦ୍ୟମକୁ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି । ଦୟାନିଧି ରାଉତ, ମଦନ ରାଉତ, ଯୁଗଳ ରାଉତ, ପଦ୍ମନାଭ ମଲିକ, ଶଙ୍କା ଜେନା, ପଙ୍କଜ ସାହୁ, ଅମୂଲ୍ୟ ପରିଡା, ବିଦ୍ୟାଧର ପରିଡା ଓ ଗଣେଶ ସ୍ୱାଇଁଙ୍କ ସମେତ ବହୁ କର୍ମୀ ବିଜେପିରେ ସାମିଲ ହୋଇଥିଲେ । ସ୍ମୃତିରେଖା ସେମାନଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ ।

# କାଳୀପୂଜା ଭସାଣି ଉତ୍ସବ: ବାଜାରେ ଦୁଲୁକିଲା ଭୁବନ

ଭୁବନ,୧୧/୧୧ (ନି.ପ୍ର): ଗତ ଗୁରୁବାର ରାତିରୁ କାଳୀବଜାର ଓ ସିନେମାହଲ ଛକ(ଅରାସାହି)ରେ ଶକ୍ତିସ୍ୱରୂପିଣୀ, ଅଭୟଦାୟିନୀ, ଦୁଷ୍ଟନିବାରିଣୀ ମା'କାଳୀଙ୍କ ପୂଜାର୍ଚ୍ଚନା କରାଯାଇ ଆଜି ଅପରାହ୍ନରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଜା ବାଣରେ ସମଗ୍ର ଭୁବନ କମ୍ପୁଛି । କାଳୀବଜାର ବଣିକ ସଂଘ ଓ ସିନେମାହଲ ଛକ(ଅରାସାହି) କାଳୀମେଢ଼ ଅପରାହ୍ନ ୨ ଘଟିକା ସମୟରେ ନିଜନିଜର ଆସ୍ଥାନରୁ ସିଙ୍ଗବାଜା, ଭାଙ୍ଗଡା, ଢୋଲବାଦ୍ୟ, ଲଉଡିବାଡି, ପାରମ୍ପରିକ ଘୋଡାନାଚ, ଲୋକକଳା ସହିତ ଶୋଭାଯାତ୍ରାରେ ବାହାରି ନୂଆବଜାର, ଗଣେଶବଜାର, ଗୁଜୁରୀହାଟ, ଦୁର୍ଗାଛକ, ଲକ୍ଷ୍ମୀଛକ, ବଣିଆସାହି, ରାଉତସାହି, ବେହେରା ସାହି, ବାଜିଛକ, ବଡ଼ହାଟ ଦେଇ ସହର ପରିକ୍ରମା କରୁଛି । କାଳୀବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ ବ୍ୟବସାୟୀଭାଇମାନେ ସାମିଲ ହୋଇଥିବାବେଳେ ସିନେମାହଲ ଛକ(ଅରାସାହି) ସଭାପତି ସନ୍ତୋଷ କୁମାର ପୋଥାଳଙ୍କ ନେତୃତ୍ୱରେ ସାହିଭାଇଙ୍କ ସହଯୋଗରେ ଶୃଙ୍ଖଳାର ସହ ଭସାଣି ଯାତ୍ରା ଅନୁଷ୍ଠିତ ହେଉଛି ।

# ଲଗାଣ ସମୟରେ ଚିନାବାଦାମ ବିହନ ଯୋଗାଇ ଦେବାକୁ ଦାବି

ଧର୍ମଶାଳା,୧୧/୧୧ (ନି.ପ୍ର): ସାରା ରାଜ୍ୟରେ ଏବେ ଧାନରେ ଚକଡା ପୋକ ଲଗିଛି । ଫଳରେ ଚାଷୀ ଧାନଗଛକୁ ପୋଡି ଦେଉଥିବା ଚର୍ଚ୍ଚାର ବିଷୟ ପାଲଟିଛି । ଯାଜପୁର ଜିଲାରେ ମରୁଡିର ପ୍ରତିଧ୍ୱନୀ ଶୁଭୁଥିବା ବେଳେ ଚାଷୀ ମୁଣ୍ଡରେ ଏବେ ହାତଦେଇ ବସିଛି । ବର୍ଷକ ରୋଜଗାର ଆହାର ତା ପାଖରେ ନ ଥିବାରୁ କେତେ ଚାଷୀ ରଣ ବୋଝରେ ଆତ୍ମହତ୍ୟା କରୁଥିବା ଦେଖିବାକୁ ମିଳୁଛି । ହେଲେ ଯାହା କରମକୁ ଆଦରୀ ଚାଷୀ ପଡିରହିଛି । ହେଲେ ଏବେ ଅନେକ ଚାଷୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବା ଲାଗି ପ୍ରସ୍ତୁତ ହେଉଥିବା ଜଣାପଡିଛି । ରବି ଫସଲ ପାଇଁ ରସୁଲପୁର ଓ ଧର୍ମଶାଳା ବ୍ଲକର ଚାଷୀମାନେ ଚିନାବାଦାମ ଚାଷ କରିଥାଆନ୍ତି । ଚଳିତ ବର୍ଷ ଏହି ଦୁଇ ବ୍ଲକରେ ୮ ହଜାର ହେକ୍ଟରରୁ ଉର୍ଦ୍ଧ ଚାଷ ଜମିରେ ଚିନାବାଦାମ ଚାଷ କରାଯିବା ନେଇ ଲକ୍ଷ ଧାର୍ଯ୍ୟ ରହିଥିବା ଜଣାପଡିଛି । ପାଗ ସାମାନ୍ୟ ଅନକୂଳଥିବାରୁ ଚାଷୀମାନେ ବିଲରେ ଚାଷକାମ ସାରି ସରକାରୀ ବିହନକୁ ଅନାଇ ବସିଛି । ହେଲେ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ବିହନ ଯୋଗାଇ ଦେବାତ ଦୂରର କଥା ସେପରି କିଛି ବିହନ ଆସିବା ନେଇ ସେପରି କିଛି ସୂଚନା ମଧ ନାହିଁ । ଫଳରେ ଚାଷକାମ ପଛୁଆ ହୋଇଯିବ ବୋଲି ଆଗକୁ ଗ୍ରୀଷ୍ମଋତୁକୁ ଲକ୍ଷ୍ୟ କରି ବିହନ କଳାବଜାରରୁ ଉଚ୍ଚଦରରେ କିଣୁଥିବା ଅଭିଯୋଗ ହୋଇଛି । ବଜାରରେ କ୍ୱିଂଟାଲ ପିଛି ୯ରୁ୧୦ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରୀ କରାଯାଉଛି । ଫଳରେ ଚାଷୀମାନେ ଏତେ ଟଙ୍କା ଦେଇ ଚିନାବାଦାମ ବିହନ କିଣିବା ସେମାନଙ୍କ ପକ୍ଷେ ସମ୍ଭବପର ହେଉନାହିଁ । ଫଳରେ ଚାଷକାମ ଅଧପାନ୍ତରୀଆ କରି ଛାଡିଦେଇଥିବା ଦେଖିବାକୁ ମିଳିଛି । ସେବା ସମବାୟ ସମିତି ପକ୍ଷରୁ ବିହନ ରିହତି ଦରରେ ଯୋଗାଇ ଦେବାକୁ ଚାଷୀଭାଇମାନେ ଲୋକପ୍ରତିନିଧିଙ୍କ ନିକଟରେ ଦାବି କରୁଥିଲେ କିଛି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି । ପୂର୍ବବର୍ଷମାନଙ୍କରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଚିନାବାଦାମ ବିହନ ଦେଖିବାକୁ ମିଳିନଥିଲା । ହେଲେ ଚଳିତ ବର୍ଷ ସେହି ନିତିରେ ପ୍ରଶାସନ ନବଦଳେ ତାହା ହେଲେ ଚାଷୀ କୂଳ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଂଚଳର ବହୁ ଅଗ୍ରଣୀ ଚାଷୀଭାଇ ମତ ପ୍ରକାଶ କରିଛନ୍ତି । ବହୁ ବିଳମ୍ବରେ ସରକାର ବିହନ ଯୋଗାଇଲେ ମଧ୍ୟ ସେତବେଳ୍କୁ ଚାଷକାମ ସମ୍ପୂର୍ଣ୍ଣ ସରିଯାଇଥାଏ । ଏହି ବିହନକୁ ଲୋଭଖୋର ବେପାରୀମାନଙ୍କୁ ବିକ୍ରୀ କରିଥାଆନ୍ତି । ଯାହାକି ସେମାନେ ସରକାରୀ ଧନକୁ ଚଳୁକରି ବେଶ୍ ଦୁଇ ପଇସା ରୋଜଗାର କରିଥାଆନ୍ତି । ତୁରନ୍ତ ଚାଷୀଭାଇମାନଙ୍କୁ ସେବା ସମବାୟ ସମିତି ପକ୍ଷରୁ ରିହାତି ମୂଲ୍ୟରେ ବିହନ ଯୋଗାଇ ଦେବାକୁ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା, ବନ୍ଧଡିହ, ମଙ୍ଗରାଜପୁର, ଅର୍ଥଙ୍ଗା ପଂଚାୟତ ଓ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଦେଓଦା, ଅରାବଳ, କଦମପାଳ, କୋଟପୁର ପଂଚାୟତର ଅଗ୍ରଣୀ ଚାଷୀମାନେ ଦାବି କରିଛନ୍ତି । ନହେଲେ ଆଗାମୀ ଦିନରେ ଚାଷୀକୂଳ ଅବସ୍ଥା ଶୋଚନୀୟ ଅବସ୍ଥା ଆଡ଼କୁ ଅଗ୍ରସର ହେଲେ କେତେ ଯେ ଚାଷୀ ଆତ୍ମହତ୍ୟା କରିବେ ତାହା କିଏ କହିବ । ଅନ୍ୟପକ୍ଷେ ଚାଷୀ କୃଷି ବିଭାଗ କାର୍ଯ୍ୟାଳୟ ଓ ସମବାୟ ସମିତି କାର୍ଯ୍ୟାଳୟକୁ ଦୌଡିଦୌଡି ନୟାନ୍ତ ହେଲେଣି । ଅପେକ୍ଷା କରିବାକୁ ଉତର ମିଳୁଛି । ସେପଟେ ବିହନ ଆସିଲେ ଦିଆଯିବ, ବିହନ କର୍ପୋରେସନ ପକ୍ଷରୁ ବିହନ ଯୋଗାଣ ବିଳମ୍ବ ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଥିବା ନେଇ ଧର୍ମଶାଳା କୃଷି ଅଧିକାରୀ କ୍ରଦୀପ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

# ପର୍ଯ୍ୟଟନ ସ୍ଥଳୀକୁ ପକ୍କା ରାସ୍ତା ନିର୍ମାଣ ଦାବି କରି ଗ୍ରାମବାସୀଙ୍କ ରାସ୍ତାରୋକ

କନ୍ଧମାଳ,୧୧/୧୧ (ନି.ପ୍ର): ପର୍ଯ୍ୟଟନ ସ୍ଥଳୀ ପୁତୁଡ଼ି କୁ ସ୍ଥାୟି ରାସ୍ତା ନିର୍ମାଣ ଦାବୀ ରେ ରାସ୍ତା ରୋକ ଫୁଲବାଣୀ ବ୍ଲକ ଅନ୍ତର୍ଗତ ଡୁ ଡିପା ଜୁ ପଂଚାୟତ ଅନ୍ତର୍ଗତ ପର୍ଯ୍ୟଟନ ସ୍ଥଳୀ ପୁତୁଡ଼ି କୁ ସ୍ଥାୟୀ ରାସ୍ତା ନିର୍ମାଣ ଦାବୀ କରି ଉତ୍ୟକ୍ତ ଗ୍ରାମବାସୀ ବୁଧବାର ସକାଳୁ ରାସ୍ତା ଅବରୋଧ କରିଛନ୍ତି ।

ବର୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଗଲାଣି ଆଉ ଜ଼ିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ମାନେପୁତୁଡ଼ି ଜଳପ୍ରପାତ କୁ ଉପଭୋଗ କରିବାକୁ ଆସିଲେଣି । ହେଲେ ପୁତୁଡ଼ି ଛକ ରୁ ପୁତୁଡ଼ି ଯାଏ ଥିବା ପ୍ରାୟ ଦଶ କିଲୋମିଟର ରାସ୍ତା ର ଅବସ୍ଥା ଶୋଚନୀୟ ହୋଇପଡିଛି । ଗାଡ଼ିମଟର ଯା ଆସ କରିବା କଷ୍ଟକର ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଖବର ପାଇ ଫୁଲବାଣୀ ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁ ଏବଂ ସଦର ଥାନା ପୋଲିସ ଓ ଫୁଲବାଣୀ ବି ଡି ଓ ଶାନ୍ତନୁ କୁମାର ନାୟକ ପ୍ରମୁଖ ଘଟଣା ସ୍ଥଳ ରେ ପହଂଚି ଉତ୍ୟକ୍ତ ଲୋକ ଙ୍କୁ ବୁଝାସୁଝା କରୁଛନ୍ତି ।

ତେବେ ବୁଢାଦାନୀ ଯାଏ ପ୍ରାୟ ୫ କିମି ରାସ୍ତା କୁ ଗ୍ରାମ୍ୟଉନ୍ନୟନ ବିଭାଗ କୁ ହସ୍ତାନ୍ତର କରାଯାଇଛି ସେହି ରାସ୍ତାକୁ ଆର ଡି ପିଚୁ ରାସ୍ତା କରିବ ଆଉ ଅବଶିଷ୍ଟାଂଶ ରାସ୍ତା ବ୍ଲକ ପକ୍ଷରୁ ମରାମତି କରାଯାଇଥିବା ବି ଡି ଓ ନାୟକ କହିଛନ୍ତି ।

# ପୋଷଣ ବଗିଚାରେ ରୋଗ ପୋକ ପରିଚାଳନା ସମ୍ପର୍କିତ କାର୍ଯ୍ୟକ୍ରମ

ଜୟପୁର,୧୧/୧୧ (ନି.ପ୍ର): ଏମଏସ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଜୟପୁର ଠାରେ ବିରାକ ପ୍ରକଳ୍ପ ତରଫରୁ ପୋଷଣ ବଗିଚାର ରୋଗ ପୋକ ପରିଚାଳନା ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାଯ୍ୟକ୍ରମରେ କୋରାପୁଟ, ବୈପାରିଗୁଡା ଓ କୁନ୍ଦୁରା ବ୍ଲକର ୨୦ଟି ଗ୍ରାମର ପ୍ରଶିକ୍ଷତ୍ରୀ ଯୋଗ ଦେଇ ତାଲିମ ନେଇଛନ୍ତି । ସହକାରୀ କୃଷି ଅଧିକାରି ତାପସ ଚନ୍ଦ୍ର ରାୟ ପନିପରିବା ଚାଷ ସମ୍ପର୍କରେ ବିହନ ବିଶୋଧନ ଠାରୁ ଅମଳ ଯାଏ ସମସ୍ତ ପ୍ରକାର ପ୍ରଣାଳି ପିଷୟରେ ପ୍ରଶିକ୍ଷତ୍ରୀ ମାନଙ୍କୁ ବୁଝାଇଥିଲେ । ପୋଷଣ ବଗିଚାରେ ରୋଗ ପୋକ ପରିଚାଳନା ବିଷୟରେ ଜୟପୁର ବ୍ଲକ କୃଷି ଅଧିକାରି ସଞ୍ଜୟ କୁମାର ଦଳେଇ ଜୈବିକ ଓ ରାସାୟନିକ ଉପାୟରେ ରୋକା ଯାଇ ପାରିବ ବୋଲି ସଚେତନ କରିଥିଲେ । କାଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପରିଡା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ବୈଜ୍ଞାନିକ କାର୍ତିକ ଚରଣ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ରାଜପଥ ଟୋଲପ୍ଲାଜା ୱାର୍କସ ୟୁନିଅନ୍ ପକ୍ଷରୁ କିଡ଼ନୀ ଆକ୍ରାନ୍ତକୁ ସହଯୋଗ

କୋରାଇ,୧୧/୧୧ (ନି.ପ୍ର): କୋରାଇ ବ୍ଲକ ପଥରପଦା ପଂଚାୟତର ପଥରପଦା ଗ୍ରାମର ସୁରେନ୍ଦ୍ର ପୃଷ୍ଟିଙ୍କ ଏକ ମାତ୍ର ପୁଅ ରାଜୀବ ଯେ କି ଦିନେ ଘରର ରୋଜଗାରର ଏକମାତ୍ର ମାଧ୍ୟମ ଥିଲେ ବର୍ତମାନ ଦୁଇଟିଯାକ କିଡ଼ନୀ ଅଚଳ ହୋଇଯିବା ଯୋଗୁଁ ଶଯ୍ୟାଶାୟୀ ହୋଇ ଘରେ ପଡ଼ିରହିଛନ୍ତି । ରାଜୀବଙ୍କ ବାପା ତାଙ୍କୁ ଭୁବନେଶ୍ୱରର ଏମ୍ସ ଡ଼ାକ୍ତରଖାନାରେ ଦେଖାଇବା ପରେ ଡ଼ାକ୍ତର ଦୁଇଟିଯାକ କିଡ଼ନୀ ଅପରେସନ କରି ବାହାର କରିବା ଲାଗି ପରାମର୍ଶ ଦେବା ସହିତ ଏଥିଲାଗି ୧୮ରୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ । ରାଜୀବ ଘରର ଏକମାତ୍ର ପୁଅ ହୋଇଥିବାବେଳେ ଏକଦା ଘଂଟା ମରାମତି ଦୋକାନ କରି ପରିବାର ଚଳାଉଥିବା ରାଜୀବଙ୍କ ବାପା ସୁରେନ୍ଦ୍ର ଏବେ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ିତ । ଜମିବାଡ଼ି ବୋଇଲେ କିଛିନାହିଁ । ସାଇପଡ଼ିଶା, ବନ୍ଧୁ ପରିଜନ ଯାହା ସାହାଯ୍ୟ କରୁଛନ୍ତି ତାହା ମେଡ଼ିସିନ ଖର୍ଚ୍ଚକୁ ନିଅଂଟ । ଏପରିସ୍ଥଳରେ ପୁଅକୁ କିପରି ଚିକିତ୍ସା କରିବେ ବୋଲି କାନ୍ଦି କାନ୍ଦି କହିଛନ୍ତି ସୁରେନ୍ଦ୍ର । ଚିକିତ୍ସା ନିମନ୍ତେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ଆମେ ବିପଦରେ ସାଥି ସହଯୋଗର ହାତ ବଢାଇଛିନ୍ତି । ଆଜି ଜାତୀୟ ରାଜପଥ ଟୋଲ ପ୍ଲାଜା ୱାର୍କସ ୟୁନିଅନ ପକ୍ଷରୁ କର୍ମଚାରୀ ମାନଙ୍କ ଦରମା ଅର୍ଥରୁ ୪୭ ହଜାର ଟଙ୍କା ରାଜୀବଙ୍କ ଚିକତ୍ସା ନିମନ୍ତେ ପ୍ରଦାନ କରାଯାଇଛି । ୟୁନିଅନ ପକ୍ଷରୁ ଚନ୍ଦ୍ରକାନ୍ତ ଖଣ୍ଡାଇ, ଅଜୟ ମଳିକ, ବୃନ୍ଦାବନ ସାହୁ, ପଙ୍କଜ ବିଦ୍ୟାଧର ସାମଲ, ବିବେକାନନ୍ଦ ଦାସ, ବିଜୟ ଦାସ, ସନ୍ତୋଷ ଦାସ, ଅମୂଲ୍ୟ ସାହୁ, ଶୁଭ୍ରକାନ୍ତ ପରିଡା, ପ୍ରଭାକର ସାହୁ, ବିପିନ ବିହାରୀ ସ୍ୱାଇଁ, ଆଶୋକ ପାତ୍ର, ଶିବୁ ରାଉତ, ଅଭିଜିତ୍ ମହାପାତ୍ର, ଅଶୋକ ଲେଙ୍କା, ସେମାନନ୍ଦ ମହାପାତ୍ର, ଆର୍ତ ମଳିକ, ଆଦିତ୍ୟ ମଳିକ, ଚକ୍ରଧର ଓଝା, ବିକାଶ ମଳିକ, ମଂଟୁ ମଳିକ, ପ୍ରଭାତ ମଳିକ, ଶାନ୍ତନୁ ବାରିକ, ଅଭୟ ଖଣ୍ଡାଇ, ରବିନ୍ଦ୍ର ବିନ୍ଧାଣୀ, ମଧୁସୂଦନ ଦଳାଇ, ଆକାଶ ଦାସ, ଅରୁଣ ମହାପାତ୍ର, ପ୍ରଶାନ୍ତ ଦାସ ପ୍ରମୁଖ ରାଜୀବଙ୍କ ଘରେ ପହଂଚି ସମବେଦନା ଜ୍ଞାପନ କରିବା ସହ ଅର୍ଥରାଶି ପ୍ରଦାନ କରିଛନ୍ତି ।

# ଟାଟା କମ୍ପାନୀଠାରୁ ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ହଟାଇବା ପାଇଁ ସିପିଆଇର ଦାବି

କେନ୍ଦ୍ରାପଡ଼ା,୧୧/୧୧ (ନି.ପ୍ର): କେନ୍ଦ୍ରାପଡା ଶାଖା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ବୁଧବାର ଟାଟା କମ୍ପାନୀକୁ ଦିଆ ଯାଇଥିବା ବିଦ୍ୟୁତ୍ ପରିଚାଳନା ଦାୟିତ୍ୱକୁ ହଟାଇବା ପାଇଁ ଦଳ ତରଫରୁ ଏକ ଗଣ ବିକ୍ଷୋଭ କରାଯାଇଛି । ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏକ ଶୋଭାଯାତ୍ରା ରେ ଆସି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ତୁରନ୍ତ ଟାଟା କମ୍ପାନୀ ଠାରୁ ପରିଚାଳନା ଭାର ହଟାଇ ଓଏସଇବି କୁ ଦାୟିତ୍ୱ ହସ୍ତାନ୍ତର କରିବା, ନିତ୍ୟ ବୈବହାର୍ଯ୍ୟ ଜିନିଷ ଯଥା ଖାଇବା ତେଲ, ଡାଲି, ପେଟ୍ରାଲ, ଡିଜେଲ ଆଦିର ଦାମ କମାଯାଉ, କେନ୍ଦ୍ରାପଡାକୁ ପାସେଞ୍ଜର ଟ୍ରେନ ଚଳାଚଳ, ନୂତନ କୃଷି ଆଇନକୁ ତୁରନ୍ତ ବାତିଲ କରାଯିବା, ଖରସ୍ରୋତା ମେଗା ପାନୀୟ ଜଳ ପ୍ରକଳ୍ପକୁ ବାତିଲ କରାଯିବା ଆଦି ଦାବିଗୁଡ଼ିକ ରହିଛି ।

# ବିଏସ୍ଏନ୍ଏଲ୍ ସେବାରେ ବିଭ୍ରାଟ : ଗ୍ରାହକ ହନ୍ତସନ୍ତ

ଧର୍ମଶାଳା,୧୧/୧୧ (ନି.ପ୍ର): ଧର୍ମଶାଳା ଥାନା ଅନ୍ତର୍ଗତ ରସୁଲପୁର ବ୍ଲକ ବ୍ରହ୍ମବରଦା ଟେଲିଫୋନ ଏକ୍ସଚେଞ୍ଜ ବାରମ୍ବାର ହେବ ଅଚଳ ହେବା ପରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଅବିଭକ୍ତ ବ୍ରହ୍ମବରଦା ହେଉଛି ଏକ ମୁଖ୍ୟ ବ୍ୟବସାୟର ମୁଖ୍ୟ କେନ୍ଦ୍ରସ୍ଥଳ ଭାବେ ବେଶ୍ ପରିଚିତ ଥିବାବେଳେ ଏଠାରେ ବହୁ ସଂଖ୍ୟାରେ ଲୋକେ ଦେଶ ବିଦେଶରେ ରହିଆସୁଛନ୍ତି । ଫଳରେ ସେମାନଙ୍କସହ ଯୋଗାଯୋଗ ସହ ଟେଲିଫୋନ ମାଧ୍ୟମରେ ଏହା ସମ୍ଭବ ହୋଇନଥାଏ । ବ୍ରହ୍ମବରଦା ଟେଲିଫୋନ ଏକ୍ସଚେଞ୍ଜରେ ରକ୍ଷଣାବେକ୍ଷଣ ହେଉ ନଥିବା, ବିଦ୍ୟୁତ୍ କାଟ ସମୟରେ ଜେନେରେଟର ନ ଚଳାଇବା, ବହୁ ସମୟରେ ଫିକସ୍ ଲାଇନ ମରାମତି ହେଉ ନ ଥିବାରୁ ଏହି ସେବା ବିଭ୍ରାଟ ବାରମ୍ବାର ହେଉଥିବା ଆଦି ଅଭିଯୋଗ ହେଉଛି । ବହୁ ସମୟରେ ଅନେକ ସ୍ଥାନରେ ତାର ଛିଡୁ ଥିବାବେଳେ ଜରୁରୀ ସମୟରେ କାହାରି ସହ ଯୋଗାଯୋଗ ହୋଇପାରୁନଥିବା ଦେଖିବାକୁ ମିଳୁଛି । ମୋବାଇଲ ସେବା କଥା ନ କହିବା ଭଲ । ମୋବାଇଲ ସେବାସବୁବେଳେ ନେର୍ଟୱାର୍କ ଫେଲ ହେବା ଫଳରେ ବହୁ ସମୟରେ ମୋବାଇଲ ଅଚଳ ରହୁଛି । ଯାହାକୁ ନେଇ ଗ୍ରାହକମାନେ ସରକାରୀ ସେବାରୁ ବଂଚିତ ହେଉଥିବାରୁ ବେସରକାରୀ ସଂସ୍ଥା ଆଡ଼କୁ ମୁହଁ ବଳାଉଛନ୍ତି । ବହୁ ସମୟରେ ତେଲ ମହଜୁଦ ଥାଇ ମଧ୍ୟ ଜେନେରେଟର ଚଳାଯାଉନାହିଁ । ଜନସେବା ମାଧ୍ୟମରେ ଏବେ ଛାତ୍ରଛାତ୍ରୀମାନେ ଇନକମ ସାର୍ଟିପିକେଟ, ଜାତି, ସ୍ଥାନର ନକଲ, ପାଠପଢ଼ିବା, ଆଡମିଶ ଫର୍ମ ଆବେଦନ, ବିଜୁଳି ଓ ଟେଲିଫୋନ ବିଲ, ଫ୍ୟାକ୍ସ, ମେଲ୍, ତତ୍କାଳ ରେଳ ଟିକେଟ ବାହାର କରିପାରୁ ନାହାନ୍ତି । ଗ୍ରାହକମାନେ ଭାରତ ସରକାରଙ୍କ ଏହି ସେବାରୁ ନିବୃତ ରହିବା ସହ ନିକଟ ଅଧିକାରୀଙ୍କ ସହ ଯୋଗାଯୋଗ କଲେ କିଛି ଫଳମିଳୁ ନାହିଁ । ତୁରନ୍ତ ଉଚ୍ଚକତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବୃଦ୍ଧାଶ୍ରମରେ ଶୁଖିଲା ଖାଦ୍ୟ ଓ ମାସ୍କ ବଂଟନ

ପୁରୀ,୧୧/୧୧ (ନି.ପ୍ର): ମଙ୍ଗଳାଘାଟ ସ୍ଥିତ ସଂକଳ୍ପ ଫାଉଣ୍ଡେସନର ଅନ୍ତେବାସୀ ବୃଦ୍ଧବୃଦ୍ଧାମାନଙ୍କୁ ଅକ୍ଷୟପାତ୍ର ଫାଉଣ୍ଡେସନ ପକ୍ଷରୁ ଶୁଖିଲା ଖାଦ୍ୟ ପ୍ୟାକେଟ ଓ ମାସ୍କ ବଂଟନ କରାଯାଇଥିଲା । କୋଡ଼ିଏ ପ୍ୟାକେଟ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା । ଦି ସର୍ଭିସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ୧୫ ପ୍ୟାକେଟ ଗ୍ଲୁକୋଜ ପ୍ରଦାନ କରାଯାଇଥିଲା । ସଂକଳ୍ପ ଫାଉଣ୍ଡେସନର ମୁଖ୍ୟ ସୁଚରିତା ପାଢୀଙ୍କ ଉପସ୍ଥିତରେ ପୁଡ଼ିଆ ବଂଟନ କରାଯାଇଥିଲା । ଶୁଖିଲା ଖାଦ୍ୟ ପ୍ୟାକେଟରେ ୫କିଲୋ ଅଟା , ଗହମ, ସୋଲା, ଫାଳପୁଟ, ତେଲ, ମସଲା, ଡ଼ାଲି ଆଦି ସାମଗ୍ରୀ ରହିଛି । ଏହି କାର୍ଯ୍ୟକ୍ରମରେ ଅକ୍ଷୟପାତ୍ର ଫାଉଣ୍ଡେସନ ମ୍ୟାନେଜର ଜୟରାମ ବାରିକ,ସମାଜସେବୀ ତଥା ସାମ୍ବାଦିକ ଜୟକୃଷ୍ଣ ଦାସ , ବାସେଳୀସାହି ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଭୁଦତ ବିଶ୍ୱାଳ, ଯୁବନେତା ଅଜୟ ସାହୁ, ଶିବପ୍ରସାଦ ସାହୁ, ଓ ଅକ୍ଷୟପାତ୍ର ଫାଉଣ୍ଡେସନର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଉଜିବନ୍ ଫାଇନାନ୍ସ ନାମକ ଏକ କମ୍ପାନୀ ନାମରେ ଠକେଇ ଅଭିଯୋଗ

ଜୟପୁର,୧୧/୧୧ (ନି.ପ୍ର): କୋଟପାଡ଼ ପୋଲିସ ପଞ୍ଝାରେ ଠକାମୀ ସଂସ୍ଥାର ତିନି ଅଭିଯୁକ୍ତ ସହରର ତେଲୁଗୁ ସାହି ସ୍ଥିତ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଥିଲା ପୋଲିସ ଘଟଣା ସ୍ଥଳରୁ ତିନି ଜଣଙ୍କୁ କାବୁ କରିଥିବା ବେଳେ ସେମାନଙ୍କ ଠାରୁ କାଗଜ ପତ୍ର ଓ କିଛି ଟଙ୍କା ଜବତ କରିଛି ପୋଲିସ । ଉମରକୋଟ ଏବଂ କୋଟପାଡ଼ ପୋଲିସ ସହାୟତାରେ ମିଳିତ ଭାବେ ଚଢ଼ାଉ କରାଯାଇଛି । ମାଇକ୍ରୋ ଫାଇନାନ୍ସ ରୋଜ ଭେଲୀ ଏବଂ ସି ସୋର ଭଳି ଚିଟଫଣ୍ଡ ଜମାକାରୀଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟ କରିଥିବା ବେଳେ ଏ ପର୍ଯ୍ୟନ୍ତ ଜମାକାରୀ ନିଜର ଟଙ୍କା ଫେରସ୍ତ ପାଇ ନାହାନ୍ତି । ଏତିକି ବେଳେ ନବରଙ୍ଗପୁର ଜିଲ୍ଲାରେ ଉମରକୋଟ ଏବଂ କୋରାପୁଟ ଜିଲ୍ଲା କୋଟପାଡ଼ ଅଂଚଳରେ ଏକ ଠକ ଉଜ୍ଜୀବନ ନାମକ ସଂସ୍ଥା ଦୀର୍ଘ ଏକ ମାସ ଧରି ନିଜର କାୟା ବିସ୍ତାର କରି ଶହ ଶହ ଜମାକାରୀଙ୍କ ଠାରୁ ଅଧିକ ସୁଧର ପ୍ରଲୋଭନ ଦେଖାଇ ଚୂନ ଲଗେଇଛି । କୋଟି କୋଟି ଟଙ୍କା ଜମା କାରୀଙ୍କୁ ଆକର୍ଷଣ କରି ୮୨୦ ଟଙ୍କା ଜମା କଲେ ଏକ ମାସ ମଧ୍ୟରେ ତିରିଶ ହଜାର ଟଙ୍କା ଏବଂ ୯୨୦ ଟଙ୍କା ବାନ୍ଧିଲେ ଏକ ମାସ ମଧ୍ୟରେ ତାହା ୪୦ ହଜାର ଟଙ୍କା ମିଳିବ ବୋଲି ଅଫର ଦେଇଥିଲା ଜମାକାରୀ ସଂସ୍ଥା । ଲାଳସାରେ ଶିକାର ହୋଇ ଲକ୍ଷ ଲକ୍ଷ ଟଙ୍କା ଜମା କରିଛନ୍ତି କୋଟପାଡ଼ ବ୍ଲକରେ ବିଭିନ୍ନ ଅଂଚଳରୁ ଶହ ଶହ ମହିଳା ଏବଂ ପୁରୁଷ କୋଟପାଡ଼ ଥାନା ସମ୍ମୁଖରେ ନିଜର ଟଙ୍କା ଫେରସ୍ତ ପାଇବା ପାଇଁ ଜଗି ବସିଛନ୍ତି । ସେପଟେ ପୋଲିସ ସଂସ୍ଥାର ତିନି ଜଣଙ୍କୁ ଅଟକ ରଖି ପଚରା ଉଚୁରା କରିବା ସହ କାର୍ଯ୍ୟାଳୟରୁ ଜବତ କାଗଜ ଯାଂଚ କରୁଛି । ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ।

# ୧୩ ତାରିଖରେ ଫୁଲବାଣିରେ ବିଶାଳ ଆଇନ ସେବା ଶିବିର

କନ୍ଧମାଳ,୧୧/୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ, କନ୍ଧମାଳ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ତା ୧୩.୧୧.୨୦୨୧ ରିଖ ପୂର୍ବାହ୍ନ ୧୦ଟା ବେଳେ ଏକ ବିଶାଳ ଆଇନ ସେବା ଶିବିର ଅନୁଷ୍ଠିତ ହେବ । ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରୁ ଜଣାପଡ଼ିଛି ଯେ, କେତେଗୁଡ଼ିଏ ସରକାରୀ ବିଭାଗ ଫୁଲବାଣୀ, ଫିରିଙ୍ଗିଆ ଓ ଖଜୁରୀପଡ଼ା ତହସିଲ କାର୍ଯ୍ୟାଳୟ, କୃଷିବିଭାଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ, ଜଳ ବିଭାଜିକା, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ସମାଜ ମଙ୍ଗଳ, ମଙ୍ଗଳ, ଜଳ ଓ ପରିମଳ, ମିଶନ ଶକ୍ତି, ନିୟୋଜନ, ଜିବିକା ମିଶନ, ଫୁଲବାଣୀ ଆଦି ବିଭାଗର ଷ୍ଟଲ ଖୋଲାଯାଇ ହିତାଧିକାରୀମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆବଶ୍ୟକୀୟ ଆଇନ ସହାୟତା ପ୍ରଦାନ କରାଯିବା ସହିତ ବିଭାଗମାନଙ୍କ ଦ୍ୱାରା ପ୍ରଦତ ସହାୟତା ରାଶିକୁ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯିବ । ଜିଲ୍ଲାର ଜନସାଧାରଣ ଏହି ଶିବିରରେ ବହୁ ସଂଖ୍ୟାରେ ଯୋଗଦାନ କରି ଆଇନ ସେବା ପାଇବାକୁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଅନୁରୋଧ କରାଯାଇଛି ।

# ଟେକ୍‌ନୋଲୋଜିରେ ଟପ୍ କରନ୍ତୁ

ଏବକାର ଯୁବପିଢ଼ି ଟେକ୍‌ନୋଲୋଜିପ୍ରିୟ ହୋଇଥିବାରୁ ଏଥିରେ କ୍ୟାରିୟର ଗଢ଼ିବା ଲାଗି ସେମାନଙ୍କର ଇଚ୍ଛା ଥାଏ । ଯଦି ଆପଣ ବି ଏହି ଶ୍ରେଣୀଭୁକ୍ତ ହୋଇଥାନ୍ତି, ତେବେ ନିମ୍ନୋକ୍ତ ବିକଳ୍ପ ମଧ୍ୟରୁ ବାଛିପାରନ୍ତି ।

**ସି ଡେଭଲପର:** ସି ଲାଙ୍ଗୁଏଜ୍ କେତେକ ପୁରୁଣା ସଫ୍ଟୱେର ଲାଙ୍ଗୁଏଜ୍ ମଧ୍ୟରୁ ଅନ୍ୟତମ । ଏଥିରେ ଆଜି ମଧ୍ୟ ସବୁଠାରୁ ଅଧିକ କାମ ହୋଇଥାଏ । କମ୍ପ୍ୟୁଟର ଦୁନିଆରେ ସି ଲାଙ୍ଗୁଏଜ୍ର ଚାହିଦା ଅଧିକ ଥିବାରୁ ଏଥିରେ ବିଶେଷଜ୍ଞତା ହାସଲ କରିପାରିଲେ ଭଲ ଦରମାରେ ନିଯୁକ୍ତି ସୁଯୋଗ ପାଇପାରିବେ।

**ଜିଆଇଏସ୍ ଆନାଲିଷ୍ଟ:** ବିଭିନ୍ନ ଲୋକପ୍ରିୟ ପାଠ୍ୟକ୍ରମ ମଧ୍ୟରୁ ଏହା ଅନ୍ୟତମ । ଏଥିରେ ଆନାଲିଷ୍ଟ ବ୍ୟାପ୍ ଦ୍ୱାରା ଭିନ୍ନଭିନ୍ନ ସୂଚନା ଏବଂ ତଥ୍ୟ ଡିଜିଟାଲ ଫର୍ମାଟ ସହିତ ମୋବାଇଲ ଆପ୍‌ରେ ଦେଖାଯାଏ । ଜିଆଇଏସ୍ ଟେକୋନୋଲୋଜି ମାଧ୍ୟମରେ ସ୍କୁଲ, କଲେଜ ହସପିଟାଲ ସିନେମାହଲ୍ ପରି ମୁଖ୍ୟ ସ୍ଥାନଗୁଡ଼ିକୁ ମୋବାଇଲ ଆପରେ ଡିଜିଟାଲ ଫର୍ମାଟରେ ଦେଖାଯାଇପାରେ।

**ସି ଡେଭଲପର:** ଏହି ଲାଘଙ୍ଗୁଏଜର ଚାହିଦା ମଧ୍ୟ ସର୍ବାଧିକ । ତେଣୁ ଏଥିରେ ଦକ୍ଷତା ଥିଲେ ଭଲ ପ୍ୟାକେଜରେ ନିଯୁକ୍ତି ବମିଳିବା କିଛି କଷ୍ଟକର ନୁହେଁ ଏହି ଲାଙ୍ଗୁଏଜ୍ କାର୍ଯ୍ୟନିରାପତ୍ତା ଏବଂ ପରୀକ୍ଷଣ କ୍ଷେତ୍ରରେ ଖୁଚବ୍ ଉପଯୋଗୀ ଡଟ୍ ତ୍ତ ପ୍ଲାଟଫର୍ମ ପାଇଁ ଏହା ବିଶେଷ ଭାବେ ଉପକାରୀ ଭିଡିଓ ଗେମ୍ ବିକାଶରେ ସି ବେଶୀ ବ୍ୟବହାର କରାଯାଇଥାଏ ।



**ୟୁଆଇ ହେଭଲପର:** ୱେବ୍ସାଇଟକୁ ସୁନ୍ଦର ଏବଂ ଆକର୍ଷଣ କରିବା ୟୁଆଇ ଡେଭଲପରଙ୍କ କାମ । ବ୍ୟବହାରକାରୀଙ୍କ ପାଇଁ ୱେବସାଇଟ୍ କିପରି ସହଜ ହୋଇପାରିବ ଏବଂ ସେମାନେ ଏହାକୁ ଦେଖିବା ବେଳେ ଆସୌ ବିରକ୍ତ ଅନୁଭବ କରିବେନାହିଁ, ଏଥିପ୍ରତି ୟୁଆଇ ହେଭଲପର ବିଶେଷ ଧ୍ୟାନ ଦେବାକୁ ହୋଇଥାଏ ।

**ଜାଭା ଡେଭଲପର:** ଏଥିପାଇଁ ଜଣଙ୍କ ମଧ୍ୟରେ ସର୍ଜନାତ୍ମକ କୌଶଳ ରହିଥିବା ଜରୁରୀ । ନୂଆ ସଫ୍ଟୱେର ବିକା। କରିବା ସହ ଏହାକୁ ଉନ୍ନତ ବ୍ୟବସ୍ଥାଯୁକ୍ତ କରିବା ଜାଭା ଡେଭଲପରଙ୍କ କାମ ହୋଇଥାଏ । ଏହି ପାଠ୍ୟକ୍ରମରେ ଏକ ସମୟରେ ଏକାଧିକ ବଡ଼ ପେବ୍ରାଜେକ୍ଟରରେ କାମ କରିବାକୁ ହୁଏ । ପୁଣି କ୍ଲାଏଣ୍ଟମାନଙ୍କର ପ୍ରତ୍ୟେକ ଛୋଟବଡ଼ ଆବଶ୍ୟକତା ଅନୁସାରେ ସଫ୍ଟୱେର ପ୍ରସ୍ତୁତ କରିବା ସହିତ କମ୍ପାନୀର ବ୍ୟବହାର ଲକ୍ଷ୍ୟ ହାସଲ କରିବାକୁ ପଡ଼େ । ଜାଭା ବିଦ୍ୟାଥର୍ୀଙ୍କ ଲାଗି ଅଧିକ ନିଯୁକ୍ତି ସୁଯୋଗ ରହିଛି । ସମସ୍ତ ଆଣ୍ଡ୍ରଏଡ୍ ଆପ୍ ଜାଭାକୁ ଆଧାର କରୀ ପ୍ରସ୍ତୁତ କରାଯାଇଛି ।

**ପାଇଥନ୍ ଡେଭଲପର:** ଏବେ ଏହି ପ୍ରୋଗ୍ରାମିଂ ଲାଙ୍ଗୁଏଜ ଚାହିଦା ଖୁବ୍ ଅଧିକ । ବଡ଼ ବଡ଼ କମ୍ପାନୀ ସଫ୍ଟୱେର ବିକାଶ କରିବାରେ ଏହାକୁ ବ୍ୟବହାର କରିଥାନ୍ତି । ଏହି ଲାଙ୍ଗୁଏଜ୍ ଦ୍ୱାରା ୱେବ୍ସାଇଟକୁ ଉନ୍ନତ କରାଯିବା ସହ ୱେବ୍



ଆପ୍ ଏବଂ ହେସ୍କଟପ୍ ଆପ୍ ପ୍ରସ୍ତୁତ କରାଯାଏ । ସାଇଣ୍ଟିଫିକ୍ କମ୍ପ୍ୟୁଟିଂ ହେଉଛି ।

**ସି++ ଡେଭଲପର:** ଏମାନେ ସି ଲାଙ୍ଗୁଲଜ୍ର ବିଶେଷଜ୍ଞ ବୋଲି କହିଲେ ଅତ୍ୟୁକ୍ତି ହେବନି । ଏହା ଏକ ଉଚ୍ଚସ୍ତରୀୟ ଲାଙ୍ଗୁଏଜ୍ ଯାହା ସି, ସି ଏବଂ ଜାଭାର ଆଧୁନିକ ରୂପ । ସିଷ୍ଟମ ତଥା ଆପ୍ଲିକେସନ୍ ସଫ୍ଟୱେର, ବିଭିନ୍ନ ଗେମ୍ର ବିକାଶ ଡ୍ରାଇଭର, କ୍ଲାଏଣ୍ଟ-ସର୍ଭର ଆପ୍ଲିକେସନ୍ ଆଦିରେ ଏହା ବ୍ୟବହାର କରାଯାଏ । ଏଥିରେ କୁଶଳୀ ହେବା ପରେ ଭଲ ପ୍ୟାକେଜ୍ ସହଜ ହେବ ।



# ନଡ଼ିଆ ଛତୁ ବେସର

**ଆବଶ୍ୟକ ସାମଗ୍ରୀ:** ଛତୁ, ନଡ଼ିଆ ରସ, ସୋରିଷ, ରସୁଣ, ଶୁଖିଲା ଲଙ୍କା ପେଷ୍ଟ, ଟମାଟୋ, ଆମ୍ବୁଲ, ଧନିଆ ପତ୍ର, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, କଞ୍ଚାଲଙ୍କା, ତେଲ ଓ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଛତୁକୁ ଭଲ ଭାବେ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ଏହାପରେ କରେଇରେ ତେଲ ଗରମ କରି ଛତୁକୁ ଭଲଭାବେ ଭାଜି ଦିଅନ୍ତୁ। ଛତୁ ଭଲ ଭାବେ ଭାଜି ହୋଇଗଲା ପରେ ଏକ ପାତ୍ରକୁ କାଢି ଦିଅନ୍ତୁ । ଏହାପରେ ଆମ୍ବୁଲକୁ ପାଣିରେ ଭିଜାଇ ଏକ ପାତ୍ରରେ ରଖନ୍ତୁ ।

ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ଜିରା ଓ କଞ୍ଚା ଲଙ୍କା ପକାନ୍ତୁ। ଏହା ଭାଜି ହୋଇଗଲା ପରେ ସେଥିରେ ସୋରିଷ, ରସୁଣ, ଶୁଖିଲା ଲଙ୍କା ବଟାକୁ ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ। ଏହାପରେ ଟମାଟୋକୁ ଛୋଟ ଛୋଟ ଖଣ୍ଡ କରି କାଟି ସେଥିରେ ପକାନ୍ତୁ। ଟମାଟୋ ଓ ମସଲା ଭଲ ଭାବେ କଷି ହୋଇଗଲା ପରେ ସେଥିରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଲୁଣ ପକାଇ ଗୋଳାଇ ଦିଅନ୍ତୁ। ତା'ପରେ ସେଥିରେ ଆଗରୁ ଭଜା ହୋଇଥିବା ଛତୁକୁ ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ। ଏହା କଷି ହେବା ପରେ ସେଥିରେ ନଡ଼ିଆ ରସକୁ ପକାନ୍ତୁ । ଏହାପରେ ସେଥିରେ ଭିଜା ହୋଇଥିବା ଆମ୍ବୁଲକୁ ପକାନ୍ତୁ। ତାପରେ ସେଥିରେ ଅଳ୍ପ ପାଣି ଦେଇ ଘୋଡେଇ ଦିଅନ୍ତୁ। ସେଥିରୁ ପାଣି ମରିଗଲା ପରେ ସେଥିରେ କଟା ଧନିଆ ପତ୍ର ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ନଡ଼ିଆ ଛତୁ ବେସର।



# ଅଲିମ୍ପିକ୍ ନେସ୍‌ନାଲ୍ ପାର୍କ

ଯୁକ୍ତରାଷ୍ଟ୍ର ଆମେରିକାର ୱାସିଂଟନ୍ ପ୍ରଦେଶ ଅନ୍ତର୍ଗତ ଅଲିମ୍ପିକ୍ ଉପଦ୍ୱୀପରେ ଏହି ନାମରେ ଏକ ଜାତୀୟ ଉଦ୍ୟାନ ଏବଂ ୧୯୮୧ରେ ବିଶ୍ୱ ଐତିହ୍ୟ ଘୋଷିତ ହୋଇଥିଲା ଏହା ମଧ୍ୟରେ ତିନି ପ୍ରକାରର ପର୍ଯ୍ୟାବରଣ- ଉପ-ଆଲପାଇନ୍ ଜଙ୍ଗଲ ଓ ଜଙ୍ଗଲୀ ଫୁଲର ପ୍ରାନ୍ତର, ନାତିଶୀତୋଷ୍ଣ ଜଙ୍ଗଲ ଏବଂ ପ୍ରସ୍ତରମୟ ବେଳାଭୂମି ଦେଖିବାକୁ ମିଳେ । ୩୭୩୪ ବର୍ଗ କିଲୋମିଟର ଅଞ୍ଚଳକୁ ଏହା ବ୍ୟାପ୍ତ । ଏହା ମଧ୍ୟରେ ହୋ ନଦୀ ପ୍ରବାହିତ ଏବଂ ଏହା ହୋ ଆଦିମ ଅଧିବାସୀଙ୍କ ବାସସ୍ଥାନ ।



# ସୁସ୍ଥ ମସ୍ତିଷ୍କ ଓ ଶରୀର ନିମନ୍ତେ ଟିପ୍ସ

ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହେଲେ ମାନସିକ ଚାପ ବଢ଼ିଥାଏ । ଏହା କାରଣରୁ ମୁଣ୍ଡବିନ୍ଧା, ଚିଡ଼ଚିଡ଼ା ସହ ରକ୍ତଚାପ ବୃଦ୍ଧିର ସମସ୍ୟା ଉପୁଜେ । ମସ୍ତିଷ୍କ ଓ ଶରୀର ଉଭୟକୁ ସୁସ୍ଥ ରଖିବା ନିମନ୍ତେ ବିଶେଷଜ୍ଞ ଦଳ କେତୋଟି ପରାମର୍ଶ ଦେଇଛନ୍ତି ।

♦ ନିଦ ଭାଙ୍ଗିବା ପରେ ଛାତ ଉପରେ କିମ୍ବା ବାଲକୋନିରେ ଖରାରେ କିଛି ସମୟ ଚଲାବୁଲା କରନ୍ତୁ । ଏକ ଅନୁସନ୍ଧାନରୁ ଜଣାପଡ଼ିଛି ସକାଳବେଳାର ସୂର୍ଯ୍ୟକିରଣରେ ଅଳ୍ପ ସମୟ ଚଲାବୁଲା କଲେ, ମନ ପ୍ରଫୁଲ୍ଲ ରହେ ।

♦ ଘର ସମ୍ମୁଖରେ ବଗିଚା ଥିଲେ, ଖାଲି ପାଦରେ ଚଲାବୁଲା କରିବା ଉଚିତ । ପାର୍କକୁ ଭ୍ରମଣ ପାଇଁ ଯାଉଥିଲେ ସେଠାରେ ମଧ୍ୟ ୫-୭ ମିନିଟ୍ ପାଇଁ ଏଇ ଅଭ୍ୟାସ କଲେ ଫରକ୍ ଆପଣ ଜାଣିପାରିବେ । ବ୍ରିଟେନ୍ ଓ ଆମେରିକାରେ ରକ୍ତଚାପ ଗୋଗୀଙ୍କୁ ଡାକ୍ତର 'ୱାକ୍ ଇନ୍ ଗ୍ରାସ୍' ଥେରାପି ପରାମର୍ଶ ଦେଇଥାନ୍ତି ।

♦ ନିଜ ମନପସନ୍ଦର ଖାଦ୍ୟ ରାନ୍ଧି ଖାଆନ୍ତୁ । ସବୁବେଳେ ନ ହେଲେ ମଧ୍ୟ ସପ୍ତାହକୁ ଥରୁଟିଏ ଏହା କରିପାରନ୍ତି । ମାନସିକ ସୁସ୍ଥତା ନିମନ୍ତେ ଏହା ମଧ୍ୟ ସହଜ ଓ ସରଳ ଉପାୟ ।

♦ ସବୁଠୁ ମୁଖ୍ୟ କଥା ହେଲା, ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ ।



# ସୁସ୍ଥତାର ରହସ୍ୟ

ନିକଟରେ ଲଣ୍ଡନର ଗବେଷକଦଳ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ୧୨୦ ବୟସ୍କ ପିଢ଼ିଙ୍କୁ ଉପରେ ସର୍ବେକ୍ଷଣ କରିଥିଲେ । ଏ ସମସ୍ତଙ୍କ ବୟସ ୭୫ ବର୍ଷରୁ ଅଧିକ ଥିବାବେଳେ ସେମାନେ କରୋନା ଭାଇରସ୍ ସହ ଲଢ଼ି ପୁନଃ ସୁସ୍ଥ ଜୀବନଯାପନ କରୁଛନ୍ତି । ଇଟାଲୀ, ଆମେରିକା, ସ୍ପେନ୍ ଓ ଭାରତର ମଧ୍ୟ ବୟସ୍କ ଲୋକ ଏଥିରେ ସାମିଲ ହୋଇଥିଲେ ।

-ନ୍ୟୁୟର୍କ ବାସିନ୍ଦା ୮୧ ବର୍ଷୀୟା ଜିଡେଉ ହେଇ, ଅବସରପ୍ରାପ୍ତ ଇଂଜିନିୟର । କରୋନା ପଜିଟିଭ୍ ତାଙ୍କର ବାହାରିବା ପରେ ସେ ଆଦୌ ବ୍ୟତିବ୍ୟସ୍ତ ହୋଇନଥିଲେ । ଡାକ୍ତରୀଦଳଙ୍କ ପରାମର୍ଶ ଅନୁସାରେ କିଛିଦିନ ଚିକିତ୍ସାଳୟରେ ରହିଲେ ଓ ପରେ ତାଙ୍କର ନେଗେଟିଭ୍ ରିପୋର୍ଟ ଆସିଥିଲା । ଜିଡେଉଙ୍କ ଶରୀରର ରୋଗପ୍ରତିରୋଧକ ଶକ୍ତି ଖୁବ୍ ଭଲ ଥିବାର ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି । ନିୟମିତ ଅଣ୍ଡା ଖାଇବା ସହ ଫଳମୂଳ ସେ ଅଧିକ ଖାଉଥିବାର ମତ ଦେଇଥିଲେ । ବୋଧହୁଏ ଏହା ହିଁ ତାଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିର କାରଣ ବୋଲି ଡାକ୍ତରୀ ଦଳଙ୍କ ମତ ।

-ଇନ୍ଦୋର ନିବାସୀ ୯୫ ବର୍ଷୀୟା ଚନ୍ଦାବାଇ ପରମାର । ଲଣ୍ଡନ ବିଶେଷଜ୍ଞ ଦଳ ଏହି ଭାରତୀୟ ବୟସ୍କାଙ୍କ ତଥ୍ୟ ମଧ୍ୟ ନେଇଛନ୍ତି । ଏ ବୟସରେ ମଧ୍ୟ ସେ କରୋନାକୁ ହରାଇପାରିବା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ । ୧୧ଦିନ ଚିକିତ୍ସାଳୟରେ ଗମ୍ଭୀର ଅବସ୍ଥାରେ ରହିବା ପରେ ସେ ସୁସ୍ଥ ହୋଇ ଫେରିଛନ୍ତି । ଚନ୍ଦାବାଇ ଏବେ ପର୍ଯ୍ୟନ୍ତ ଦୈନିକ ଯୋଗ କରିବା ସହ ଆମିଷ ଭୋଜନ ଖୁବ୍ ଭଲପାନ୍ତି । ଦୈନିକ ରାତିରେ ଖିରରେ ଶୁଦ୍ଧ ଦେଶୀ ଘିଅ ମିଶାଇ ପିଇବା ତାଙ୍କ ପିଲା ବେଳରୁ ଅଭ୍ୟାସ । ତାଙ୍କ ମତରେ ଉତ୍ତମ ପୋଷକତତ୍ତ୍ୱ ଖାଦ୍ୟ ହିଁ ତାଙ୍କ ସୁସ୍ଥ ଜୀବନଶୈଳୀରେ ରହସ୍ୟ । କରୋନା ଆକ୍ରାନ୍ତ ହେବା ପରେ ସେ ଦୁର୍ବଳ ଅନୁଭବ କରୁଛନ୍ତି । ହେଲେ ଖାଦ୍ୟପାନୀୟ ଓ ଯୋଗ କରିବାରେ ଆଦୌ ହେଳା କରୁନଥିବାର ପ୍ରକାଶ ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ଉପାୟ

ଯେ କୌଣସି ରୋଗରୁ ବର୍ତ୍ତିବାର ପ୍ରମୁଖ ସମାଧାନ ହେଉଛି ନିଜ ଶରୀରର ରୋଗପ୍ରତତିରୋଧକ ଶକ୍ତି ବୃଦ୍ଧି କରିବା । ଶରୀରର ଶକ୍ତି ବଢ଼ାଇବା ସେଭଳି କଠିନ କାମ ନୁହେଁ । ନିଜ ଖାଦ୍ୟପାନୀୟ ଜଳ କସରତ୍, ଯୋଗ, ପ୍ରାଣାୟମ ଇତ୍ୟାଦି ନିୟମିତ କଲେ ସୁସ୍ଥ ରହିପାରିବେ । ଦିଲ୍ଲୀର ନାମୀ ଖାଦ୍ୟ ବିଶେଷଜ୍ଞ ନିରୁ ସିଂଙ୍କ ମତରେ ହଠାତ୍ କରି ଆମେ ଖାଦ୍ୟ ତାଲିକା ଅନୁସାରେ ଖାଇଲେ କିମ୍ବା ଅନ୍ୟ ସମସ୍ତ ନିୟମ ମାନି ଚଳିଲେ, ଲାଭ ମିଳେନାହିଁ । ଏକ ଲମ୍ବା ସମୟ ପର୍ଯ୍ୟନ୍ତ ସେସବୁ ପାଳନ କଲେ, ପ୍ରତ୍ୟେକ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ ।

♦ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାଠାରୁ ବୟସ୍କ ସକାଳବେଳା ସୂର୍ଯ୍ୟକିରଣରେ ୨୦-୩୦ ମିନିଟ୍ ବୁଲାବୁଲି କରିବା ଉଚିତ । ଧ୍ୟାନରେ ରଖନ୍ତୁ, ଏବେ ଦ୍ୱିପହର ସମୟରେ ଖରାରେ ବୁଲିଲେ ଆପଣଙ୍କୁ ଅଂଶୁଘାତ ହେବାର ଆଶଙ୍କା ସର୍ବାଧିକ । ଭିଟାମିନ୍ ଡି' ଆବଶ୍ୟକ ପରିମାଣରେ ଶରୀରକୁ ମିଳିବା ଦରକାର । ଆମେରିକା ଭଳି ଥଣ୍ଡା ରାଷ୍ଟ୍ରରେ ଲୋକେ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିପାରିନଥାନ୍ତି । ଏଣୁ ସେମାନେ ଭିଟାମିନ୍ ଡି' କ୍ୟାପସୁଲ୍ ଖାଇଥାନ୍ତି ।

♦ ସତେଜ ସବୁଜ ପନିପରିବା ନିୟମିତ ଭାବେ କିଣି ଖାଆନ୍ତୁ, ନଚେତ୍ ନିଜ ଘର ବଗିଚାରେ ସେସବୁ ଲଗାଇବାର ବନ୍ଦୋବସ୍ତ କରିପାରିବେ । ଫ୍ରିଜ୍‌ରେ ଅଧିକ ଦିନ ପରିବା ରଖି ଖାଇଲେ କୌଣସି ଲାଭ ମିଳେନାହିଁ ।

♦ ପିଲାଠାରୁ ବୟସ୍କ ସମସ୍ତେ ଦୈନିକ ରସୁଣ ଛୁଙ୍କ ବ୍ୟଞ୍ଜନ ଖାଇବା ଜରୁରୀ । ସମୟକ୍ରମେ ଶରୀରର ଶକ୍ତି ବଢ଼ିଥାଏ ।

♦ ଉଷୁମ ପାଣି ପିଇବାର ଅଭ୍ୟାସ ରଖନ୍ତୁ । ଆପଣଙ୍କ ଉତ୍ତମ ଜୀବନଶୈଳୀ ନିମନ୍ତେ ଏହା ଖୁବ୍ ସହାୟକ ହେବ ।

♦ ଅନ୍ୟାନ୍ୟ କସରତ ସହ ଯୋଗ କରିବାକୁ ଅଧିକ ପ୍ରାଧାନ୍ୟ ଦିଅନ୍ତୁ ।



# ମାନସିକ ଚାପର ମୁକାବିଲା

ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।



**କେଉଁ କାରଣରୁର ମାନସିକ ଚାପ ଦେଖାଦେଇଥାଏ ?**

ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶୀର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍‌ଟିଟାସ୍କିଂ) କରିବା ଦ୍ୱାରା ମଧ୍ୟ ମାନସିକ ଚାପ ବୃଦ୍ଧି ପାଉଛି । ଜୀବନରେ ଘଟୁଥିବା କେତେକ କଠିନ ଓ ଅସୁବିଧାଜନକ ଘଟଣାବଳି ଯଥା ବେରୋଜଗାରି, ଆର୍ଥିକ ସଙ୍କଟ, ପାରିବାରିକ କଳହ, ଆତ୍ମୀୟ ଲୋକର ହଠାତ୍ ମୃତ୍ୟୁ ଆଦି ମାନସିକ ଚାପ ସୃଷ୍ଟି କରିଥାଏ । ସବୁବେଳେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି । ପ୍ରତିଦିନ ଶୋଇବା ଓ ବିଶ୍ରାମ କରିବା ପାଇଁ ଯଥେଷ୍ଟ ସମୟ ନ ମିଳିଲେ ମାନସିକ ଚାପ ସୃଷ୍ଟି ହୋଇଥାଏ । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଅଧିକ ଦେଖାଯାଇଥାଏ । କେତେକ ବ୍ୟକ୍ତି ଜିନ୍‌ଗତ କାରଣ ଯୋଗୁ ମାନସିକ ଚାପ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହୋଇଥାନ୍ତି । ଆଜିକାଲିର ଆଧୁନିକ ଜୀବନଶୈଳୀ ମଧ୍ୟ କେତେକାଂଶରେ ମାନସିକ ଚାପ ଆରମ୍ଭର କାରଣ ହୋଇପାରେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୨ ନଭେମ୍ବର ୨୦୨୧, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଆଫଗାନିସ୍ତାନ ଓ ଦିଲ୍ଲୀର ସମ୍ପର୍କ...

ଆଫଗାନିସ୍ତାନ ପ୍ରସଙ୍ଗକୁ ନେଇ ନୂଆଦିଲ୍ଲୀଠାରେ ଆୟୋଜିତର ତୃତୀୟ ଆଞ୍ଚଳିକ ନିରାପତ୍ତା ବାର୍ତ୍ତାଳାପ ଘୋଷଣାନାମାରୁ ଏକ ସ୍ୱଷ୍ଟ ବାର୍ତ୍ତା ମିଳିଥିବା ପ୍ରତୀୟମାନ ହୁଏ । ଏହି ଆଲୋଚନାରେ ସାମିଲ ହୋଇଥିବା ସମସ୍ତ ସାତଟିଯାକ ରାଷ୍ଟ୍ର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସହମତ ହୋଇଛନ୍ତି ଯେ କ୍ଷେତ୍ରୀୟ ଶାନ୍ତି ନିମନ୍ତେ ଆଫଗାନିସ୍ତାନରେ ଏକ ସ୍ଥିର ସରକାର ପ୍ରତିଷ୍ଠା ହେବା ସହିତ ସେଠାରେ ଶାନ୍ତି ଓ ସ୍ଥିରତା ବଜାୟ ରଖାଯିବା ଏକାନ୍ତ ଜରୁରି । ପୁଣି ଆଫଗାନ ଭୂମିକୁ ଆତଙ୍କବାଦର ପ୍ରସାର ପାଇଁ ଉପଯୋଗ କରିବାକୁ ଦିଆଯିବନାହିଁ । ଯଦିଚ ରୁଦ୍ଧଦ୍ୱାର ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଛି ଏବଂ ଭାରତ ସମେତ ରୁଷିଆ, ଇରାନ, ଉଜବେକିସ୍ତାନ, କିରଗିଜସ୍ତାନ, କାଜାଖସ୍ତାନ, ତାଜିକିସ୍ତାନ ଓ ତୁର୍କମେନିସ୍ତାନର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତାମାନେ ଆଶଙ୍କା ପ୍ରକଟ କରିଛନ୍ତି ଯେ ଆଫଗାନିସ୍ତାନରେ ସମ୍ପ୍ରତି ଯେଉଁଭଳି ସ୍ଥିତି ରହିଛି ତାହା ସେ ଦେଶ କିମ୍ବା ଦକ୍ଷିଣ ଏସିଆ କିମ୍ବା କେନ୍ଦ୍ର ଏସିଆ କ୍ଷେତ୍ର ପାଇଁ ଶୁଭଙ୍କର ନୁହେଁ । ତେଣୁ ସେଠାରେ ଯଥାଶୀଘ୍ର ଆଫଗାନିସ୍ତାନରେ ଏକ ସ୍ଥିର ସରକାର ଗଠିତ ହେବା ପାଇଁ ଆଶା ପୋଷଣ କରିଛନ୍ତି । ଆଫଗାନିସ୍ତାନରୁ ଆମେରିକା ନେତୃତ୍ୱାଧୀନ ମିଳିତ ସେନା ପ୍ରସ୍ଥାନ କରିବାର ପ୍ରାୟ ତିନିମାସ ଗତ ହୋଇସାରିଛି । କିନ୍ତୁ ସେଠାରେ ତାଲିମାନ ଗୋଷ୍ଠୀ ଯେଉଁ ଅସ୍ଥାୟୀ ସରକାର ଗଠନ କରିଛନ୍ତି ତାହାକୁ କୌଣସି ରାଷ୍ଟ୍ର ସ୍ୱୀକୃତି ପ୍ରଦାନ କରିନାହିଁ । ଅନ୍ୟ ଭାଷାରେ କହିଲେ ସେମାନେ ଏବେସୁଦ୍ଧା ଗ୍ରହଣୀୟ ହୋଇନାହାନ୍ତି । ଏହା ସେଠାରେ ମାନବୀୟ ସମସ୍ୟା ସୃଷ୍ଟି କରିବାକୁ ଯାଉଛି । ରାଜନୈତିକ ଅନିଶ୍ଚିତତା, ସାମରିକ ଅସ୍ଥିରତା, ଆର୍ଥିକ ସଂକଟ ସେଦେଶବାସୀଙ୍କ ପାଇଁ ଏକ ବିରାଟ ସମସ୍ୟା ଉତ୍ପନ୍ନ କରିଛି ଏବଂ ଭବିଷ୍ୟତରେ ତାହା ଆହୁରି ଉତ୍କଟ ଆକାର ଧାରଣ କରିପାରେ ! କିନ୍ତୁ ସବୁଠାରୁ ବଡ଼ ବିପଦଟି ହେଉଛି ତାଲିବାନ ଗୋଷ୍ଠୀଙ୍କ ଆତଙ୍କବାଦ ପ୍ରୀତି । ପୂର୍ବଥର ପରି ସେମାନେ ଏବେ ସେ ଦେଶର ସାଧାରଣ ନାଗରିକଙ୍କ ଉପରେ ଅତ୍ୟାଚାର କରିବା ସହିତ ନାନାପ୍ରକାର ନାରକୀୟ କାଣ୍ଡମାନ ଘଟାଉଛନ୍ତି । ସେ ଦେଶରେ ଥିବା ବିଭିନ୍ନ ଆତଙ୍କବାଦୀ ଗୋଷ୍ଠୀ କେବଳ ଆଫଗାନିସ୍ତାନ ଭିତରେ ନୁହେଁ, ଏହାର ସୀମା ବାହାରେ ସୁଦ୍ଧା ସେମାନଙ୍କର ପ୍ରଭାବ ପ୍ରଦର୍ଶନ କରିବାର ଆଶଙ୍କା କରାଯାଉଛି । ସେ ଦେଶରୁ ଉତ୍ପାଦିତ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଏବଂ ଚୋରା ଅସ୍ତ୍ରଶସ୍ତ୍ର ପ୍ରତିବେଶୀ ରାଷ୍ଟ୍ରଗୁଡ଼ିକୁ ଚାଲାଣ ହେବା ଫଳରେ ନାନା ପ୍ରକାର ସଂକଟ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ସର୍ବୋପରି ପାକିସ୍ତାନ ସରକାର ପର୍ଦ୍ଦା ପଛରେ ରହି ତାଲିବାନ ଗୋଷ୍ଠୀଙ୍କୁ ଯେଉଁଭଳି ଭାବେ ଅସ୍ତ୍ରଶସ୍ତ୍ର ସାହାଯ୍ୟ ସହଯୋଗ ଯୋଗାଉଛନ୍ତି ସେମାନେ ଭବିଷ୍ୟତରେ ପାକିସ୍ତାନର ହାତବାରିସି ହେବା ମଧ୍ୟ ଅସମ୍ଭବ ନୁହେଁ । ଏପର୍ଯ୍ୟନ୍ତ ଆଫଗାନିସ୍ତାନର ହଜାର ହଜାର ଆତଙ୍କିତ ନାଗରିକ ସୀମା ପାରହୋଇ ପ୍ରତିବେଶୀ ରାଷ୍ଟ୍ରକୁ ପଳାୟନ କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ଏହିସବୁ ସମସ୍ୟାର ମିଳିତ ମୁକାବିଲା କରାଯିବା ନିମନ୍ତେ କେନ୍ଦ୍ର ଏସୀୟ ରାଷ୍ଟ୍ରର ସୁରକ୍ଷା ପରାମର୍ଶଦାତାମାନେ ଆହ୍ୱାନ ଜଣାଇଛନ୍ତି । ଆବଶ୍ୟକସ୍ଥଳେ ସେମାନେ ଆଫଗାନିସ୍ତାନକୁ ମାନବୀୟ ସହାୟତା ଯୋଗାଇ ଦେବାକୁ ମଧ୍ୟ ପ୍ରସ୍ତୁତ ଥିବା ଜଣାପଡ଼ିଛି । କିନ୍ତୁ ଆଫଗାନିସ୍ତାନରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏଭଳି ପ୍ରୟାସ ଓ ଆଲୋଚନାରେ ପାକିସ୍ତାନର ଅଂଶଗ୍ରହଣ ଏକାନ୍ତ ଜରୁରି । ପ୍ରଥମରୁ ହିଁ ପାକିସ୍ତାନ ଏହି ଶାନ୍ତି ଆଲୋଚନାକୁ ଏଡାଇ ଆସିଛି । ଭାରତର ଅଂଶଗ୍ରହଣକୁ ପାକିସ୍ତାନ ଗ୍ରହଣ କରିବାକୁ ନାରାଜ । ପୁଣି ଗତ ଥର ଚୀନ୍ ଆଲୋଚନାରେ ସାମିଲ ହୋଇଥିବାବେଳେ ଦିଲ୍ଲୀ ଆଲୋଚନାକୁ ଏଡ଼ାଇଯିବା ଅଧିକ ସନ୍ଦେହ ଜାତ କରେ । ଏହି ଦୁଇ ରାଷ୍ଟ୍ରଙ୍କ ଅନୁପସ୍ଥିତି ବିସ୍ମୟକର ହେଲେ ସୁଦ୍ଧା ଏହାହିଁ ବାସ୍ତବତା । ତଦନୁସାରେ କ୍ଷେତ୍ରୀୟ ଆଲୋଚନା ପରେ ଏହାର ପରିସରକୁ ଜାତିସଂଘ ପର୍ଯ୍ୟାୟ ପର୍ଯ୍ୟନ୍ତ ନେବା ଅଧିକ ସମୀଚୀନ ହେବ । ଏହି ଆଲୋଚନା ପରିସରକୁ ଆମେରିକାକୁ ମଧ୍ୟ ଆଣିବା ଜରୁରି । ତାହା ହେଲେ, କେବଳ ତାଲିବାନ ଗୋଷ୍ଠୀ ନୁହନ୍ତି, ପାକିସ୍ତାନ ଓ ଚୀନ ଭଳି ରାଷ୍ଟ୍ରଙ୍କ ଅସହଯୋଗକୁ ମଧ୍ୟ ପ୍ରତିହତ କରିହେବ । ମୂଳ କଥାଟି ହେଲା, ଯେପର୍ଯ୍ୟନ୍ତ ଆଫଗାନିସ୍ତାନର ନାଗରିକମାନଙ୍କର ମୌଳିକ ଆବଶ୍ୟକତା ପୂରଣ ନହୋଇଛି ଏବଂ ସମସ୍ୟା ସମାଧାନ ନହୋଇଛି ସେପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ତାଲିବାନ ଗୋଷ୍ଠୀଙ୍କୁ ମଧ୍ୟ କ୍ଷମତାରେ ରହି ଶାସନ କରିବାକୁ ହେଲେ ବିଶ୍ୱ ସହ ସଂପର୍କ ରକ୍ଷା କରିବାକୁ ପଡ଼ିବ ଓ ହିଂସାର ପଥ । ପରିହାର କରିବାକୁ ହେବ । ଏହା ହୁଏତ ସେଠାରେ ସ୍ଥାୟୀ ଶାନ୍ତ ପ୍ରତିଷ୍ଠା ପାଇଁ ପଥ ପରିଷ୍କାର କରିବ । ଦିଲ୍ଲୀ ଘୋଷଣାନାମାର ଏହାହିଁ ସାରମର୍ମ ।

## ଫକୀର ମୋହନ ସାହିତ୍ୟ ପରିଷଦ ସମ୍ବିଧାନର ଲକ୍ଷ୍ମଣ ରେଖା ଉଲ୍ଲଙ୍ଘନ : ଏପାଖ ସେପାଖ



ଡ. ରାଧାରଂଜନ ପଟ୍ଟନାୟକ

ଫକୀର ମୋହନ ସାହିତ୍ୟ ପରିଷଦ ସମଗ୍ର ଓଡ଼ିଶାରେ ସର୍ବପୁରାତନ ଦିତୀୟ ସାରସ୍ୱତ ଅନୁଷ୍ଠାନ । ଦୀର୍ଘ ୭୩ ବର୍ଷ ଧରି ଏହି ପରିଷଦରେ ଅନେକ ପ୍ରବୀଣ ସାରସ୍ୱତ ବାଗ୍ମୀ ସଭାପତି ଆସନ ମଣ୍ଡନ କରି ଆସିଛନ୍ତି । ସେ ସମୟରେ ଏମିତି ଗୋଷ୍ଠୀ ପ୍ରକରଣ ତୀବ୍ର ନଥିଲା । ଏବେ କେତେକ ବ୍ୟକ୍ତି ନିଜ ର ପ୍ରଚାର ତଥା ପ୍ରସାର ପାଇଁ ଫକୀର ମୋହନଙ୍କ ନାମକୁ ବ୍ୟବହାର କରୁଛନ୍ତି । ଏହା ଅନେକ ସ୍ଥିତପ୍ରଜ୍ଞ ସ୍ରଷ୍ଟାମାନଙ୍କୁ ବ୍ୟଥିତ କରିଛି ।

ଯେତେ ବିବାଦ ରହୁ, ସାହିତ୍ୟ କ୍ଷେତ୍ରରେ ସଭିଏଁ ଏକ ହେବା କଥା । କିନ୍ତୁ self identity ଜାହିର କରିବା ଉଦ୍ଦେଶ୍ୟ ହିଁ ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଚାଲିଛି । ଏଠାରେ ମୋର କହିବାର କଥା ସାମ୍ପ୍ରତିକ ବୟସ୍କ ଓ ତରୁଣ ସମସ୍ତ ସ୍ରଷ୍ଟାଙ୍କ ଭିତରେ ମିଷ୍ଟିକ ଭାବନାର ଯୋଗସୂତ୍ର ସ୍ଥାପନ ହେବା ଉଚିତ । କିନ୍ତୁ ତାହା ଦୃଷ୍ଟି ଗୋଚର ହେଉ ନାହିଁ ।

ମନେ ରଖିବାକୁ ହେବ, ସାହିତ୍ୟ ସର୍ଜନା ବା ସ୍ରଷ୍ଟା ମାନଙ୍କ ମଧ୍ୟରେ ଛଳନା, ପ୍ରତାରଣା ତଥା ହିପୋକ୍ରାସି ରହିବା ଅନୁଚିତ ।

ପ୍ରତିଟି ସ୍ୱଚ୍ଛ ପ୍ରାଣର ସ୍ରଷ୍ଟାଙ୍କ ପାଖରେ ଉନ୍ନତ ମୂଲ୍ୟବୋଧ, ସୁରୁଚି, ସର୍ବସମ୍ମନିତ ବିଭବ ରହିବା ଏକାନ୍ତ ଜରୁରୀ । ତେଣୁ ପ୍ରତେକ ନିଜକୁ ନିଜେ ସମୀକ୍ଷା କରିବା ଆବଶ୍ୟକ । ସିଂହାସନ ବଡ଼ କଥା ନୁହେଁ । ବ୍ୟକ୍ତିବୋଧର ଉଦାରତା ହିଁ ସର୍ବଶ୍ରେଷ୍ଠ ଦର୍ଶନ । ତେଣୁ ପ୍ରତେକ କାର୍ଯ୍ୟ ସର୍ବସମ୍ମତ ହେବା ଉଚିତ ।

ସବୁଠୁ ପରିତାପରର ବିଷୟ ଚଳିତ ବର୍ଷ ଫକୀର ମୋହନ ସାହିତ୍ୟ ପରିଷଦ ନିର୍ବାଚନରେ କେତେକ ବିଲକ୍ଷଣ ଦୃଷ୍ଟି ସାମ୍ନାକୁ ଆସିଛି । ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ମୋତେ କହିଲେ -'ରାଧାରଂଜନ ! ଡ କୁଞ୍ଜବିହାରି ଦାସଙ୍କ ଭଳି ସ୍ରଷ୍ଟାମାନେ ଯେଉଁ ପରିଷଦର ସଭାପତି ଆସନ ମଣ୍ଡନ କରିଥିଲେ, ସେଇ ମାପରେ ଜଣେ ସୁଦକ୍ଷ ପ୍ରବୀଣ ବ୍ୟକ୍ତି ସଭାପତି ହେବା ଆବଶ୍ୟକ ।' ମୁଁ ନିରବରେ ବନ୍ଧୁଙ୍କ କଥା ଶୁଣିଲା ପରେ କହିଲି -'ଅବଶ୍ୟ ଠିକ କଥା । କିନ୍ତୁ ଏହାବି ସତ୍ୟ ଯେଉଁ ସମୟରେ ଡ କୁଞ୍ଜବିହାରି ଦାସ ସଭାପତି ଥିଲେ ସେତେବେଳେ ବି ସେ ଜଣେ ଅତି ସାଧାରଣ ଅଧାପକ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ସମଗ୍ର ଓଡିଶା କାହିଁକି ସମଗ୍ର ଭାରତବର୍ଷରେ ଲୋକ ସାହିତ୍ୟ ସର୍ଜନାର ପ୍ରମୁଖ ଭୂମିକା ନେଇଥିଲେ ସୁତରାଂ ଗୋଟିଏ ଦିନରେ ତାଙ୍କର ବ୍ୟାପ୍ତି ଓ ଦ୍ୟୁତିର ପରିପ୍ରକାଶ ହୋଇ ନଥିଲା । ତେଣୁ ଆଜି ଯିଏ ଆମ ପାଇଁ ନୂଆ ଭବିଷ୍ୟତରେ ଯେ ସେ ଜଣେ ମହାଦ୍ରୁମ ନହେବ ଏ କଥା କିଏ କହିବ ? ତେଣୁ କାହାକୁ ଜ୍ଞାନୀ ଅଜ୍ଞାନୀ /ଶିକ୍ଷିତ ଅଶିକ୍ଷିତ ଏମିତି କୁହାଯାଇ ନ ପାରେ ।'

ମୋର ଏଇ ରୋକଠୋକ କଥା ଶୁଣି ବନ୍ଧୁ ଜଣକ ନିରବ ରହିଲେ । ଶିକ୍ଷାଗତ ଯୋଗ୍ୟତା ଉପରେ କଣ ସାରସ୍ୱତ ସ୍ରଷ୍ଟାମାନଙ୍କର ଯୋଗ୍ୟତା ମପାଯାଏ ? ଯିଏ ଏପରି କହେ, ସେ ବୋଧହୁଏ ଓଡ଼ିଆ ଭାଷାର ଫକୀର ମୋହନ, ଗଙ୍ଗାଧର, ଭୀମଭୋଇ ତଥା ହିନ୍ଦୀ ଭାଷାର ତୁଳସୀ ଦାସଙ୍କୁ ପଢି ନାହାନ୍ତି । ଅନୁଶୀଳନ କରିନାହାନ୍ତି । ଏଇ କାଳଜୟୀ ସ୍ରଷ୍ଟାମାନଙ୍କର ଶିକ୍ଷାଗତ ଯୋଗ୍ୟତା କଣ ଥିଲା ? ଆଜି ଏଇମାନଙ୍କ ଉପରେ ବଡ଼ ବଡ଼ ବିଶ୍ୱବିଦ୍ୟାଳୟରେ ଗବେଷଣା ବି ଚାଲୁଛି । ତେଣୁ ଜଣେ ମୌଳିକ ସ୍ରଷ୍ଟାଙ୍କର ଶିକ୍ଷାଗତ ଯୋଗ୍ୟତା ଉପରେ ଯେଉଁମାନେ ପ୍ରଶ୍ନ ଉଠାନ୍ତି, ସେମାନେ ଜଣେ ସ୍ରଷ୍ଟାର ଅନ୍ତଃଦୃଷ୍ଟିକୁ ଆକଳନ କରିପାରନ୍ତି ନାହିଁ ।

ସେ ଯାହା ହେଉନା କାହିଁକି ନଭେମ୍ବର ସାତ ତାରିଖ ଫକୀର ମୋହନ ପରିଷଦର ଯେଉଁ ନିର୍ବାଚନ ହେଲା, ସେଥିରେ ସୃଷ୍ଟି ହୋଇଥିବା କେତେକ ବ୍ୟତିକ୍ରମ ଉପରେ ଚର୍ଚ୍ଚା କରିବାକୁ ଉଚିତ ମନେ କରୁଛି । ଅନେକ କହୁଛନ୍ତି, ଏତେ ଦିନ ଧରି ଚାଲି ଆସୁଥିଲା, କେହି ଆପତ୍ତି ଉଠାଉ ନଥିଲେ କାହିଁକି ? ଅତୀତରେ ଖୁବ କମ ସଂଖ୍ୟାରେ ସଭ୍ୟ ଥିଲେ । ଏବେ କିନ୍ତୁ ୪୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଅଛନ୍ତି । ତେଣୁ ଏଭଳି ମତ ଆସିବା ସ୍ୱାବକିକ । ଅତୀତରେ ଯାହା ଚଳି ଆସୁଥିଲା, ଆଜି ଯେ ସଭିଏଁ ଗ୍ରହଣ କରିବେ, ଏହା କହିବା ଧୃଷ୍ଟତା ହେବ । ପରିବର୍ତ୍ତନ ଶୀଳ ସମୟରେ ଆମକୁ ଚାଲିବାକୁ ପଡିବ । ଏକଥା ପ୍ରତି କେହି ଗୁରୁତ୍ୱ ନ ଦେବା ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ । ଏଠାରେ ଗତ ନିର୍ବାଚନ ସମ୍ପର୍କିତ କେତେକ ତଥ୍ୟ ସଭିଙ୍କ ପାଇଁ ଉଜାଗର କରିବାକୁ ଉଚିତ ମନେ କରୁଛି ।

**୧) ସମ୍ବିଧାନ ଉଲ୍ଲଙ୍ଘନ :** କାର୍ଯ୍ୟକାରୀ ସମିତି ସଦସ୍ୟମାନଙ୍କର ନିର୍ବାଚନ ପଦ୍ଧତି ଅନୁସରଣ ନ କରି ନିଜ ମର୍ଜିରେ ମନୋନୟନ କରାଗଲା । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳେ, ଯେଉଁ ମାନଙ୍କୁ କାର୍ଯ୍ୟନିର୍ବାହିକା ସମିତିରେ ରଖିବା ପାଇଁ ଗୁପ୍ତ ଯୋଜନା କରା ଯାଇ ପାରିଥାଏ, ସେମାନଙ୍କୁ ବ୍ୟକ୍ତିଗତ ଭାବେ ଅଧିକରୁ ଅଧିକ ସଭ୍ୟ ଯୋଗାଡ଼ କରିବାକୁ ଯେ କୁହାଯାଉଥିବ, ଏକଥା କିଏ କହିବ ? ଆସନ ଲୋଭରେ ନାମାଙ୍କିତ ସଦସ୍ୟମାନେ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ଜିତେଇବା ପାଇଁ ଅନେକ ସଦସ୍ୟଙ୍କୁ ନିଜ ଆଡକୁ ଆଣି ଥାଇ ପାରନ୍ତି ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଜିତିବେ ବୋଲି ଦୃଢ଼ ବିଶ୍ୱାସ ଥିଲା । ତା' ନହୋଇଥିଲେ କମ୍ପ୍ୟୁଟରରେ ଟାଇପ ହୋଇ ଏତେ ଶୀଘ୍ର ସେ ତାଲିକା ଆସିପାରି ନଥାନ୍ତା । ସବୁଠାରୁ ମଜା କଥା ୧)ନମ୍ବରରେ ରଖିଥିବା ସଦସ୍ୟଙ୍କ ନାମକୁ କାଟି ୧୨ ନମ୍ବରକୁ ଅଣା ଗଲା ୧୨ ନମ୍ବରରେ ଥିବା (ସଭାପତି ମନୋନୀତ) ) ସଦସ୍ୟଙ୍କ ନାମକୁ ୧ ନମ୍ବରରେ ତରବରିଆ ଭାବେ କାଟି ପରିବର୍ତ୍ତନ କରାଗଲା । ଏହା ଯେଉଁ ଉଦେଶ୍ୟରେ କରାଯାଇଛି, ତାହାବି ସନ୍ଦେହ ସୃଷ୍ଟି କରିଛି ।

୨)ନିର୍ଦ୍ଦେଶ ଥିଲା ନିର୍ବାଚନ ପ୍ରକ୍ରିୟା ୨ ଟାରୁ ଆରମ୍ଭ ହୋଇ ୫ଟାରେ ଶେଷ ହେବ । କିନ୍ତୁ ବାସ୍ତବରେ ଦେଖାଗଲା, ଲଞ୍ଚ ଚାଲିଥିବା ସମୟରେ ତରବରିଆ ଭାବେ ୧.୪୦ ରେ ନିର୍ବାଚନ ଆରମ୍ଭ କରିଦିଆଗଲା । ଏହାର ପ୍ରଚ୍ଛନ୍ନ ଉଦେଶ୍ୟ କଣ ହୋଇପାରେ ?

୩) ଭୋଟ ଆରମ୍ଭ କରିବା ପୂର୍ବରୁ ଭୋଟ ବାକ୍ସ ଖାଲି ଅଛିକି ନାହିଁ, ସେ ସମ୍ପର୍କରେ କିଛିବି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । ସ୍ୱଚ୍ଛ ନିର୍ବାଚନ ପାଇଁ ଭୋଟ ବାକ୍ସ ଦୁଇ ପକ୍ଷର ସଭ୍ୟଙ୍କୁ ଡାକି ଦେଖା ଯାଇ ପାରିଥାନ୍ତା ଏବଂ ପରେ ତାହା ସିଲ ହୋଇଥାନ୍ତା । ସେଥିରେ ନିର୍ବାଚନ ଅଧିକାରୀ ଏବଂ ପରିଚାଳନାରେ ସହଯୋଗ କରୁଥିବା ସଦସ୍ୟମାନଙ୍କର (ସେଇ ବକ୍ସ ଉପରେ) ଦସ୍ତଖତ ରହିଥାନ୍ତା । ଏମିତି ହୋଇଛି କି ନାହିଁ, ତାହାବି ଅସ୍ପଷ୍ଟ ।

୪)ସଭିଙ୍କୁ ଆଧାର କାର୍ଡ ଆଣିବାକୁ କୁହାଯାଇଥିଲେ ବି, କୌଣସି ସଦସ୍ୟଙ୍କୁ ଆଧାର କାର୍ଡ ମଗାଯାଇ ନଥିଲା । କେବଳ ତାଲିକାର କ୍ରମିକ ନମ୍ବର ପଚରା ଯାଉଥିଲା । ଏଠାରେ ପ୍ରଶ୍ନ ଉଠେ, ନିର୍ବାଚନ ଅଧିକାରୀ କଣ ସମସ୍ତ ସଦସ୍ୟଙ୍କୁ ଚିହ୍ନି ଥିଲେକି ? ହୁଏତ କେହି ଜଣେ ଅନ୍ୟର କ୍ରମିକ ନମ୍ବର କହି ଭୋଟ ଦେଇ ପାରି ଥାଆନ୍ତି । ତେଣୁ ଏଇ ପ୍ରକ୍ରିୟା ବି ସନ୍ଦେହ ଜନକ ।

୫)ସବୁଠାରୁ ଉଲ୍ଲେଖନୀୟ କଥା , ଯିଏ ନିର୍ବାଚନ ଅଧିକାରୀ, ସେ କାର୍ଯ୍ୟକାରୀ ସମିତିର ସଭ୍ୟ ହୋଇଛନ୍ତି ବୋଲି ନିଜ ଢୋଲ ନିଜେ ପିଟିଛନ୍ତି । ନିଜେ ବି ଘୋଷଣା କରିଛନ୍ତି ।ଏହା ନିର୍ବାଚନ ପ୍ରକ୍ରିୟାର ଅତିକ୍ରମଣ ନୁହେଁକି ?

ଏଇ ସବୁ କାରଣ ହିଁ ଚଳିତ ନିର୍ବାଚନ ଯେ ନିରପେକ୍ଷ ତଥା ସ୍ୱଚ୍ଛତା ଅବଲମ୍ବନ କରାଯାଇ ନାହିଁ ତାହା ସ୍ପଷ୍ଟ ଦିବାଲୋକରେ ଜଳଜଳ ହୋଇ ଦେଖା ଯାଉଛି ।

୬) ଏଇ ପରିଷଦରେ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଭିନ୍ନ ସମୟରେ ସମ୍ପାଦକ, ଉପସଭାପତି, ସଭାପତି ଆସନ ଲମ୍ବା ସମୟ ଧରି ମାଡି ବସି ପୁଣି ପରିଷଦର ବ୍ୟାସ ସିଂହାସନ ବାରମ୍ବାର ଅକ୍ତିଆର କରୁଥିବାରୁ ଏମିତି ସନ୍ଦେହର ଉପସର୍ଗ ସୃଷ୍ଟି ହେବା ସ୍ୱାଭାବିକ ।

୭) ନିର୍ବାଚନ ସମୟରେ କେତେକ ସଦସ୍ୟ ନଥିବା ବ୍ୟକ୍ତି ଭିଡ଼ ଜମାଇଥିଲେ । ହୁଏତ ଏହା ଉତ୍ସୁକତା କାରଣରୁ ହୋଇପାରେ । କିନ୍ତୁ ଏମାନେ ଆଜୀବନ ସଦସ୍ୟମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠିକୁ ଜିତେଇବା ପାଇଁ ପ୍ରଭାବିତ କରି ନାହାନ୍ତିତ ? ଏମିତି ଅନେକ ପ୍ରଶ୍ନ ସୃଷ୍ଟି ହେଉଛି ଯେଉଁଠି ଅନିୟମତା ହୋଇଥାଏ, ସେଠାରେ ଏଇସବୁ ପ୍ରଶ୍ନ ଉଠିଥାଏ ।

ଉପସଂହାର-

ତେଣୁ ଏଇ ନିର୍ବାଚନ ଅସିଦ୍ଧ ଘୋଷଣା କରା ଯିବାର ଆବଶ୍ୟକତା ରହିଛି । ଏକ ସ୍ୱଚ୍ଛ ତଥା ନିରପେକ୍ଷ ନିର୍ବାଚନ ହେଲେ ବାଣୀପୁତ୍ରମାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ସ୍ଥାପନ ହୋଇ ପାରିବ । ଫକୀର ମୋହନ ସାହିତ୍ୟ ପରିଷଦର ସୁନାମ ବଢିବ । କିଏ ଜିତିବ କିଏ ହାରିବ ଏହା ବଡ଼ କଥା ନୁହେଁ । ହୁଏତ ଏଇ ନିର୍ବାଚନର ପ୍ରତିକ୍ରିୟା ଏକ ସାମୟିକ ଉଦବେଳନ ହୋଇପାରେ । କିନ୍ତୁ ଯାହା ସତ୍ୟ ଯାହା ବାସ୍ତବ, ତାହାକୁ ସଭିଏଁ ଗ୍ରହଣ କରିବା ଉଚିତ । ଶେଷରେ ଏତିକି କହିବି, ଆମମାନଙ୍କ ଭିତରେ ମତାନ୍ତର ରହିପାରେ କିନ୍ତୁ ମନାନ୍ତର ନୁହେଁ ।

ଆମକୁ ସମ୍ବିଧାନର ପ୍ରତିଟି ବିନ୍ଦୁ ଉପରେ ସମ୍ମାନ ଦେବା ଉଚିତ ।


\+ ସଲଟ ରୋଡ଼, ସୁନହଟ, ବାଲେଶ୍ୱର ୨

(ମୋ) ୯୪୩୮୨୯୦୦୭୨


## ଅର୍ଥନୀତିର ସୁଧାର ଓ ଜିଡିପିର ବୃଦ୍ଧି



ଅମୂଲ୍ୟ କୁମାର ପଣ୍ଡା

କରୋନା ମହାମାରୀ ଭାରତୀୟ ଅର୍ଥନୀତିକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । କରୋନା ଦ୍ୱାରା ବେଶି ପ୍ରଭାବିତ ହୋଇଥିବା ଦେଶ ଆମେରିକା ଏବଂ ଇଟାଲୀଠାରୁ ମଧ୍ୟ ଭାରତର ଜିଡିପି ହ୍ରାସ ଅଧିକ ରହିଥିଲା । ଦେଶରେ ଲକଡାଉନ ଓ ସଟଡାଉନ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ହ୍ରାସ ପାଇବ ବୋଲି ବିଶ୍ୱ ବ୍ୟାଙ୍କ ପୂର୍ବାନୁମାନ ଯାହା କରିଥିଲା ତାହା ସତ ପ୍ରମାଣ ହୋଇଥିଲା । ବିଶେଷ କରି ଦେଶରେ ୨୦୨୦ ଲକଡାଉନ ଜିଡିପି ହ୍ରାସ ପାଇଁ ମୁଖ୍ୟ ଭୂମିକା ଲିଭାଇଥିଲା ଯାହା ୨୦୨୧ ଲକଡାଉନରେ କମ ଅଛି ଆଉ ବିଶ୍ୱ ବ୍ୟାଙ୍କ କହିଥିଲା ଯେ ଭାରତରେ ଆର୍ଥିକ କ୍ଷେତ୍ରଗୁଡିକ ଦୁର୍ବଳ ଥିବା ଅବସ୍ଥାରେ ହିଁ କରୋନା ମହାମାରୀ ଭାରତୀୟ ଅର୍ଥନୀତିକୁ କବଳିତ କରିବ । ତେବେ ତାଙ୍କ ଅକଳନ ଠାରୁ ଆହୁରି ବିପର୍ଯ୍ୟସ୍ତ ହୋଇ ଯାଇଥିଲା ଅର୍ଥନୀତି । ଭାରତର ଜିଡିପି ଅଭିବୃଦ୍ଧି ଚିନ୍ତାଜନକ ଭାବେ ହ୍ରାସ ପାଇବା ବିଶେଷଜ୍ଞଙ୍କୁ ଚିନ୍ତାରେ ପକାଇଥିଲା । ତେବେ ଭାରତ ସରକାର ଏବେ ଅର୍ଥନୀତିରେ ସୁଧାର ଆଣିଛି ବୋଲି ଜଣା ଯାଉଛି ଆଉ ଧୀରେ ଧୀରେ ଏହା ପୂର୍ବ ଅବସ୍ଥାକୁ ଫେରିବ ବୋଲି ଆଶା କରାଯାଏ । ଏହା ହୋଇପାରିଲେ ଦେଶରେ ଏବେ ଲୋକ ମାନେ ଯେଉଁ ଦରଦାମ୍‌ର ସମ୍ମୁଖିନ ହୋଇଛନ୍ତି ତାହାଠାରୁ କିଛି ମାତ୍ରାରେ ଆଶ୍ୱସ୍ତି ଲାଭ କରିବେ ନିଶ୍ଚୟ ।

୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ତ୍ରୟ ମାସିକ ଜିଡିପି ରିପୋର୍ଟ ଅନୁସାରେ ଭାରତୀୟ ଅର୍ଥବ୍ୟବସ୍ଥା ଧିରେ ଧିରେ ତାର ଟ୍ରାକ୍‌କୁ ଫେରୁଛି ଅର୍ଥାତ୍ ୨୦୨୧-୨୨ର ପ୍ରଥମ ତ୍ରୈମାସିକରେ ଜିଡିପି ଅପେକ୍ଷାକୃତ ବୃଦ୍ଧି ପାଇଛି ତଥା ପ୍ରଥମ ତ୍ରୟ ମାସରେ ଜିଡିପି ଅଭିବୃଦ୍ଧି ହେବାର ସରକାରୀ ରେକର୍ଡ ପରିଲକ୍ଷିତ ହେଉଛି । ପ୍ରଥମ ଓ ଦ୍ୱିତୀୟ କୋରୋନା ଲହର ପରେ ପ୍ରଥମ ଥର ଜିଡିପି କ୍ଷେତ୍ରରେ ସାମ୍ନାକୁ ଆସିଛି ଭଲ ଖବର ଯାହା ଭାରତୀୟ ତଥା ସରକାରଙ୍କ ପାଇଁ ଆଶ୍ୱସ୍ତିର ବିଷୟ । କୌଣସି ଦେଶର ଅର୍ଥନୈତିକ ସ୍ଥିତିକୁ ମାପିବା ଦିଗରେ ଜିଡିପି ସର୍ବୋତ୍କୃଷ୍ଟ ମାପଦଣ୍ଡ ଅଟେ । ତେବେ ଏହି ଜିଡିପି କାହାକୁ କୁହଯାଏ ? ଏହାର ଉତ୍ତର ହେଲା କୌଣସି ଦେଶର ସୀମା ମଧ୍ୟରେ ଏକ ନିର୍ଦ୍ଧାରିତ ସମୟ ଭିତରେ ଉତ୍ପାଦିତ ହେଉଥିବା ସମସ୍ତ ବସ୍ତୁ ଏବଂ ସେବାର ମୋଟ ମୌଦ୍ରିକ ମୂଲ୍ୟ ବା ବଜାର ମୂଲ୍ୟକୁ ଜିଡିପି ବା ମୋଟ ଘରୋଇ ଉତ୍ପାଦ କୁହାଯାଏ । ଏହାଦ୍ୱାରା ଯେକୌଣସି ରାଷ୍ଟ୍ରର ଅର୍ଥନୈତିକ ସ୍ଥିତି ଜଣାପଡିଥାଏ । ସାଧାରଣତଃ ଜିଡିପିର ବାର୍ଷିକ ଗଣନା କରାଯାଏ । ହେଲେ ଭାରତରେ ଏହା ତିନି ମାସକୁ ଥରେ ହୋଇଥାଏ ଅର୍ଥାତ୍ ବର୍ଷକରେ ଚାରି ଥର ଗଣନା କରାଯାଏ । କିଛି ବର୍ଷ ହେଲା ଭାରତରେ ଜିଡିପି ଗଣନାରେ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାଙ୍କିଂ ଏବଂ କମ୍ପ୍ୟୁଟର ଭଳି ଭିନ୍ନ ଭିନ୍ନ ସେବା କ୍ଷେତ୍ରଗୁଡିକୁ ସାମିଲ କରାଯାଇଛି ଯାହା ଆଗକୁ ଶୁଭ ହେବ ବୋଲି ଅନୁମାନ କରାଯାଏ । ଜିଡିପି କ୍ଷେତ୍ରରେ ପୁନରୁଦ୍ଧାର ଦେଶର ଅର୍ଥବ୍ୟବସ୍ଥା ପୁଣିଥରେ ଟ୍ରାକକୁ ଫେରୁଥିବାର ସଙ୍କେତ ଏବେ ମନରେ ଉତ୍ସାହ ପ୍ରଦାନ କରିଛି । ପୂର୍ବରୁ କୋରୋନା ସଙ୍କଟ ଭାରତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡକୁ ଦୋହୋଲାଇ ଦେଇଥିଲା । ଫଳରେ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ତ୍ରୟ ମାସିକରେ ୨୩.୯ ପ୍ରତିଶତ ଖସିଥିଲା ଭାରତୀୟ ଅର୍ଥବ୍ୟବସ୍ଥା । ଏହାପରେ ଦ୍ୱିତୀୟ ତ୍ରୟ ମାସରେ ଜିଡିପି ୭.୫ ପ୍ରତିଶତ ଖସିଥିଲା । ତୃତୀୟ ତ୍ରୟ ମାସରେ ଏହି ହାର ୦.୪ ପ୍ରତିଶତ ରହିଥିଲା । ହେଲେ ଚତୁର୍ଥ ତ୍ରୟ ମାସରେ ଜିଡିପିରେ ୧.୬ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଥିଲା । ଏଥର ଜିଡିପି ଅଭିବୃଦ୍ଧି ୨୦.୧ ପ୍ରତିଶତ ରହିଛି । ଏହା ପୂର୍ବରୁ ଆରବିଆଇ ଦ୍ୱାରା ଜାରି କରାଯାଇଥିବା ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଚଳିତ ତ୍ରୈମାସିକରେ ଜିଡିପି ପ୍ରାୟ ୧୮.୫ ପ୍ରତିଶତ ହାରରେ ବୃଦ୍ଧି ପାଇପାରେ । କିନ୍ତୁ ଏହି ଅନୁମାନ ଠାରୁ ଆଶାତିତ ଭାବେ ବୃଦ୍ଧି ପାଇଛି ଜିଡିପି । ଏପ୍ରିଲ ରୁ ଜୁନ ତ୍ରୈମାସିକରେ ଜିଡିପି ୨୧.୪ ପ୍ରତିଶତ ବୃଦ୍ଧିପାଇବ ବୋଲି ଅନୁମାନ କରାଯାଉଥିବା ବେଳେ ଏଥିରେ ସାମାନ୍ୟ ହ୍ରାସ ପାଇ ୨୦.୧ ପ୍ରତିଶତ ରହିଛି ଯାହା ଶୁଭ ସଂକେତ ମଧ୍ୟ । ଗତବର୍ଷର ପ୍ରଥମ ତ୍ରୟ ମାସରେ ଜିଡିପି ଅଭିବୃଦ୍ଧି ହାର ମାଇନସ ୨୩.୯ ପ୍ରତିଶତ ଥିଲା ଯାହା ସରକାର ଓ ଅର୍ଥନୈତିକ ବିଶେଷଜ୍ଞଙ୍କୁ ଖୁବ୍ ଚିନ୍ତାରେ ପକାଇଥିଲା ।


\+ ଅରଙ୍ଗାବାଦ ବରୀ ଯାଜପୁର

(ମୋ) ୯୯୩୮୯୦୬୦୭୦


## କବିତା କୋଣାର୍କ

### ପ୍ରେମର ମଧୁର ରାଗିଣୀ



ଅମରନାଥ ବାରିକ୍

ବସନ୍ତର ମଳୟ କୋଇଲିର କୁହୁ
ଆମ ପ୍ରେମର ପ୍ରଶଂସା କରନ୍ତି ଗାନ
ମହକି ଯାଉଛି ଆମ ପ୍ରେମର ବାସ୍ନା
ବିତରଣ କରେ ତାକୁ ରାତିର ଜହ୍ନ ।

ପ୍ରେମର ରାଗିଣୀ ଗାଏ ଭ୍ରମର ଗୁଞ୍ଜନ
ବଗିଚାର ଫୁଲ ଲେଖେ ଗଳପ ଆମର
ପ୍ରୀତିର ଚୁମ୍ବନ କରେ ଟିକି ପ୍ରଜାପତି
ପଢ଼ିଲେ ହାତଲେଖା ଚିଠିଟି ତୁମର ।

ଶ୍ରାବଣ ଭିଜାଏ ଆମ ପାଦ ଚିହ୍ନ ଯେତେ
ରଜନୀରେ ଖୋଜୁଥାଏ ମୋ ପିପାଷୁ ମନ
ଥୁରୁଥୁରୁ ଓଠ କହେ ମିଳନ୍ତକି ତୁମେ
ସାରା ରାତି ଦେଖିବାକୁ ନିରଳା ସପନ ।

କହୁଛି ହରିଣୀ ଆଖି ଅତି ଗୋପନରେ
ଆମର ସେହି ଅମର ପ୍ରେମର ରାଗିଣୀ
ତୁମେ ବନ୍ଧୁ ପରଦେଶୀ ଚଢ଼େଇ ମୋ ପାଇଁ
ଆସିବ କେବେ ହେ ପ୍ରିୟ ଅତନ୍ଦ୍ର ଚାହାଣୀ ।

ଆଖିର କଜଳ ଗାର ଲାଗେ ଫିକା ଫିକା
କୁହ ବଞ୍ଚିବି କେମିତି ତୁମବିନା ଏକା
ଜାଣିଛି ତୁମେଗୋ ମୋର ମନର ଦେବତା
ଭରସିଛି ନ କରିବ ବିଶ୍ୱାସ ଘାତକତା ।

ପାଦର ପାଉଁଜି ଆଜି ହେଲାଣି ନୀରବ
ଅଳତା କହୁଛି କେଉଁ କାମରେ ଲାଗିବି
ତୁମେ ଥିଲ ହସୁଥିଲା ମୋ ପ୍ରେମ ପୃଥିବୀ
ଲେଉଟିଲେ ବିରହର ବେଦନା କହିବି ।


\+ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା ପିନ୍ ନଂ - ୭୫୫୦୧୧
(ମୋ) ୯୫୪୦୩୦୮୦୯୫


### ଦ୍ୱିତୀୟା ଚାନ୍ଦ

ବବିତା ପଟ୍ଟନାୟକ



ଚାନ୍ଦଟା ମୁରୁକି ହସୁଛି
ଦେଖି ମୋର ବିବଶତା
ହୃଦୟ ତ ଆଜି ଗୁମୁରି କାନ୍ଦୁଛି
ଭାବି ଭାବି ଗତ କଥା ॥

ମନର ମଣିଷ ମନ ଆକାଶରେ
ଅପାସୋରା ତା'ର ଗାଥା
ଅପେକ୍ଷା ରଜନୀ ଅଧିର କୋହରେ
ଅସରା ଅନ୍ତର ବ୍ୟଥା ॥

ଜହ୍ନ କି ବୁଝିବ ଅବୋଷ ମନର
ଅବ୍ୟକ୍ତ ଅନଳ ଭାବ
ଶୁଭ୍ର ରାଶି ତଳେ ରୂପେଲି ଚାଦର
କଇଁକୁ ପାଛୋଟି ନେବ ॥

ଭରା ଅମାରାତି ଘୋଟି ଯେବେ ଆସେ
ଦୁର ଦିଗ୍‌ବଳୟେ ଲୁଚେ
ପୁନେଇଁ ଆକାଶେ ଆସ୍ତରଣ ପରେ
ପ୍ରୀତିର ଉପମା ବିଛେ ॥

ଚାନ୍ଦଠୁ ତୁମକୁ କରିଛି ମୁଁ ଚୋରି
ସରାଗେ ଧରିଛି ତୋଳି
ତୁମେ ବୁଝିଲନି ମୋ ମନ ତଳର
ଅକୁହା ଅନ୍ତର ଅଳି ॥

ଭାବରେ ଭାବକୁ ଦେଇଛି ମୁଁ ଛନ୍ଦି
କହିବି ମନର କଥା
ଅନୁଭବି ଲନି ହୃଦୟ ସ୍ପନ୍ଦନ
ଅନ୍ତରର ଆବେଗତା ॥

ଅପେକ୍ଷାରେ ଦିନ କଟଇ ମୋର
ଏମନ ଖୋଜୁଛି ନିତି
ଫେରାଇ ଦେବକି କଥା ସେଦିନର
ବନ୍ଧା ସେ ଅତିତ ସ୍ମୃତି ॥


\+ ରାଉରକେଲା


### ଶୀତ

ପ୍ରଶାନ୍ତ କୁମାର ନାଥ

ମୁଁ ଆସିଲେ ସଭିଙ୍କ ମନ
ଖୁସିରେ ନାଚିଉଠେ ।

ମୁଁ ଆସିଲେ ବେପାର ଜମେ
ସୁଇଟର୍, ମଫଲର୍, କମ୍ବଳ
ରେଜେଇ ଆଉ ଚାଦରର ।

ମୁଁ ଆସିଲେ ସୂର୍ଯ୍ୟର କିରଣ ବି
ମିଠାମିଠା ଲାଗେ ।

ମୁଁ ଆସିଲେ ଘାସସବୁ
ସଜେଇ ହୁଅନ୍ତି ମୁକ୍ତାସମ
କାକର ଟୋପାରେ ।

ମୁଁ ଆସିଲେ ବେଶ ଭଲ
ଆସର ଜମେ ସକାଳୁ ସକାଳୁ
ନିଆଁ ଧୁନି ସାଥେ ରାସ୍ତା କଡରେ ।

ମୁଁ ଆସିଲେ ସମସ୍ତେ ଚାହାନ୍ତି
ଗରମ ଚା' କାପ୍‌କୁ
ଆଦରରେ ଚୁମ୍ବନ ଦେବା ପାଇଁ

ମୋ ଆଗମନରେ ଚା' ପିଇବାର
ମଜାଟା ନିଆରା ନିଆରା ଲାଗେ
ଆଉସେ ଏକ ଗରମ ସ୍ପର୍ଶ ଦେଉଥାଏ ।


\+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
(ମୋ) ୦୮୮୯୨୩୦୧୧୪୩


### ମଧୁମତୀ

ଧ୍ରୁବ ଚରଣ ବେହେରା



ନୀରବ ରାତିର ସ୍ୱପ୍ନ କୁଞ୍ଜେ ତୁମେ
ପ୍ରେମମୟୀ ମଧୁମତୀ
ହୃଦୟ ଆକାଶେ ରୂପସୀ ଚାନ୍ଦିନୀ
ଅଭୁଲା ମନର ପ୍ରୀତି ॥

ଲାଜୁଆ ବଦନେ ସୁନା ଗୋରୀ ମୋର
ଅଳସେ ଦେଲେ ସେ ଚାହିଁ
ଦେଖିଲେ ଲାଗଇ ଯୌବନ ପସରା
ସତେ ସରସୀର କଇଁ ॥

ତୁମ କଥା ଭାବି ରାତି ସରେ ନାହିଁ
ଭାବନା ରାଇଲେ ବୁଲି
ତୁମେ ମୋ ମନର କଳ୍ପନା ସୁନ୍ଦରୀ
ରୂପସୀ ଚମ୍ପା ଚାମେଲୀ ॥

ଓଷ୍ଠ ଧାର ତୁମ କୋମଳତା ପାଇ
ଫଗୁଣକୁ ଡାକୁଅଛି
କେଶ ବିନ୍ୟାସର ଉପମା ବିଧୁରେ
ରାଣୀ ପରି ସଜାଇଛି ॥

କେତେ କଥା ପ୍ରିୟା ସାଇତି ଅଛି ମୁଁ
କେବଳ ତୁମର ପାଇଁ
ତୁମେ ମୋ ମନର ଅଳସୀ ନାୟିକ
ମୁଁ ତୁମ ପ୍ରେମ ବାଟୋଇ ॥

ଥରୁଟିଏ ମାତ୍ର ଦେଖା ହୋଇ ପ୍ରିୟା
ଭୁଲିଯାଅ ପଛେ ଦୂରେ
ଲାବଣ୍ୟବତୀର ଶୋଭିତା ଚେହେରା
ଅମର ଥାଉ ମନରେ ॥

ମନ ନେଇ ଥରେ ମନ ବିକି ଦେଲେ
ମିଳେଇ ପ୍ରୀତିର ସ୍ମୃତି
ତୁମେ ମୋ ରୂପସୀ ପ୍ରେମିକା ନାୟିକା
ମଧୁପୁର ମଧୁମତୀ ॥


\+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
(ମୋ) ୮୩୨୮୯୩୦୫୫୪

# ପେସା କ୍ୟା ନ କରେ କାମ୍



ନିର୍ବନ୍ଧ ବା ମୁଦିପିନ୍ଧା ଉତ୍ସବରେ ଯଦି ଦେଢ଼ କୋଟି ଟଙ୍କାର ଉପହାର ପାଇଛନ୍ତି, ତେବେ ବିବାହ ଓ ଦାମ୍ପତ୍ୟ ଜୀବନରେ ସେ କେତେ ଐଶ୍ୱର୍ଯ୍ୟ ପାଉନଥିବେ ! ବିଶ୍ୱସୁନ୍ଦରୀ ମୁକୁଟ ପିନ୍ଧିଥିବା ପ୍ରିୟଙ୍କା ଚୋପ୍ରା ଏବେ ସେଥିପାଇଁ ପ୍ରଶଂସକଙ୍କର ଆଲୋଚ୍ୟ ବିଷୟ ପାଲଟିଛନ୍ତି। ବିବାହ ପୂର୍ବରୁ ସେ ପାଇଥିବା ମୁଦିର କଥା କହିଛନ୍ତି।

ତାଙ୍କ କହିବା ଅନୁଯାୟୀ, ସ୍ୱାମୀ ନିକ୍ ଜୋନାସଙ୍କ ପରିବାର ଲୋକେ ଯେତେବେଳେ ତାଙ୍କୁ ଦେଖିବାକୁ ଆସିଥିଲେ, ସେତେବେଳେ ସେମାନେ ତାଙ୍କ ହାତରେ ପିନ୍ଧାଇଥିବା ମୁଦିର ମୂଲ୍ୟ ଅନ୍ୟୂନ ୨ ଲକ୍ଷ ଆମେରିକୀୟ ଡଲାର ହେବ, ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ଦେଢ଼ କୋଟି ଟଙ୍କା ହେବ। ମୁଦି ପିନ୍ଧିବା ପରେ ପ୍ରିୟଙ୍କାଙ୍କ ପାଦ ଆଉ ଭୂଇଁରେ ଲାଗି ନ ଥିଲା। ସେ ମାଟିକୁ ସ୍ୱର୍ଗ ପରି ଭାବିଥିଲେ। ଏଥିରୁ ସେ ଅନୁମାନ କରିଥିଲେ ଯେ ଜୋନାସଙ୍କ ପରିବାରର ଆଭିଜାତ୍ୟ କେତେ ହେଇଥିବ। ଚଳଚ୍ଚିତ୍ର ଜଗତରେ ତାଙ୍କର ଚାହିଦା ଏକନମ୍ବରରେ ପହଞ୍ଚିବା ସହ ବିଶ୍ୱର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ତାଲିକାରେ ତାଙ୍କ ନାଆଁ ଅନ୍ତର୍ଭୁକ୍ତ ହେଇଛି। ସୂଚନାଯୋଗ୍ୟ, କୋଟିପତି ଓ ନାମକରା ଭାରତୀୟଙ୍କୁ ସେ ପସନ୍ଦ ନକରି ବିବାହ କରିଛନ୍ତି ପାଶ୍ଚାତ୍ୟ ସିନେମା ଜଗତର ଜଣେ କଣ୍ଠଶିଳ୍ପୀ, ଗୀତିକାର ଓ ଅଭିନେତା ନିକ୍ ଜୋନାସଙ୍କୁ। ଏବେ ପ୍ରାୟ ହଲିଉଡ୍ ସିନେମାରେ ଅଭିନୟ କରୁଥିବା ପ୍ରିୟଙ୍କା ମଧ୍ୟ କିଛି ଭାରତୀୟ ବିଜ୍ଞାପନରେ ନିଜ ହସର ଝଲକ ପରଷି ଅଭିନୟରେ ସକ୍ରିୟ ଅଛନ୍ତି।

ଅତୀତରେ ରଣଧୀର କପୁର ତନୟା କରିସ୍ମା କପୁରଙ୍କ ସହ ନିର୍ବନ୍ଧ ହୋଇ ବି ଅମିତାଭ ବଚ୍ଚନଙ୍କ ପୁଅ ଅଭିଷେକଙ୍କ ବିବାହ ବାତିଲ ହେଇଥିଲା। ବଲିଉଡ୍ ଅଭିନେତ୍ରୀମାନଙ୍କ ମଧ୍ୟରେ ଅନେକଙ୍କ କ୍ଷେତ୍ରରେ ବି ଏମିତି ଘଟିଛି। ହେଲେ ପ୍ରିୟଙ୍କାଙ୍କ କ୍ଷେତ୍ରରେ ଏହା ଘଟିନାହିଁ, କାରଣ ସେ ନିଜ ଆଭିଜାତ୍ୟ ତୁଳନାରେ ଜୋନାସ୍‌ଙ୍କ ଆଭିଜାତ୍ୟ ଶତଗୁଣ ଅଧିକ ବୋଲି ଆକଳନ କରିଥିଲେ। ପ୍ରିୟଙ୍କା-ଜୋନାସଙ୍କ ସମ୍ପର୍କ ଦୀର୍ଘଦିନ ତିଷ୍ଠି ରହିବାକୁ ସମର୍ଥକମାନେ ଆଶା ରଖିଥିଲା ବେଳେ ବାସ୍ତବ ରୂପରେଖ ସମୟ ହିଁ କହିବ।

# ଆଇନ ଜାଲରେ ଫସିଲେ ଆଲ୍ଲୁ ଅର୍ଜୁନ !



ଅଡୁଆରେ ସାଉଥ ସୁପରଷ୍ଟାର ଆଲ୍ଲୁ ଅର୍ଜୁନ। ବିଜ୍ଞାପନକୁ ନେଇ ସୃଷ୍ଟି ହୋଇଛି ବିବାଦ। ଆଇନ ଜାଲରେ ଫଶିଲେ ଟଲିଉଡର ଏହି ଷ୍ଟାଇଲିଷ୍ଟ ଷ୍ଟାର। ତେଲେଙ୍ଗାନା ଷ୍ଟେଷ୍ଟ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେସନକୁ ପକ୍ଷରୁ ତାଙ୍କୁ ଆଇନଗତ ନୋଟିସ ପଠାଯାଇଛି। TSRTCର କର୍ମଚାରୀ ଏବଂ ଯାତ୍ରୀଙ୍କୁ ସେ ଅପନାତିକ କରିଥିବା ଅଭିଯୋଗ ହୋଇଛି। ନିକଟରେ ଆଲ୍ଲୁ ଅର୍ଜୁନ ଏକ ଆପ୍‌ର ବିଜ୍ଞାପନ କରିଥିଲେ। ୟଟ୍ୟୁବରେ ଏହି ବିଜ୍ଞାପନ ଗତ କିଛି ଦିନ ତଳେ ପ୍ରସାରିତ ହୋଇଛି। ଏହି ବିଜ୍ଞାପନରେ ଆଲ୍ଲୁ ଜଣେ ଦୋସା ବିକଳି ଚରିତ୍ରରେ ନଜର ଆସିଛନ୍ତି। ସେ ଜଣେ ଗ୍ରାହକଙ୍କୁ ରାଜ୍ୟର ବସ୍‌ଗୁଡିକ ଠିକଣା ସ୍ଥାନରେ ପହଞ୍ଚାଇବା ପାଇଁ ଅଧିକ ସମୟ ନିଅନ୍ତି। ଆପଣ ଆପ୍ ଜରିଆରେ ବାଇକରେ ବସି ଖୁବ୍‌ଶୀଘ୍ର ଓ ସଫଳତାର ସହ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ। ଏଥିସହ ବସ୍ ଭିଡରୁ ରକ୍ଷା ମଧ୍ୟ ପାଇପାରିବେ ବୋଲି କହୁଥିବା ଦେଖିବାକୁ ମିଳିଛି।

ଏହି ବିଜ୍ଞାପନରେ ଆଲ୍ଲୁ ଅର୍ଜୁନ ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲାର ବିରବସାରାମ ମାର୍ଗରେ ଠିଆ ହୋଇ ଆନ୍ଧ୍ରପ୍ରଦେଶର ସରକାରୀ ବସ୍ ଆଡକୁ ଇସାରା କରିଥିବା ମଧ୍ୟ ନଜର ଆସିଛନ୍ତି। ଏହାକୁ ନେଇ ବିବାଦ ଉପୁଜିଛି।

ଟିଏସ୍‌ଆରଟିସି ମୁଖ୍ୟ ବି ସି ସଜ୍ଜନର ଆଲ୍ଲୁ ଅର୍ଜୁନଙ୍କ ଏହି ବିଜ୍ଞାପନକୁ ବିରୋଧ କରିଛନ୍ତି। ଆରଟିସି ବସ୍‌ରେ ଯାଉଥିବା ଯାତ୍ରୀ ଏବଂ କର୍ମଚାରୀ ଏହି ବିଜ୍ଞାପନକୁ ପସନ୍ଦ କରିନାହାନ୍ତି। ଟିଏସ୍‌ଆରଟିସିକୁ ଏହା ଅପମାନିତ କରିଛି। ତେଣୁ ଟିଏସ୍‌ଆରଟିସିର ମ୍ୟାନେଜମେଣ୍ଟ, ଯାତ୍ରୀ ଏବଂ ଏହାର ପୂର୍ବତନ କର୍ମଚାରୀମାନେ ଏଭଳି ଅପମାନକୁ ବରଦାଶ କରିବେ ନାହିଁ ବୋଲି ବି ସି ସଜ୍ଜନର କହିଛନ୍ତି। ଆଲ୍ଲୁ ଅର୍ଜୁନଙ୍କୁ ଏଥିପାଇଁ ଆଇନଗତ ନୋଟିସ ପଠାଯାଇଛି।

TSRTC ସାଧାରଣ ଲୋକଙ୍କ ସେବା ପାଇଁ ଅଟେ। ଅଭିନେତାମାନେ ସେହି ବିଜ୍ଞାପନଗୁଡିକୁ ପ୍ରୋତ୍ସାହିତ କରିବା ଉଚିତ ଯାହା ସାଧାରଣ ପରିବହନର ଉନ୍ନତି ପାଇଁ ଅଟେ ଏବଂ ଯାହା ଦ୍ୱାରା ଆମର ସାଇଟ୍ ପରିଷ୍କାର ରହିବ ବୋଲି ସେ କହିଛନ୍ତି। ବି ସି ସାଜ୍ଜନାର ପୂର୍ବରୁ ସାଇବରବାଦ ପୁଲିସ କମିଶନର ଥିଲେ। ଏହା ପରେ ତାଙ୍କୁ TSRTCର MD ଦାୟିତ୍ୱ ଦିଆଯାଇଛି।

# ଓଡ଼ିଆ ଚଳଚିତ୍ର '୨ ଚକୋଲେଟ୍'

ଓଡ଼ିଶାର ପ୍ରିମିୟମ୍ ଓଟିଟି ପ୍ଲାଟ୍‌ଫର୍ମ 'କଞ୍ଚାଲଙ୍କା'ରେ ଓଡ଼ିଆ ଚଳଚିତ୍ର '୨ ଚକୋଲେଟ୍' ଷ୍ଟ୍ରିମିଙ୍ଗ୍ ଆରମ୍ଭ ହେଇଛି। ଏହା ଏକ ନୂତନ ପଦକ୍ଷେପ ଯେଉଁଠି ବଡ଼ ବଜେଟ୍‌ର ପିଲ୍ମକୁ ଓଟିଟି ମାଧ୍ୟମରେ ସାରା ବିଶ୍ୱର ଦର୍ଶକ ଦେଖିପାରିବେ।



ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଶାନ୍ତ ମଣି '୨ ଚକୋଲେଟ୍'ର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଛନ୍ତି। ଚକୋଲେଟ୍ ଭଳି କିଛି ମିଠା ସ୍ୱାଦକୁ ନେଇ ଏକ ପ୍ରେମ କାହାଣୀ ଜରିଆରେ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବାପାଇଁ ଏହି ଚଳଚ୍ଚିତ୍ରରେ ପ୍ରୟାସ କରାଯାଇଛି। ନବାଗତ କଳାକାର ଲୋହିତାକ୍ଷ ଓ ସ୍ୱପ୍ନାଙ୍କ ସହିତ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ନିତୁ ସିଂ ଏବଂ ମୁମ୍ବାଇରେ ଅବସ୍ଥାପିତ ଓଡ଼ିଆ ଅଭିନେତା ଚିତ୍ତରଂଜନ ତ୍ରିପାଠୀ। 'କଞ୍ଚାଲଙ୍କା'ରେ ଅପରାଧ, ରୋମାଞ୍ଚ, ପ୍ରେମ, ଓ ହାସ୍ୟ ଆଦି ବିଭିନ୍ନ ରୁଚିର ନୂଆ ନୂଆ ଚଳଚ୍ଚିତ୍ର ଓ ୱେବ୍ ଧାରାହାହିକ ପ୍ରସାରଣ କରାଯାଉଛି। ଦର୍ଶକ ବିନା ବିଜ୍ଞାପନରେ ଏବଂ ଇଂରାଜୀ ଭାଷା ରୂପାନ୍ତର ସହିତ ଅଲଟ୍ରା ଏଚ୍‌ଡି ମାନର କାର୍ଯ୍ୟକ୍ରମ ଦେଖିପାରୁଛନ୍ତି। ନିକଟରେ ଭୁବନେଶ୍ୱରର ଏକ ହୋଟେଲରେ ଚଳଚ୍ଚିତ୍ର '୨ ଚକୋଲେଟ୍'ର ପ୍ରିମିୟର ସୋ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଞ୍ଚାଲଙ୍କାର ସହ ପ୍ରତିଷ୍ଠାତା ଏବଂ ଅଧକ୍ଷ ଅକ୍ଷୟ କୁମାର ପରିଜା କହିଛନ୍ତି, 'ଆମର ପୂର୍ବ ପ୍ରତିଶ୍ରୁତି ଅନୁସାରେ ଆମ କଞ୍ଚାଲଙ୍କା ପ୍ଲାଟ୍‌ଫର୍ମରେ ଅନେକ ନୂଆ ଚଳଚ୍ଚିତ୍ର ଏବଂ ୱେବ୍‌ସିରିଜ୍ ଦେଇଛୁ। '୨ ଚକୋଲେଟ୍' ଭଳି ଚଳଚ୍ଚିତ୍ର ଆମ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ ବୋଲି ମୁଁ ଆଶା କରୁଛି।

# ସ୍ୱାମୀଙ୍କୁ ତାରିଫ

ବଲିଉଡର ଚକୋଲେଟ୍ ହିରୋ ଶାହିଦ କପୁରଙ୍କ ପତ୍ନୀ ଏବେ ସ୍ୱାମୀଙ୍କୁ ପ୍ରଶଂସାରେ ପୋତି ପକେଇଛନ୍ତି। 'ଦିଲ୍ ତୋ ପାଗଲ ହେ' ଫିଲ୍ମରୁ ଅଭିନୟ ଯାତ୍ରା ଆରମ୍ଭ କରିଥିବା ଶାହିଦ କପୁର ଏହା ଭିତରେ ତାଲ୍, ଇସ୍କ ଭିସ୍କ, ଦିଲ ମାଙ୍ଗେ ମୋର, ଶିକାର, ୩୬ ଚାଇନା ଟାଉନ୍, ଚୁପକେ ଚୁପକେ, ଫୁଲ ଔର ଫାଇନାଲ, କିସମତ କନେକସନ୍, କମିନେ, ଦିଲ ବୋଲେ ହାଡିପା, ଚାନ୍ସ ପେ ଡ୍ୟାନ୍ସ, ପାଠଶାଳା, ବଦମାସ କମ୍ପାନୀ, ମେସମ୍, ତେରି ମେରି କହାନୀ, ଫଟା ପୋଷ୍ଟର ନିକଲା ହିରୋ, ଆର ରାଜକୁମାର, ହାଇଦର, ସାନଦାର, ଉଡତା ପଞ୍ଜାବ, ପଦ୍ମାବତ, ୱେଲକମ ଟୁ ନ୍ୟୁୟର୍କ, ବତୀ ଗୁଲ ମିଟର ଚାଲୁ ପରି ଚଳଚ୍ଚିତ୍ରର ନାୟକ ଭାବେ ଦେଖିବାକୁ ମିଳିଛି ଶାହିଦଙ୍କୁ।

ହେଲେ ଶାହିଦଙ୍କ ଅଭିନୀତ ଫିଦା, ଜବ ଉଇ ମେଟ୍ ଏବଂ କବୀର ସିଂହ ଏତେ ଚର୍ଚ୍ଚିତ ହେଇଛି ଯେ ଏଥିରେ ଶାହିଦଙ୍କ ରୋମାଣ୍ଟିକ ଭୂମିକାର ନିଚ୍ଛକ ପ୍ରତିଫଳନ ହେଇଛି। ହେଲେ ଶାହିଦଙ୍କୁ ବିବାହ କରିଥିବା ମୀରା ରାଜପୁତ ଯେ ତାଙ୍କର ନିର୍ଦ୍ଦିଷ୍ଟ ଏକ ଚଳଚ୍ଚିତ୍ରକୁ ତାରିଫ କରିବେ କିଏ ଜାଣିଥିଲା। ମୀରା ଶାହିଦଙ୍କୁ ସ୍ୱାମୀ ଭାବରେ ଯେତେ ତାରିଫ କରନ୍ତୁ ନା କାହିଁକି, ତାଙ୍କର କେ ?ଣସି ସିନେମାକୁ ଯେ ବାହାବା ଦେବେ ଅନେକଙ୍କର ଉତ୍କଣ୍ଠା ଥିଲା, ତାହା ଏବେ ସ୍ପଷ୍ଟ ହେଇଯାଇଛି। ମୀରା କହିଛନ୍ତି 'ମୋତେ ଶାହିଦଙ୍କ ଅଭିନୀତ 'ଚୁପ୍‌କେ ଚୁପ୍‌କେ' ଚଳଚ୍ଚିତ୍ରଟି ଅଧିକ ଆକୃଷ୍ଟ କରିଛି। ଏଥିରେ ଶାହିଦଙ୍କ ଅଭିନୟ ମୋ ହୃଦୟକୁ ସ୍ପର୍ଶ କରିଛି।'



# ଅଟକିଲା ଆଲିଆ-ରଣବୀରଙ୍କ ବିବାହ, ଆଉ ବର୍ଷକୁ ଅପେକ୍ଷା



ବଲିଉଡର ମୋଷ୍ଟ ହଟ୍ କପଲ ରଣବୀର କପୁର ଏବଂ ଆଲିଆ ଭଟ୍ଟ ବିବାହକୁ ସମସ୍ତଙ୍କ ଅପେକ୍ଷା ରହିଛି। ଚଳିତ ବର୍ଷ ଡିସେମ୍ବରରେ ଦୁହେଁ ବିବାହ କରିବେ ବୋଲି ଶୁଣିବାକୁ ମିଳୁଥିଲା। କିନ୍ତୁ ଏବେ ଏହା ଟଳି ଯାଇଛି। ଆସନ୍ତା ବର୍ଷ ଏହି ଦୁଇ ଲଭବାର୍ଡ ବିବାହ କରିପାରନ୍ତି। ଗତ କିଛି ଦିନ ହେବ ଆଲିଆ-ରଣବୀର ଉଭୟଙ୍କ ବିବାହକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତେ। ତେବେ ଶୁଣିବାକୁ ମିଳୁଛି ଯେ, ରଣବୀର କପୁର ଓ ଆଲିଆ ଭଟ୍ଟଙ୍କ ବିବାହ ପୁଣି ସ୍ଥଗିତ ହୋଇଛି। ସୋସିଆଲ ମିଡିଆରେ ଏକ ପୋଷ୍ଟ ଭାଇରାଲ ହେଉଛି, ଯେଉଁଥିରେ ଏହି ଦମ୍ପତି ନିଜ ବିବାହ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି ବୋଲି ଦର୍ଶାଯାଇଛି। ଉକ୍ତ ପୋଷ୍ଟରେ ଅନେକ ଫ୍ୟାନ୍ସମାନେ ତାଙ୍କ ପ୍ରତିକ୍ରିୟା ଦେଇଛନ୍ତି। ଆସନ୍ତା ବର୍ଷ ଏପ୍ରିଲ ମାସରେ ଏହି ଦୁଇ ଯୋଡି ବିବାହ କରିବେ ବୋଲି ଏବେ ଚର୍ଚ୍ଚା ହେଉଛି। ଦୀପାବଳି ଦିନ ଆଲିଆ ନିଜ ଇଣ୍ଟାଗ୍ରାମ୍‌ରେ ଉଭୟଙ୍କ ଏକ ରୋମାଣ୍ଟିକ୍ ଫଟୋ ପୋଷ୍ଟ କରିଥିଲେ। ଏହି କାରଣରୁ ସେମାନଙ୍କ ଫ୍ୟାନ୍ସ ଭାବିଥିଲେ ଯେ, ଉଭୟ ଶୀଘ୍ର ବିବାହ କରିବେ। ଏବେ କିନ୍ତୁ ସୋଶାଲ ମିଡିଆରେ ଆଉ ଏକ ଫଟୋ ଭାଇରାଲ ହୋଇଛି। ଏହି ପୋଷ୍ଟରେ ରଣବୀର ଓ ଆଲିଆଙ୍କ ଫଟୋକୁ ଶେୟାର କରି ଲେଖାଯାଇଛି, ଯେ ଆସନ୍ତା ବର୍ଷ ଏପ୍ରିଲ ମାସ ପର୍ଯ୍ୟନ୍ତ ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବିବାହକୁ ସ୍ଥଗିତ ରଖାଯାଇଛି। ନିକଟରେ ରଣବୀର ଓ ଆଲିଆଙ୍କୁ ଏକାଠି ଦୀପାବଳି ଅବସରରେ କାଳି ପୂଜା ପଣ୍ଡାଲରେ ଦେଖିବାକୁ ମିଳିଥିଲା। ତାଙ୍କ ସହ ବ୍ରହ୍ମାସ୍ତ୍ର ଫିଲ୍ମର ନିର୍ଦ୍ଦେଶକ ଅୟାନ ମୁର୍ଖାଜୀ ମଧ୍ୟ ଉପସ୍ଥିତ ଥିଲେ।

# ପ୍ରେମରେ ଉବୁଟୁବୁ କଙ୍ଗନା ! ବାହା ହେବାକୁ ମନ



ପ୍ରେମରେ ପାଗଳ ବଲିଉଡର ପଙ୍ଗା କୁଇନ୍ କଙ୍ଗନା ରଣାଓ୍ୱତ। ବାହା ହେବାକୁ ତାଙ୍କର ଏବେ ମନ । କେବଳ ସେତିକି ନୁହେଁ ୫ ବର୍ଷ ଭିତରେ ସେ ମା' ହେବାକୁ ମଧ୍ୟ ଇଚ୍ଛା ଜାହିର କରିଛନ୍ତି। ଏ କଥା ଆମେ କହୁନୁ, ନିକଟରେ ସେ ଖୋଦ୍ କହିଛନ୍ତି।

ନିକଟରେ କଙ୍ଗନା ନିଜ ରିଲେସନ୍‌ସିପ୍‌କୁ ନେଇ କରିଛନ୍ତି ଖୁଲାସା। ଏକ ସାକ୍ଷାତକାରେ ସେ ପ୍ରେମରେ ଥିବା ନେଇ ମାନିଛନ୍ତି। କେବଳ ସେତିକି ନୁହେଁ ବିବାହ କରିବେ ବୋଲି ମଧ୍ୟ କହିଛନ୍ତି।

ପଦ୍ମଶ୍ରୀ ପୁରସ୍କାର ପାଇବା ପରେ ଟାଇମ୍ସ ନାଓକୁ କଙ୍ଗନା ଏକ ଇଣ୍ଟରଭ୍ୟୁ ଦେଇଥିଲେ। ଏହି ଇଣ୍ଟରଭ୍ୟୁରେ ୫ ବର୍ଷ ଭିତରେ ଆପଣ ନିଜକୁ କେଉଁଠି ଦେଖିବାକୁ ଚାହୁଁଛନ୍ତି ବୋଲି କଙ୍ଗନାଙ୍କୁ ପ୍ରଶ୍ନ ପଚରା ଯାଇଥିଲା। ଏହାର ଉତ୍ତରରେ କଙ୍ଗନା ବିବାହ କରିବାକୁ ଚାହୁଁଛି ଏବଂ ଆଗାମୀ ୫ ବର୍ଷ ଭିତରେ ନିଜକୁ ମା' ରୂପେ ଦେଖିବାକୁ ଚାହୁଁଛି ବୋଲି କହିଥିଲେ। ଏଥିସହ ତାଙ୍କ ପାର୍ଟନର କିଏ ସେ କାହା ସହ ରିଲେସନସିପ୍‌ରେ ଅଛନ୍ତି ସେ ନେଇ କଙ୍ଗନା ଖୁବ୍‌ଶୀଘ୍ର ଖୁଲାସା କରିବେ ବୋଲି କହିଛନ୍ତି।

ସୂଚନା ମୁତାବକ ଅଭିନେତ୍ରୀରୁ ପ୍ରଯୋଜିକା ସାଜିଥିବା କଙ୍ଗନା ନିକଟରେ ନିଜ ପ୍ରଡକ୍ସନ ହାସଉରେ ତିଆରି ହେବାକୁ ଥିବା ଫିଲ୍ମ 'ଟିକୁ ୱେଡ୍‌ସ ଶେରୁ'ର ଘୋଷଣା କରିଛନ୍ତି। ଏହି ଫିଲ୍ମରେ ନବାଜୁଦ୍ଦିନ ସିଦ୍ଦିକି ଏବଂ ଅବନୀତ କୌର ମୁଖ୍ୟ ଭୂମିକାରେ ଅଛନ୍ତି। ଫିଲ୍ମକୁ ନିଜେ କଙ୍ଗନା ପ୍ରଡ୍ୟୁସ କରୁଛନ୍ତି।

ସେହିପରି କଙ୍ଗନା ଆଗକୁ ମଣିକର୍ଣ୍ଣିକା ରିଟର୍ଣ୍ଣସ୍, ଏମରଜେନ୍ସି, ଧାକଡ, ତେଜସ, ଅପରାଜିତା ଅୟୋଧ୍ୟା ଏବଂ ଦ ଇନକାର୍ଣ୍ଣେଶନ ସୀତାରେ ନଜର ଆସିବେ। କିଛି ଦିନ ପୂର୍ବେ କଙ୍ଗନାଙ୍କ ଫିଲ୍ମ 'ଥଲାଇଭି' ରିଲିଜ ହୋଇଛି। ଏଥିରେ ତାଙ୍କୁ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟ ଲଳିତାଙ୍କ ଭୂମିକାରେ ଦେଖିବାକୁ ମିଳିଛି।

# ରୋମାନ୍ସ କରୁଥିଲେ ଆୟୁଷ୍ମାନ, ଧରିଲା ପୁଲିସ



ରମାନ୍ସ କରିବା ପଡିଲା ମହଙ୍ଗା। ଧରାପଡିଲେ ବଲିଉଡ ଅଭିନେତା ଆୟୁଷ୍ମାନ ଖୁରାନା। ଲୁଚା ଛପରେ ଚାଲିଥିଲା ପ୍ରେମ। ଚଣ୍ଡିଗଡରେ ସେ ଡେଟିଂ କରୁଥିଲେ। ହେଲେ ଏହି ସମୟରେ ହଠାତ ପୁଲିସ ଆସି ତାଙ୍କୁ ଧରିଛି। ପ୍ରକୃତରେ ତାଙ୍କ ଅପକମିଂ ଫିଲ୍ମ 'ଚଣ୍ଡିଗଡ କରେ ଆଶିକି' ଏକ ରୋମାଣ୍ଟିକ ସିନ୍ ?ର ସୁଟିଂ କରୁଥିଲେ ଆୟୁଷ୍ମାନ ଏବଂ ଅଭିନେତ୍ରୀ ବାଣୀ କପୁର। ଏହି ସମୟରେ ଚଣ୍ଡିଗଡରେ ଜଣେ ପୁଲିସ ଅଧିକାରୀ ଆସି ତାଙ୍କୁ ଧରିଥିଲା। କେବଳ ସେତିକି ନୁହେଁ ଦୁହିଁଙ୍କୁ ଜେରା ମଧ୍ୟ କରିଥିଲେ। ଏନେଇ ନିକଟରେ ଆୟୁଷ୍ମାନ ନିଜେ ଖୁଲାସା କରିଛନ୍ତି। ଫିଲ୍ମ 'ଚଣ୍ଡିଗଡ କରେ ଆଶିକି'ର ଟ୍ରେଲର ଲଞ୍ଚ ଇଭେଣ୍ଟ ବେଳେ ଆୟୁଷ୍ମାନ ଏ ସମସ୍ତ ଘଟଣାର ଖୁଲାସା କରିଛନ୍ତି। ସେ କହିଛନ୍ତି, ଚଣ୍ଡିଗଡରେ ଯଦି କୌଣସି ପୁଲିସ ଅଫିସର ଦମ୍ପତିଙ୍କୁ ରୋମାନ୍ସ କରିବା ଦେଖିନିଅନ୍ତି ତେବେ ତାଙ୍କୁ ଛାଡନ୍ତି ନାହିଁ। ସୁଟିଂ ବେଳେ ଆମକୁ ମଧ୍ୟ କିଛି ଏଭଳି ହିଁ ପରିସ୍ଥିତିର ସାମ୍ନାକୁ କରିବାକୁ ପଡିଥିଲା। ପୁଲିସ ଅଧିକାରୀ ଜଣକ ଆମ ପାଖକୁ ଆସି ଆମକୁ ଜେରା କରିଥିଲା। ତେଣୁ ଚଣ୍ଡିଗଡରେ ଆଶିକି କରିବା ଟିକେ ମୁସ୍‌କିଲ୍ ବୋଲି ସେ କହିଛନ୍ତି। ଅଭିଷେକ କପୁରଙ୍କ ନିର୍ଦ୍ଦେଶନାରେ ତିଆରି ଫିଲ୍ମ 'ଚଣ୍ଡିଗଡ କରେ ଆଶିକି'ର ଲିଡ ରୋଲରେ ଆୟୁଷ୍ମାନ ଖୁରାନା ଅଛନ୍ତି। ତାଙ୍କ ଅପୋଜିଟ୍‌ରେ ପ୍ରଥମ କରି ଅଛନ୍ତି ବାଣୀ କପୁର। ଏଥିରେ ଆୟୁଷ୍ମାନଙ୍କୁ ଜଣେ ଜିମ୍ ଟ୍ରେନର ଭୂମିକାରେ ଦେଖିବାକୁ ମିଳିବ। ସେହିପରି ବାଣୀ ମଧ୍ୟ ଜୁମ୍ବା ଟ୍ରେନର ଚରିତ୍ରରେ ନଜର ଆସିବେ। ଫିଲ୍ମର ଅଧିକାଂଶ ସୁଟିଂ ଚଣ୍ଡିଗଡରେ କରାଯାଇଛି। ନିଜ ହୋମ୍‌ଟାଉନରେ ସୁଟିଂ ବେଳେ ଆୟୁଷ୍ମାନ ପୁରୁଣା ଦିନଗୁଡିକୁ ମନେ ପକାଇ ବେଶ୍ ଭାବୁକ ହୋଇପଡିଛନ୍ତି। ଫିଲ୍ମଟି ଆସନ୍ତା ଡିସେମ୍ବର ୧୦ ତାରିଖରେ ବଡ ପରଦାରେ ରିଲିଜ ହେବ।

# କ୍ୟାଟ୍ରିନାଙ୍କ ବିବାହ ପାଇଁ ଶୁଟିଂ ଅଟକାଇଲେ ସଲମାନ



କ୍ୟାଟ୍ରିନାଙ୍କ ବିବାହ ଖବରକୁ ନେଇ ଏବେ ଚାଲିଛି ଜୋରଦାର ଚର୍ଚ୍ଚା। ବିକ୍କି-କ୍ୟାଟ୍ରିନାଙ୍କ ବିବାହ ଟକ୍ ଅଫ୍ ଦା ଟାଉନ୍ ପାଲଟିଛି। ସେପଟେ ବି-ଟାଉନ ସେଲେବ୍ରିଟିମାନେ ମଧ୍ୟ ଏ ଦୁହିଁଙ୍କ ବିବାହକୁ ନେଇ ଧୁମ୍‌ଧାମରେ ଆରମ୍ଭ କରିଦେଇଛନ୍ତି ପ୍ରସ୍ତୁତି। ରାଜସ୍ଥାନର ଏକ ପ୍ୟାଲେସରେ ଡିସେମ୍ବର ମାସରେ ବିକ୍କି ଏବଂ କ୍ୟାଟ୍ରିନାଙ୍କ ବାଜିବ ଶାହାନାଇ। ବର୍ତ୍ତମାନ ନିଜ ଗ୍ରାଣ୍ଡ ୱେଡ଼ିଂ ପାଇଁ ଦୁହେଁ କାମରୁ କିଛି ସମୟ ପାଇଁ ବ୍ରେକ୍ ନେଇଛନ୍ତି। ଏହାରି ଭିତରେ ଖବର ଆସିଛି ଯେ, ବଲିଉଡର ଭାଇଜାନ ସଲମାନ ଖାନ ମଧ୍ୟ ନିଜ ଶୁଟିଂ ଅଟକାଇ ଦେଇଛନ୍ତି। କ୍ୟାଟ୍ରିନାଙ୍କ ବିବାହ ପାଇଁ ସେ ତାଙ୍କ ଅପ୍‌କମିଂ ଫିଲ୍ମ 'ଟାଇଗର-୩'ର ଶୁଟିଂ ସ୍ଥଗିତ ରଖିଛନ୍ତି। ବଲିଉଡର ଲାଇଫର ରିପୋର୍ଟ ମୁତାବକ, ସଲମାନ ନିଜ କୋ-ଷ୍ଟାର କ୍ୟାଟ୍ରିନାଙ୍କ ବିବାହରେ ଯୋଗ ଦେବା ପାଇଁ ଶୁଟିଂ ଅଟକାଇ ଦେଇଛନ୍ତି। ଜାନୁଆରୀ ମାସରେ ଶୁଟିଂକୁ ରି-ସେଡ୍ୟୁଲ କରାଯାଇଛି। କେବଳ ଏତିକି ନୁହେଁ ସଲମାନ ତାଙ୍କ ଘନିଷ୍ଠ ବନ୍ଧୁ ଶାହାରୁଖଙ୍କ ପାଇଁ ଦୁଇଟି ଫିଲ୍ମର ସୁଟିଂ ତାରିଖ ମଧ୍ୟ ଆଗକୁ ବଢ଼ାଇ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଶାହାରୁଖ ଏବଂ ସଲମାନ ଫିଲ୍ମ 'ଟାଇଗର-୩' ଏବଂ 'ପଠାନ'ରେ ଏକାଠି ନଜର ଆସିଥାନ୍ତେ। କିନ୍ତୁ ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଶାହରୁଖ ଏହି ସମୟରେ ତାଙ୍କ ପୁଅ ଆର୍ଯ୍ୟନ୍ ଖାନଙ୍କ ପାଇଁ କ୍ୱାଲିଟି ଟାଇମ୍ ଚାହାଁନ୍ତି। ଆର୍ଯ୍ୟନ୍ ପ୍ରାୟ ଏକ ମାସ କାରାଦଣ୍ଡ ଭୋଗିବା ପରେ ଜେଲରୁ ଫେରିଛନ୍ତି। ଏଭଳି ପରିସ୍ଥିତିରେ ଶାହାରୁଖ କାମରୁ ବ୍ରେକ୍ ନେଇ ଆର୍ଯ୍ୟନ ଉପରେ ଧ୍ୟାନ ଦେବାକୁ ଚାହୁଁଛନ୍ତି। ତେଣୁ ଡିସେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ସଲମାନ ଶୁଟିଂକୁ ଘୁଞ୍ଚାଇ ଦେଇଛନ୍ତି।

# ଛକରେ ବଢ଼ୁଛି ଦୁର୍ଘଟଣା : ପ୍ରତିକାର ବ୍ୟବସ୍ଥା କରୁନାହାନ୍ତି ଏନ୍‌ଏଚ୍‌ଏଆଇ, ପୂର୍ତ୍ତ ବିଭାଗ



ଭୁବନେଶ୍ୱର ,୧୧/୧୧ (ନି.ପ୍ର): ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ୨୦୧୪ରେ ୩୯୩୧ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାବେଳେ ୨୦୨୦ରେ ଏହା ୨୧% ବଢ଼ି ୪୭୩୮ରେ ପହଞ୍ଚିଛି। ଏଥିରୁ ବିଭିନ୍ନ ଛକରେ ହୋଇଥିବା ଦୁର୍ଘଟଣାରେ କେବଳ ୧୧୬୪ଜଣଙ୍କର ମୃତ୍ୟୁ ହୋଇଛି। ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଏନ୍‌ଏଚ୍‌ଏଆଇ ଏବଂ ପୂର୍ତ୍ତ ବିଭାଗକୁ କୁହାଯାଇଥିଲା। ହେଲେ ଦୁଇ ବିଭାଗ ପକ୍ଷରୁ ଦୁଇ ମାସ ପରେ ବି କିଛି ପଦକ୍ଷେପ ନିଆଗଲାନି। ତେଣୁ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ ଅସନ୍ତୋଷ ଜାହିର୍ କରିଛନ୍ତି।

ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀ ପାଢ଼ୀ ପୂର୍ତ୍ତ ସଚିବ ଏବଂ ଏନ୍‌ଏଚ୍‌ଏଆଇର ମୁଖ୍ୟ ମହାପ୍ରବନ୍ଧକଙ୍କୁ ଚିଠି ଲେଖିଛନ୍ତି ଯେ, ଗତ ଅଗଷ୍ଟ ୩୧ରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବସିଥିବା ସଡ଼କ ନିରାପତ୍ତା ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ପୂର୍ତ୍ତ ଓ ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀ ଦୁର୍ଘଟଣାପ୍ରବଣ ଛକଗୁଡ଼ିକୁ ପରିଦର୍ଶନ କରି ସଡ଼କ ଦୁର୍ଘଟଣାର କାରଣ ଓ ନିରାକରଣ ନେଇ ଦୁଇ ମାସ ମଧ୍ୟରେ ରିପୋର୍ଟ ଦେବେ। ହେଲେ ଏପର୍ଯ୍ୟନ୍ତ ଦୁଇ ବିଭାଗ ପକ୍ଷରୁ କିଛି ରିପୋର୍ଟ ମିଳିଲାନି। ତେଣୁ ମାସକ ମଧ୍ୟରେ ଅର୍ଥାତ୍ ନଭେମ୍ବର ଶେଷ ସୁଦ୍ଧା ରିପୋର୍ଟ ଦେବେ।

ଶ୍ରୀ ପାଢ଼ୀ ତାଙ୍କ ଚିଠିରେ ଲେଖିଛନ୍ତି ଯେ, ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ମୁଖ୍ୟ ଯନ୍ତ୍ରୀ (ରାସ୍ତା) ଏବଂ ଏନ୍‌ଏଚ୍‌ଏଆଇ ସିଜିଏମ୍‌ଙ୍କ ରିପୋର୍ଟ ଅନୁଯାୟୀ ସେମାନଙ୍କ ରାସ୍ତାରେ ୮୧୦୨ଟି ଛକ ଅଛି। ଅର୍ଥାତ୍ ମୁଖ୍ୟ ରାସ୍ତାକୁ ଗୋଟିଏ ଜନଗହଳିପୂର୍ଣ୍ଣ ଫିଡର୍ ରାସ୍ତା ସଂଯୋଗ କରୁଛି। ସିଆଇଡି ଏବଂ କ୍ରାଇମବ୍ରାଞ୍ଚକୁ ମିଳିଥିବା ସଡ଼କ ଦୁର୍ଘଟଣା ତଥ୍ୟ ଅନୁଯାୟୀ, ୨୦୨୦ ମସିହାରେ ୨୫୯୪ଟି ଛକରେ ଦୁର୍ଘଟଣା ଘଟିଥିବାବେଳେ ୧୧୬୪ଜଣଙ୍କର ମୃତ୍ୟୁ ହୋଇଛି। ୧୩୨୨ ଜଣ ଗୁରୁତର ହୋଇଛନ୍ତି। ଯାହା ମୋଟ୍ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ୨୫%। ଏତେ ସଂଖ୍ୟକ ଦୁର୍ଘଟଣା ଘଟିଥିବାରୁ ବିଭିନ୍ନ ଛକରେ ପ୍ରତିକାର ବ୍ୟବସ୍ଥା କରିବା ନିତାନ୍ତ ଆବଶ୍ୟକ। ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ଦୁର୍ଘଟଣାପ୍ରବଣ ଛକରେ ଉଚ୍ଛେଦ କରିବା ସହ ରାସ୍ତାର ଡିଜାଇନ୍ ବଦଳାଇବା ଏବଂ ଲୋକଙ୍କୁ ସଚେତନ କରିବା ନେଇ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୨୭୧ କରୋନା ପଜିଟିଭ୍ ଚିହ୍ନଟ, ୬୦ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୧୧/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୭୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୧୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୬୦ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୨ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୪ ଜଣ, ଭଦ୍ରକରୁ ୨ ଜଣ, ବଲାଙ୍ଗୀରରୁ ୧ ଜଣ, କଟକରୁ ୨୩ ଜଣ, ଦେବଗଡ଼ରୁ ୮ ଜଣ, ଢେଙ୍କାନାଳରୁ ୫ ଜଣ, ଜଗତସିଂହପୁରରୁ ୭ ଜଣ, ଯାଜପୁରରୁ ୧୦ ଜଣ, କଳାହାଣ୍ଡିରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, ଖୋର୍ଦ୍ଧାରୁ ୧୧୨ ଜଣ, ମାଲକାନଗିରିରୁ ୫ ଜଣ, ମୟୂରଭଞ୍ଜରୁ ୫ ଜଣ, ନୟାଗଡ଼ରୁ ୨ ଜଣ, ନୂଆପଡ଼ାରୁ ୪ ଜଣ, ପୁରୀରୁ ୬ ଜଣ, ସମ୍ବଲପୁରରୁ ୨୦ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ ପୁଲରୁ ୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୪୪ ହଜାର ୬୯୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।

# ବିଶ୍ୱଜିତ୍ ସାହୁ ପୂର୍ବତଟ ରେଳପଥର ନୂତନ ମୁଖ୍ୟ ଜନ ସମ୍ପର୍କ ଅଧିକାରୀ

ଭୁବନେଶ୍ୱର,୧୧/୧୧ (ନି.ପ୍ର): ଭାରତୀୟ ରେଳ ଷ୍ଟୋର ସର୍ଭିସ (ଆଇଆରଏସଏସ) ୨୦୧୩ ବ୍ୟାଚର ଅଧିକାରୀ ବିଶ୍ୱଜିତ୍ ସାହୁ ପୂର୍ବତଟ ରେଳପଥର ନୂତନ ମୁଖ୍ୟ ଜନସମ୍ପର୍କ ଅଧିକାରୀ (ସିପିଆରଓ) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମରିସସ୍ ରେଳବାଇକୁ ଡେପୁଟେସନରେ ବିଦେଶ ଯାଉଥିବା ପୂର୍ବ ସିପିଆରଓ ତଥା ଭାରତୀୟ ରେଳବାଇ ମେକାନିକାଲ ଇଂଜିନିୟରିଂ ସେବା ଅଧିକାରୀ କୌଶଳେନ୍ଦ୍ର କିଶୋର ଖାଡ଼ଙ୍ଗାଙ୍କ ଠାରୁ ସେ ଦାଇତ୍ୱ ଗ୍ରହଣ କରିଛନ୍ତି । ମୁଖ୍ୟ ଜନସମ୍ପର୍କ ଅଧିକାରୀ ଭାବରେ ଦାଇତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ସାହୁ ପୂର୍ବତଟ ରେଳପଥ ମୁଖ୍ୟାଳୟ ଠାରେ ଉପ ମୁଖ୍ୟ ଭଣ୍ଡାର ପ୍ରବନ୍ଧକ ଭାବରେ କାର୍ଯ୍ୟ କରୁଥିଲେ। ରେଳବାଇର କାର୍ଯ୍ୟ ସମ୍ପାଦନାରେ ସାମଗ୍ରୀ ପରିଚାଳନାରେ ତାଙ୍କର ବଳିଷ୍ଠ ଅଭିଜ୍ଞତା ରହିଛି। ସେ ବିଶାଖାପାଟନମ ଠାରେ ସିନିୟର ମ୍ୟାଟେରିଆଲ୍ ମ୍ୟାନେଜର ଓ ଡିଭିଜନାଲ ମ୍ୟାଟେରିଆଲ୍ ମ୍ୟାନେଜର ଏବଂ ଭୁବନେଶ୍ୱରର ମଂଚେଶ୍ୱର ଠାରେ ଥିବା ରେଳ ଡବା ମରାମତି କାରଖାନା ଠାରେ ସିନିୟର ମ୍ୟାଟେରିଆଲ୍ ମ୍ୟାନେଜର ଭାବରେ କାର୍ଯ୍ୟ କରିଛନ୍ତି । ଭୁବନେଶ୍ୱର ସ୍ଥିତ କଲେଜ ଅଫ ଇଂଜିନିୟରିଂରୁ ବି.ଟେକ ଏବଂ ଆଇ.ଆଇ.ଟି. କାନପୁରରୁ ଏମ.ଟେକ ସମାପ୍ତ କରିବା ପରେ ଶ୍ରୀ ସାହୁ ୨୦୧୩ ରେ ଭାରତୀୟ ରେଳବାଇରେ ଯୋଗ ଦେଇଛନ୍ତି । ସେ ଓଡ଼ିଶାର ଦେବଗଡ଼ ଜିଲ୍ଲା ବୁଢାପାଳ ନିବାସୀ ପୁରୁଷୋତମ ସାହୁଙ୍କ ସୁପୁତ୍ର ଅଟନ୍ତି ।

# ସଂଗ୍ରାମୀ ଆକୁଳ ସେଠୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୧/୧୧ (ନି.ପ୍ର): ଭୁବନେଶ୍ୱର ବୁଦ୍ଧବିହାର ସଭାକକ୍ଷରେ ସଂଗ୍ରାମୀ ଆକୁଳି ଚନ୍ଦ୍ର ସେଠୀଙ୍କ ପରିନିର୍ବାଣ ଅବସରରେ ବୌଦ୍ଧ ସଂଗଠନ ସମୂହ, ଉତ୍କଳ ରଜକ ମହାସଂଘ, ନାଗରିକ ଏକତା ପରିଷଦ, ସର୍ବଭାରତୀୟ ଅନୁସୂଚିତ ଜାତି ଜନଜାତି ସଂଗଠନର ପରିସଂଘ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଅଛି । ପରିନିର୍ବାଣପ୍ରାପ୍ତ ସଂଗ୍ରାମୀ ଆକୁଳ ଚନ୍ଦ୍ର ସେଠୀ ତା ୨୩.୧୦.୧୯୫୧ରିଖରେ କଟକ ଜିଲ୍ଲା ବଡ଼ମ୍ବା ଅଂଚଳର ସଂଖାମେରି ଗ୍ରାମରେ ପିତା ଅରକ୍ଷିତ ସେଠୀ ଓ ମାତା ଅହଲ୍ୟା ସେଠୀଙ୍କ ପୁତ୍ର ସନ୍ତାନ ହୋଇ ଜନ୍ମ ଗ୍ରହଣ କରିଥିଲେ। ସେ ୭୧ ବର୍ଷ ବୟସରେ ଗତ ତା ୦୬.୧୧.୨୦୨୧ରିଖ ଦିନ ରାଜଧାନୀ ଚିକିତ୍ସାଳୟରେ ହୃଦ୍‌ଘାତରେ ପ୍ରାଣତ୍ୟାଗ କରିଛନ୍ତି। ତାଙ୍କ ବାସଭବନରେ ବନ୍ଧୁବାନ୍ଧବମାନଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରି ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ସେ ଜଣେ ବିପ୍ଳବୀ, ସମାଜସେବୀ ଥିଲେ। ୧୯୮୮ ମସିହାରେ ବ୍ୟାଙ୍କ ଅଧିକାରୀ ପଦରୁ ଇସ୍ତଫା ଦେଇ ସେ ସମାଜସେବା ଆରମ୍ଭ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଭାବେ କାର୍ଯ୍ୟ କରି ଦରିଦ୍ର, ନିସହାୟ, ଦଳିତ ଓ ଆଦିବାସୀମାନଙ୍କୁ ନ୍ୟାୟ ଦେବାକୁ ଚେଷ୍ଟିତ ଥିଲେ। ଗୌତମ ବୁଦ୍ଧ ଓ ବାବାସାହେବ ଆମ୍ବେଦକରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା ନିମିତ ସେ କାର୍ଯ୍ୟରତ ଥିଲେ। ଉତ୍କଳ ରଜକ ମହାସଂଘର ସେ ଜୀବନବ୍ୟାପୀ ମୁଖ୍ୟ ସାଧାରଣ ସମ୍ପାଦକ, ଉତ୍କଳ ସମ୍ମିଳନୀର ପୂର୍ବତନ ସମ୍ପାଦକ, ଭାରତୀୟ ବୌଦ୍ଧ ମହାସଭା, ଜାତୀୟ ଅନୁସୂଚିତ ଜାତି ଜନଜାତି ସଂଘ ଓ ଅନ୍ୟାନ୍ୟ ବହୁ ଅନୁଷ୍ଠାନର ସେ କର୍ମକର୍ତ୍ତା ଓ ଆଇନ ପରାମର୍ଶଦାତା ଥିଲେ। ତାଙ୍କର ତିରୋଧାନରେ ଭୁବନେଶ୍ୱର ତଥା ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅନୁଷ୍ଠାନର ସଭ୍ୟମାନେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଓ ତାଙ୍କର ଅନୁପସ୍ଥିତି ସମସ୍ତଙ୍କ ପାଇଁ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଦୁଇ ବର୍ଷ ପୂର୍ବେ ତାଙ୍କ ଧର୍ମପତ୍ନୀଙ୍କର ନିର୍ବାଣପ୍ରାପ୍ତି ହୋଇଥିଲା। ଦୁଇ ପୁତ୍ର, କନ୍ୟା, ପୁତ୍ରବଧୂ, ଜ୍ୱାଇଁ, ପୌତ୍ର, ପୌତ୍ରୀମାନଙ୍କୁ ଶୋକ ସାଗରରେ ଭସାଇ ସେ ଚାଲିଯାଇଥିଲେ। ତାଙ୍କର ପରିନିର୍ବାଣରେ ସମସ୍ତେ ତାଙ୍କ ପ୍ରତି ଅଶୃଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

# ଜଗନ ନିଜ ଅଧିକାରୀମାନଙ୍କୁ ନିୟନ୍ତ୍ରଣରେ ରଖନ୍ତୁ : ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୧୧/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ ମୋହନ ରେଡ୍ଡିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ଦୁଇ ରାଜ୍ୟ ମଧ୍ୟରେ ଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆଲୋଚନା କରୁଥିବା ସମୟରେ ବିଜୟନଗରମ୍ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ କୋଟିଆରେ ଅନୁପ୍ରବେଶ କରିବା ନିନ୍ଦନୀୟ। ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଖୁସିରେ ଓଡ଼ିଶାର ସମ୍ବର୍ଦ୍ଧନା ଗ୍ରହଣ କରି ସୀମା ସମସ୍ୟା ଉପରେ ଆଲୋଚନା କରୁଥିବାବେଳେ ଏକା ଦିନେ ତାଙ୍କ ରାଜ୍ୟର ଅଫିସରମାନଙ୍କ ଦ୍ୱାରା କୋଟିଆରେ ଅନୁପ୍ରବେଶ କରାଇ କ'ଣ ବାର୍ତ୍ତା ଦେବା ପାଇଁ ଚାହୁଁଛନ୍ତିବୋଲି ଉତ୍କଳ ସମ୍ମିଳନୀ ପ୍ରଶ୍ନ କରିଛି। ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କର ଏହା ଦୋମୁହାଁ ନୀତି ନା ତାଙ୍କ ନିଜ ଅଫିସରମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ନାହିଁ ତାହାର ସ୍ପଷ୍ଟିକରଣ ଆବଶ୍ୟକ ବୋଲି ସମ୍ମିଳନୀ ପକ୍ଷରୁ ଏହାର ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଦୁଇ ରାଜ୍ୟ ଭିତରେ ଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟି ସ୍ୱାଗତଯୋଗ୍ୟ ମାତ୍ର ଏହି କମିଟିକୁ କେବଳ ମୁଖ୍ୟମନ୍ତ୍ରୀ ମାନିଲେ ହେବ ନାହିଁ ଏହାକୁ ଆନ୍ଧ୍ର ଅଧିକାରୀଙ୍କ ସହିତ ସମସ୍ତେ ମାନି ଅନୁପ୍ରବେଶ ବନ୍ଦ କରିବା ଆବଶ୍ୟକ ବୋଲି ଉତ୍କଳ ସମ୍ମିଳନୀ ମତ ରଖିଛି।

# ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କଲେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ

ଭୁବନେଶ୍ୱର,୧୧/୧୧ (ନି.ପ୍ର): ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ ବୁଧବାର ଲୋକ ସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର ଚନ୍ଦ୍ର ମହାପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଗତକାଲି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ନୂଆଦିଲ୍ଲୀରେ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଥିଲେ। ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ କୌଣସି ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରି ନାହାନ୍ତି। ଜନଜାତି ମହିଳାମାନଙ୍କ ପରି ସରଳ ଓ ନିରାଡ଼ମ୍ବର ଜୀବନଶୈଳୀ ଆଦରି ନେଇଥିବା ପୂର୍ଣ୍ଣମାସୀ ଗତ ୪୦ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଆଧ୍ୟାତ୍ମିକ ବାଣୀ ପ୍ରଚାର କରି ଆସୁଛନ୍ତି । ଜିଜ୍ଞାସୁମାନଙ୍କ ଆଧ୍ୟାତ୍ମିକ ପ୍ରସଙ୍ଗ ସମ୍ବଳିତ ପ୍ରଶ୍ନଗୁଡ଼ିକର ଉତର ଦେବା ବେଳେ ସେ ଭଜନ ଓ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରିଥାନ୍ତି। କୁଇ ଭାଷାରେ ସେ ହଜାର ହଜାର ଭଜନ ଓ ଆଧ୍ୟାତ୍ମିକ ବାଣୀ ପରିବେଷଣ କରି ଆସୁଛନ୍ତି। ଆଧ୍ୟାତ୍ମିକ କ୍ଷେତ୍ରରେ ତାଙ୍କର ବହୁ ଅନୁଗାମୀ ମଧ୍ୟ ରହିଛନ୍ତି।

# ଆଇପିପି ସହ ବିଦ୍ୟୁତ କ୍ରୟ ଚୁକ୍ତିରେ ଗଳାବାଟ : ଓଡ଼ିଶାର କ୍ଷତି, କଂପାନିକୁ ଫାଇଦା

ଭୁବନେଶ୍ୱର ,୧୧/୧୧ (ନି.ପ୍ର): ବହୁରାଷ୍ଟ୍ରୀୟ କମ୍ପାନି ବେଦାନ୍ତ ସହ ରାଜ୍ୟ ସରକାର ୨୦୧୨ ଡିସେମ୍ବରରେ ବିଦ୍ୟୁତ କ୍ରୟ ଚୁକ୍ତି ସ୍ୱାକ୍ଷର କରିଥିଲେ। ୨୦୧୩ ଜୁନ୍‌ରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ଏହାକୁ ଅନୁମୋଦନ ଦେଲେ। ଏହି ଆଧାରରେ ଆୟୋଗ ପ୍ରତିବର୍ଷ ଭଳି ଚଳିତ ଆର୍ଥିକ ବର୍ଷ ଲାଗି ମଧ୍ୟ ବିଦ୍ୟୁତ ଦର ନିର୍ଧାରଣ କରିଛନ୍ତି। ଗତ ମାର୍ଚ୍ଚ ୨୬ ତାରିଖ ରାୟରେ ଘୋଷଣା ହୋଇଥିବା ଏହି ବିଦ୍ୟୁତ ଦର ଚଳିତ ଆର୍ଥିକ ବର୍ଷ ଶେଷ ଅର୍ଥାତ୍ ୨୦୨୨ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିଛି। ହେଲେ ଏମିତି କ'ଣ ହେଲା ବା କେଉଁ ମହତ୍ ଉଦ୍ଦେଶ୍ୟ ରଖି ଆୟୋଗ ରାଜ୍ୟ ତଥା ବିଦ୍ୟୁତ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ମାତ୍ର ୬ମାସ ତଳର ନିଜ ରାୟକୁ ଓଲଟାଇ ଦେଲେ ଏବଂ ଅକ୍ଟୋବର ୫ରେ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଅନ୍ତରୀଣ ନିର୍ଦ୍ଦେଶ ଦେଲେ, ତାହା ସମସ୍ତଙ୍କୁ ବିସ୍ମିତ କରିଛି। ବିଦ୍ୟୁତ ସମୀକ୍ଷକଙ୍କ ମତରେ ବେଦାନ୍ତ ସହିତ ହୋଇଥିବା ୨୫ ବର୍ଷିଆ ବିଦ୍ୟୁତ କିଣା ଚୁକ୍ତିକୁ ବସ୍ତୁତଃ ଅକାମୀ କରି ଆୟୋଗ ଯେଉଁ ଅନ୍ତରୀଣ ରାୟ ଶୁଣାଇଛନ୍ତି, ସେ କାରଣରୁ ରାଜ୍ୟ ସବୁ ଦିନ ପାଇଁ ତାର ନ୍ୟାଯ୍ୟ ବିଦ୍ୟୁତ କୋଟା (ବେଦାନ୍ତରୁ ବର୍ଷକୁ ୫୦୩୯.୪୫ ନିୟୁତ ୟୁନିଟ୍ ମିଳିବା କଥା) ଅଧିକାର ହରାଇଛି। ଅପରପକ୍ଷରେ ଏଭଳି ଅଭିସନ୍ଧିମୂଳକ ରାୟ ବେଦାନ୍ତକୁ ଦ୍ୱିଗୁଣ ଫାଇଦା ଦେବା ପାଇଁ ପଥ ପରିଷ୍କାର କରିଛି। ଏହି ମହଲରେ ଆହୁରି ଯୁକ୍ତି କରାଯାଉଛି ଯେ ଆୟୋଗଙ୍କ ସଦ୍ୟ ରାୟ ଅନୁସାରେ ଏବେ ବେଦାନ୍ତ ଆଉ ରାଜ୍ୟ ସରକାରଙ୍କ ନିଗମ ଗ୍ରିଡ୍‌କୋକୁ ୟୁନିଟ୍ ପିଛା ହାରାହାରି ୨.୫୨ ପଇସା ଶସ୍ତା ଦରରେ ନିର୍ଦ୍ଧାରିତ କୋଟାର ବିଜୁଳି ଯୋଗାଇବାକୁ ବାଧ୍ୟ ହେବ ନାହିଁ। ତେଣୁ ହାତଛଡ଼ା ହୋଇଥିବା ବେଦାନ୍ତ କୋଟାକୁ ଭରଣା କରିବା ପାଇଁ ଗ୍ରିଡକୋ ମୁଖ୍ୟତଃ କେନ୍ଦ୍ରୀୟ ତାପଜ ଉଦ୍ୟୋଗଗୁଡ଼ିକରୁ ୟୁନିଟ୍ ପିଛା ହାରାହାରି ୩ ଟଙ୍କା ୬୦ ପଇସା ଦରରେ ବିଦ୍ୟୁତ କିଣିବ କିମ୍ବା ଏନର୍ଜି ଏକ୍ସଚେଞ୍ଜରୁ କିଣିବାକୁ ବାଧ୍ୟ ହେବ; ଯାହା ବେଦାନ୍ତରୁ ମିଳୁଥିବା ବିଦ୍ୟୁତ କୋଟାର ଦର ତୁଳନାରେ ୟୁନିଟ୍ ପିଛା ୧ଟଙ୍କା ୮ ପଇସା ଅଧିକ। ସୁତରାଂ ଏହି କାରଣରୁ ବେଦାନ୍ତ ବିଦ୍ୟୁତ ଭରଣା ବାବଦରେ ଉପଭୋକ୍ତାଙ୍କ ମୁଣ୍ଡରେ ବାର୍ଷିକ ପ୍ରାୟ ୫୪୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ। ସମାନ୍ତରାଳ ଭାବରେ ବେଦାନ୍ତ କଂପାନି ଓଡ଼ିଶା କୋଟା ବିଦ୍ୟୁତକୁ ନିଜସ୍ୱ ଉପଯୋଗରେ ଲଗାଇବ। ଏହାଦ୍ୱାରା ବଣ୍ଟନ କମ୍ପାନିଙ୍କଠାରୁ ଆଉ ୟୁନିଟ୍ ପିଛା ୭ଟଙ୍କା ୭୦ ପଇସା ଦରରେ ତାକୁ ବିଦ୍ୟୁତ୍ କିଣିବାକୁ ପଡ଼ିବ ନାହିଁ। ସୁତରାଂ କେବଳ ଓଡ଼ିଶା କୋଟା ବିଦ୍ୟୁତ ବାବଦରେ କମ୍ପାନି ବର୍ଷକୁ ହାରାହାରି ୨୬୫୦ କୋଟି ଟଙ୍କା ଫାଇଦା ପାଇବ। ଏହାବ୍ୟତୀତ ବିଦ୍ୟୁତ ସମୀକ୍ଷକ ଯେଉଁ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ଉଠାଉଛନ୍ତି, ତାହା ଆହୁରି ସାଂଘାତିକ। ଉପରୋକ୍ତ ବିବାଦୀୟ ରାୟ (ଅକ୍ଟୋବର ୫ ତାରିଖ)ର ବହୁ ପୂର୍ବରୁ ବେଦାନ୍ତ ରାଜ୍ୟ କୋଟାକୁ ହ୍ରାସ କରି ବର୍ଷ ବର୍ଷ ଧରି ବିପୁଳ ଫାଇଦା ଉଠାଇ ଚାଲିଥିଲା। ହେଲେ ଧର୍ମକୁ ଆଖିଠାର ନ୍ୟାୟରେ ଗ୍ରିଡ୍‌କୋ ନିରବ ରହିଥିଲା ଓ ନିୟାମକ ଆୟୋଗ ଏଭଳି ଅନିୟମିତତା ପ୍ରତି ଆଖିବୁଜି ଦେଇଥିଲେ।

# ୧୫ ଯାଏ ଦକ୍ଷିଣ ଓଡ଼ିଶାରେ ହାଲୁକା ବର୍ଷା

ଭୁବନେଶ୍ୱର ,୧୧/୧୧ (ନି.ପ୍ର): ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବଳୟ ଆଜି ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି। ଆସନ୍ତା ୬ ଘଣ୍ଟା ଅର୍ଥାତ ବୁଧୁବାର ରାତିରେ ଏହା ଅବପାତରେ ପରିଣତ ହୋଇ ତାମିଲନାଡୁ ମୁହାଁ ହେଉଛି। ୧୧ ତାରିଖ ସନ୍ଧ୍ୟା ବେଳକୁ ଏହା ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ସଂଲଗ୍ନ କରାଇକଲ ଓ ଶ୍ରୀହରିକୋଟା ମଧ୍ୟରେ ସ୍ଥଳ ଭାଗକୁ ସ୍ପର୍ଶ କରିବ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଗଜପତି, ଗଞ୍ଜାମ, କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବଲାଙ୍ଗୀର, ପୁରୀ ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ। ୧୪ ଓ ୧୫ ତାରିଖରେ ଦକ୍ଷିଣ ଓଡ଼ିଶାରେ ବର୍ଷା ବଢ଼ିବା ସହ ଉପକୂଳରେ ହାଲୁକା ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# 'ମମିତାଙ୍କୁ ନ୍ୟାୟ' ପାଇଁ ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀ

ଭୁବନେଶ୍ୱର,୧୧/୧୧ (ନି.ପ୍ର): ରାଜ୍ୟରେ ମହିଳା ହିଂସା, ନିର୍ଯ୍ୟାତନା, ବଳାତ୍କାର, ହତ୍ୟା ଭଳି ବିଭତ୍ସ ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇଚାଲିଥିବାବେଳେ ଦଣ୍ଡବିଧାନ ହାର ଅତ୍ୟନ୍ତ ନଗଣ୍ୟ ବୋଲି ଏନସିଆରବି ରିପୋର୍ଟରୁ ସ୍ପଷ୍ଟ । ମହିଳା ନିର୍ଯ୍ୟାତନାରେ ଓଡିଶା ରାଜ୍ୟ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ପଛରେ ସମସ୍ତ ଶ୍ରେୟ ଶାସକ ବିଜେଡିର । ମମିତା ହତ୍ୟାକାଣ୍ଡ ଘଟିବାର ମାସେ ଭିତରେ ସମସ୍ତ ତଥ୍ୟ ପ୍ରମାଣ ନଷ୍ଟ କରିବାର ସୁଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହ ମଂଚରେ ବସିବା ରାଜ୍ୟବାସୀଙ୍କୁ ବିସ୍ମିତ କରିଛି । ରାଜ୍ୟରେ ଉଦ୍‌ବେଗଜନକ ଭାବେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଥିବାବେଳେ ଭାରତୀୟ ଜନତା ପାର୍ଟୀ କ୍ରମାଗତ ଭାବେ ଏହା ବିରୁଦ୍ଧରେ ଆନ୍ଦୋଳନ ଅବ୍ୟାହତ ରଖିଛି । ଏହି ପରିପ୍ରେକ୍ଷୀରେ ଆସନ୍ତା କାଲି ରାଜ୍ୟ ବିଜେପି ତରଫରୁ ବୁଦ୍ଧିଜୀବି ସମ୍ମିଳନୀ ଅନୁଷ୍ଠିତ ହେବ । 'ମମିତାଙ୍କୁ ନ୍ୟାୟ' ପ୍ରସଙ୍ଗ ଅଲୋଚନାଚକ୍ରରେ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ତଥା ବରିଷ୍ଠ ନେତା ପ୍ରକାଶ ମିଶ୍ର, ବରିଷ୍ଠ ଆଇନଜୀବି ତଥା ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ଯୋଗଦେବେ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

# ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ 'ଜନଜାତୀୟ ଗୌରବ ଦିବସ' ଭାବେ ପାଳନ ହେବ

ଭୁବନେଶ୍ୱର ,୧୧/୧୧ (ନି.ପ୍ର): ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ 'ଜନଜାତୀୟ ଗୌରବ ଦିବସ' ଭାବେ ପାଳନ ପାଇଁ ଆଜି କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ଏଥିପାଇଁ ନଭେମ୍ବର ୧୫ରୁ ୨୨ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ। କେନ୍ଦ୍ର କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହା ଏକ ଯୁଗାନ୍ତକାରୀ ନିଷ୍ପତ୍ତି। ଏହି ନିର୍ଣ୍ଣୟ ଓଡ଼ିଶା ସମେତ ଦେଶର ଜନଜାତି ସଂପ୍ରଦାୟଙ୍କ ପୂର୍ବ ବୀରଗାଥା ଏବଂ ଗୌରବମୟ ଇତିହାସକୁ ଉଜ୍ଜୀବିତ କରିବା ସହ ସେମାନଙ୍କ ସଂସ୍କୃତି, ପରମ୍ପରା ସାରା ଭାରତବର୍ଷରେ ଆଦୃତ ହେବ। ଏହାବ୍ୟତିତ କେନ୍ଦ୍ର କ୍ୟାବିନେଟର ବିଭିନ୍ନ ନିଷ୍ପତି ନେଇ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଆଗାମୀ ୨୦୨୧-୨୨ରେ ଆଖୁ ଚାଷ ସମୟରେ ଇଥାନଲ ବ୍ଲେଣ୍ଡିଂ ପ୍ରୋଗ୍ରାମ ଅନ୍ତର୍ଗତ ଆଖୁଛେଦାରୁ ପ୍ରସ୍ତୁତ ଇଥାନଲକୁ ଅଧିକ ମୂଲ୍ୟରେ କିଣିବା ପାଇଁ ନିଷ୍ପତି ନିଆଯାଇଛି। ଏହାଦ୍ୱାରା ଇଥାନଲ ଯୋଗାଣକାରୀ ଏବଂ ଚାଷୀମାନେ ଅଧିକ ଲାଭବାନ ହେବେ। ସେହିପରି ବର୍ଷ ୨୦୧୪-୧୫ ରୁ ୨୦୨୦-୨୧ ବର୍ଷ ପର୍ଯ୍ୟନ୍ତ କପାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ର କ୍ରୟ ପାଇଁ ଭାରତୀୟ କପା ଆୟୋଗକୁ ସିଧାସଳଖ ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ୧୭ ହଜାର ୪୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ୨୦୨୦-୨୧ ବର୍ଷ ପାଇଁ ପ୍ୟାକେଜିଂରେ ଝୋଟର ନିରନ୍ତର ବ୍ୟବହାରକୁ ମଧ୍ୟ ସ୍ୱୀକୃତି ଦିଆଯାଇଛି।

# ଜଟଣୀବାସୀଙ୍କ ପୈତୃକ ସଂପତ୍ତି ଛଡ଼ାଇ ନେଇଛନ୍ତି ନବୀନ ସରକାର : କଂଗ୍ରେସ



ଭୁବନେଶ୍ୱର,୧୧/୧୧ (ନି.ପ୍ର): ଜଟଣୀ ମ୍ୟୁନିସିପାଲଟି ଓ ଏହାକୁ ଲାଗିଥିବା ୨୭ଟି ଗାଁର ଅଧିବାସୀଙ୍କ ପୈତୃକ ଘରଡ଼ିହ ଓ ଜମିବାଡ଼ିକୁ ନବୀନ ସରକାର ବଳପୂର୍ବକ ଛଡ଼ାଇ ନେଇଛନ୍ତି। ସରକାରୀ ବାବୁମାନେ ଚକ୍ରାନ୍ତ କରି ୨୦୧୨ ମସିହାରୁ ଜଟଣୀ ଲୋକଙ୍କ ଜମିକୁ ଜଗନ୍ନାଥଙ୍କ ଜମିରେ ପରିଣତ କରିଛନ୍ତି। କାଳ କାଳ ଧରି ଏହି ସଂପତ୍ତି ତାଙ୍କ ପୂର୍ବପୁରୁଷ ଓ ତାଙ୍କ ନାମରେ ରହିଥିଲା। ତେଣୁ ଆସନ୍ତା ୨ମାସ ଭିତରେ ନବୀନ ସରକାର ଯଦି ତ୍ରୁଟି ସଂଶୋଧନ କରି ପ୍ରଭୁ ଜଗନ୍ନାଥଙ୍କ ନାମରୁ ଅସଲ ଜମି ମାଲିକଙ୍କୁ ଜମି ଫେରସ୍ତ ନ କରନ୍ତି ତା'ହାଲେ ହଜାର ହଜାର ଜଟଣୀବାସୀ ନବୀନ ନିବାସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଜଟଣୀ ବିଧାୟକ ସୁରେଶ ରାଉତରାୟ। ବୁଧବାର ଦିନ କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତରାୟ କହିଲେ ୨୦୧୨ ମସିହାରେ ଜଟଣୀବାସୀ ସରକାରୀ ଚକ୍ରାନ୍ତର ଶିକାର ହୋଇଛନ୍ତି। ଜଣେ ଆଇଏଏସ୍ ଅଧିକାରୀ ଓ ଜଣେ ସେଟେଲମେଣ୍ଟ ଅଧିକାରୀ ସରକାରଙ୍କ ପ୍ରରୋଚନାରେ ଏପରି କାର୍ଯ୍ୟ କରିଛନ୍ତି। ଏହାଦ୍ୱାରା ପ୍ରାୟ ୭ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଜଟଣୀ ମ୍ୟୁନିସିପାଲଟି ସହ ବେରୁଆଁ, ବାଇରଙ୍ଗ, ନିରଞ୍ଜନପୁର, ବୁଢ଼ାପଡ଼ା, ଭଁସର, ହରିରାଜପୁର, କନ୍ତିଆ, ରଥିପୁର, କୁସୁମାଟି, ଛଣଘର ଭଳି ଗାଁ ଲୋକଙ୍କୁ ସରକାର ଭୁଆଁ ବୁଲାଉଛନ୍ତି। ଗାଁ ଲୋକଙ୍କ ଜମି ପ୍ରଭୁ ଜଗନ୍ନାଥଙ୍କ ଜମିରେ ପରିଣତ ହୋଇଯିବା ଫଳରେ ଏଠାରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାର ସୁବିଧା ବାସିନ୍ଦା ପାଇପାରୁ ନାହାନ୍ତି। ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ରାଜସ୍ୱ ମନ୍ତ୍ରୀ, ସଚିବ, ଉନ୍ନୟନ କମିସନର, ଆଇନ ମନ୍ତ୍ରୀ ଓ ସଚିବଙ୍କୁ ଅନେକ ଥର ସାକ୍ଷାତ କରି ସମାଧାନ ପାଇଁ ନିବେଦନ କରାଯାଇଛି। ରାଜସ୍ୱ ସଚିବଙ୍କ ତତ୍ତ୍ୱାବଧାନରେ ତ୍ରୁଟି ସଂଶୋଧନ କରି ଅସଲ ଜମି ମାଲିକଙ୍କୁ ତାଙ୍କ ଜମି ଫେରାଇବାକୁ ରିଜୋଲ୍ୟୁସନ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ଏହି ଜମିର ପୁନଃ ବିଚାର ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନଙ୍କ ପାଖକୁ ପଠାଯାଇଛି। ଯାହା ଜଟଣୀବାସୀଙ୍କ ପ୍ରତି ବିଶ୍ୱାସଘାତକତା ଛଡ଼ା ଆଉ କିଛି ନୁହେଁ ବୋଲି ଶ୍ରୀ ରାଉତରାୟ କହିଛନ୍ତି।

# ରାଜ୍ୟକୁ ଆସିବ ୮୦ଲକ୍ଷରୁ ଅଧିକ ଡୋଜ୍

ଭୁବନେଶ୍ୱର ,୧୧/୧୧ (ନି.ପ୍ର): ଚଳିତମାସରେ ରାଜ୍ୟକୁ ୮୦ଲକ୍ଷରୁ ଅଧିକ ଡୋଜ୍ ଟିକା ମିଳିବ। କେବଳ ସରକାରୀ ବ୍ୟବସ୍ଥାକୁ ଏତିକି ସଂଖ୍ୟକ ଟିକା କେନ୍ଦ୍ର ସରକାର ଆବଣ୍ଟିତ କରିଛନ୍ତି। ଏହାସହ ଘରୋଇ ହସ୍ପିଟାଲକୁ ମଧ୍ୟ ୬.୨ ଲକ୍ଷ ଡୋଜ୍ ଆବଣ୍ଟିତ କରାଯାଇଛି। ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରକୁ ମିଶାଇ ରାଜ୍ୟରେ ଚଳିତମାସରେ ପ୍ରାୟ ୮୭ଲକ୍ଷରୁ ଅଧିକ ଡୋଜ୍ ଟିକା ମିଳିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଜୁନ୍ ମାସ ପରେ କେନ୍ଦ୍ର ସରକାର ଲଗାତାର ଭାବେ ରାଜ୍ୟମାନଙ୍କୁ ଆବଣ୍ଟିତ ଟିକାଠାରୁ ଅଧିକ ଟିକା ପ୍ରଦାନ କରୁଛନ୍ତି। ଗତମାସ ପାଇଁ କେନ୍ଦ୍ର ସରକାର ସମୁଦାୟ ୬୯ଲକ୍ଷ ୧୩ହଜାର ୬୦ ଡୋଜ୍ ଆବଣ୍ଟିତ କରିଥିଲେ। ମାତ୍ର ଅତିରିକ୍ତ ୨୨ଲକ୍ଷ ୪୮ହଜାର ୭୮୦ ଡୋଜ୍‌କୁ ମିଶାଇ ସମୁଦାୟ ୯୧ଲକ୍ଷ ୬୧ହଜାର ୮୪୦ ଡୋଜ୍ ଟିକା ରାଜ୍ୟ ପାଇଛି। ଗତମାସରେ କେନ୍ଦ୍ର ସରକାର ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟାକୁ ସଂଶୋଧିତ କରିଥିଲେ। ପୂର୍ବରୁ ରାଜ୍ୟରେ ୩.୦୯ କୋଟି ହିତାଧିକାରୀଙ୍କୁ ଟିକା ଦେବା ଲାଗି ନିଷ୍ପତ୍ତି ହୋଇଥିବା ବେଳେ ଅତିରିକ୍ତ ୧୬ଲକ୍ଷ ହିତାଧିକାରୀ ସାମିଲ ହେବା ପରେ ଏହି ସଂଖ୍ୟା ୩.୨୫ଲକ୍ଷକୁ ବୃଦ୍ଧି ପାଇଥିଲା। ଚଳିତମାସରେ ରାଜ୍ୟରେ ୬୬,୦୬,୯୨୦ ଡୋଜ୍ କୋଭିସିଲ୍‌ଡ ଓ ୧୪,୭୬,୫୨୦ ଡୋଜ୍ କୋଭାକ୍ସିନ୍‌କୁ ମିଶାଇ ସମୁଦାୟ ୮୦,୮୩,୪୪୦ ଡୋଜ୍ ଆବଣ୍ଟିତ କରାଯାଇଛି। ମାତ୍ର ପ୍ରତିମାସରେ ଅତିରିକ୍ତ ଟିକା ଆସୁଥିବାରୁ ଚଳିତମାସ ମଧ୍ୟ ଆବଣ୍ଟିତ ଟିକାଠାରୁ ଅଧିକ ଡୋଜ୍ ମିଳିବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ଘରୋଇ ହସ୍ପିଟାଲ ପାଇଁ ଚଳିତମାସରେ ୬.୨ଲକ୍ଷ ଆବଣ୍ଟିତ କରାଯାଇଥିବା ସୂଚନା ମିଳିଛି। ମାତ୍ର ଏଥିରେ କୋଭିସିଲ୍‌ଡ ଓ କୋଭାକ୍ସିନ୍ ଟିକାର ପରିମାଣ କେତେ ରହିଛି ତାହା ଜଣାପଡ଼ିନାହିଁ। ରାଜ୍ୟରେ ଘରୋଇ ହସ୍ପିଟାଲରେ ଟିକାକରଣ ସେତେଟା ଉତ୍ସାହଜନକ ହେଉନାହିଁ। ଲଗାତାର ଭାବେ ଆବଣ୍ଟିତ ପରିମାଣଠାରୁ ହସ୍ପିଟାଲମାନେ କମ୍ ଟିକା ଆଣୁଥିବା ନଜରକୁ ଆସୁଛି।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

## ଆଇନଗତ ସଚେତନତା ମାଧ୍ୟମରେ ମହିଳା ସଶକ୍ତିକରଣ



ବାରିପଦା,୧୧/୧୧ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ମୟୁରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ବିଜୟ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜର୍ଜ ପ୍ରଦୀପ କୁମାର ପଟ୍ଟନାୟକ ଓ ଜିଲ୍ଲା ଫାମିଲି କୋର୍ଟ ଜର୍ଜ ସୁରଜ କୁମାର ପୋଥାଲ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ଅବହେଳିତ ଓ ଦୁର୍ବଳ ଶ୍ରେଣୀଭୁକ୍ତ ଲୋକଙ୍କୁ ଆଇନ୍ ସେବା ମାଗଣାରେ ଉପଲବ୍ଧ କରାଇବାକୁ ଥିବା ପ୍ରାବଧାନ ନେଇ ଜନସାଧାରଣଙ୍କୁ ସଚେତନ କରିବା ସହିତ ଆଇନଗତ ଭାବେ ମହିଳା ମାନଙ୍କୁ ସଶକ୍ତିକରଣ ନେଇ ମଧ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୌମ୍ୟରୂପ ସାହୁ ଉପସ୍ଥିତ ରହି ମହିଳା ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଏବଂ ମହିଳା ମାନେ କିପରି ଆଇନଗତ ସଶକ୍ତିକରଣ ହୋଇ ପାରିବେ ବୋଲି କହିଥିଲେ । ଭାରତୀୟ ସମ୍ବିଧାନରେ ଥିବା ମହିଳା ମାନଙ୍କ ଅଧିକାର ବିଷୟରେ ସବିଶେଷ ଆଲୋଚନା କରାଯିବା ସହିତ ମହିଳା ମାନଙ୍କ ପ୍ରତି ହେଉଥିବା ଘରୋଇ ହିଂସାକୁ କିପରି ରୋକାଯାଇ ପାରିବ ସେ ବିଷୟରେ ଉପସ୍ଥିତ ମହିଳା ମାନଙ୍କୁ ସଚେତନ କରାଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ମହିଳା ମାନଙ୍କ ପାଇଁ ସାସ୍ଥ୍ୟ କ୍ଷେତ୍ରରେ ଥିବା ଅଧିକାର ଏବଂ ମହିଳାଙ୍କ କ୍ଷେତ୍ରରେ ଦେଖା ଯାଉଥିବା ଅପରାଧକୁ ରୋକାଯିବା ନିମନ୍ତେ ଆଲୋଚନା ହୋଇଥିବା ସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ଅଙ୍ଗନୱାଡି କର୍ମୀ , ଅଣ ସରକାରି ସଂଗଠନର ମହିଳା କର୍ମଚାରୀ , ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପି.ଏଲ.ଭି, ନାରୀ ନେତୃତ୍ୱ ନେଉଥିବା ମଣ୍ଡଳୀ ମଧ ଉପସ୍ଥିତ ଥିଲେ। ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ସ୍ୱେଚ୍ଛାସେବୀ ରବୀନ୍ଦ୍ର କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଜିକେ ଭଟ୍ଟର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଭଣ୍ଡାରର ଫ୍ରିଜ୍ ମରାମତି କେବେ

ଜଳେଶ୍ୱର, ୧୧/୧୧(ନିପ୍ର): ଉତ୍ତର ବାଲେଶ୍ୱରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଜିକେ ଭଟ୍ଟର ସ୍ୱାସ୍ଥ୍ୟକେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଠାରେ ପ୍ରାୟ ପ୍ରତିଦିନ ୩୫୦ରୁ ଅଧିକ ରୋଗୀ ଚିକିତ୍ସା ହେବାକୁ ଆସୁଥିବା ବେଳେ ମାସକୁ ପ୍ରାୟ ୬୨ଜଣ ପ୍ରସୁତୀଙ୍କ ନବଜାତକ ଶିଶୁ ଜନ୍ମ ହୋଇଥାଏ । ଏହାକୁ ଆଖିରେ ରଖି ରକ୍ତର ଆବଶ୍ୟକତା ପଡୁଥିବାରୁ ଏଠାରେ ଏକ ରକ୍ତ ସଂଗ୍ରକ୍ଷଣର ବ୍ୟବସ୍ଥା ହୋଇଥିଲା । ଗତ କିଛିମାସ ଧରି ଏହି ରକ୍ତ ଭଣ୍ଡାରର ଫ୍ରିଜ୍‌ଟି କାର୍ଯ୍ୟକ୍ଷମ ହେଉନଥିବାରୁ ଏଠାରେ ରକ୍ତ ସଂଗ୍ରକ୍ଷିତ କରି ରଖା ଯାଇପାରୁନାହିଁ । ପୁଣି ଜାତୀୟ ରାଜପଥ ୬୦ ଓ ରାଜ୍ୟ ରାଜପଥ ୫୬ ନିକଟରେ ଥିବା ଯୋଗୁଁ ସବୁବେଳେ ଦୁର୍ଘଟଣା ଜନିତ ଚିକିତ୍ସା ଓ ରକ୍ତର ଆବଶ୍ୟକତା ପଡିଥାଏ । ଆଜି ଏ ସଂପର୍କରେ ଜଳେଶ୍ୱରର କିଛି ବ୍ୟକ୍ତି ମୁହଁ ଖୋଲିଛନ୍ତି । ଅତିଶୀଘ୍ର ସେଠାରେ ଫ୍ରିଜ୍ ମରାମତି ଓ ରକ୍ତ ସଂଗ୍ରକ୍ଷୀତ କରି ରଖିବାର ବ୍ୟବସ୍ଥା କରାଯିବାକୁ ବାଲେଶ୍ୱର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଜଳେଶ୍ୱର ବିକାଶ ପରିଷଦର ସଂପାଦକ ମନୋରଂଜନ ଦାସ, ସମାଜସେବୀ ଅରୁଣ କୁମାର ବେଜ ଏକ ସ୍ମାରକ ପତ୍ର ଜଳେଶ୍ୱର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି । ଏ ଅଂଚଳରୁ ବ୍ୟାପକ ରକ୍ତ ସଂଗ୍ରହ ହେଉଥିବା ବେଳେ ସେମାନଙ୍କ ବ୍ୟବହାରରେ ଆସୁନଥିବାରୁ ଜନ ଅସନ୍ତୋଷ ବଢୁଥିବା କହିଛନ୍ତି ।

## ବିଜେଡିରେ ଯୋଗଦେଲେ ବରିଷ୍ଠ ସାମ୍ବାଦିକ ଗୌତମବୁଦ୍ଧ ଦାସ

ଭୁବନେଶ୍ୱର,୧୧/୧୧ (ନି.ପ୍ର): ବରିଷ୍ଠ ସାମ୍ବାଦିକ ତଥା ବାଲେଶ୍ୱର ଜିଲ୍ଲା ଭୋଗରାଇର ଜଣାଶୁଣା ସମାଜସେବୀ ଗୌତମବୁଦ୍ଧ ଦାସ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଗୁରୁବାର ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ ଏବଂ ଗୌତମବୁଦ୍ଧଙ୍କ ଯୋଗଦାନ ଫଳରେ ଦଳ ସାଂଗଠନିକ ଓ ବୌଦ୍ଧିକ ସ୍ତରରେ ଅଧିକ ସଶକ୍ତ ହେବ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ତଥା ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ବିଜେଡି ସମ୍ପାଦକ ଅମରେଶ ଜେନା, ସମ୍ପାଦକ କୁନବିହାରୀ ଦାସ, ଓଡ଼ିଶା ମୋ ପରିବାରର ସଂଯୋଜକ ଡ. ପ୍ରକାଶ ତ୍ରିପାଠୀ, ଛାତ୍ରନେତା ଦୀନବନ୍ଧୁ ପତି ଓ ରୋଜା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୧/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୭୦ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଓ ଭଦ୍ରକ ଜିଲ୍ଲାରୁ ଜଣେ ଲେଖାଏ ମୃତ୍ୟୁବରଣ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୫ଟି ଜିଲ୍ଲାର ୧୪୨ଟି ....

ପିଲାମାନଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏ ସମୟରେ ପିଲାମାନଙ୍କୁ ସେମାନଙ୍କର ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ଆମର ଦାୟିତ୍ୱ। ମୁଖ୍ୟମନ୍ତ୍ରୀ କହିଲେ, "ମୁଁ ଚାହେଁ ମୋ ରାଜ୍ୟର ପିଲା ସବୁ କ୍ଷେତ୍ରରେ ଆଗୁଆ ହୁଅନ୍ତୁ। ପାଠ ସହ କ୍ରୀଡା, ସଂଗୀତ ସବୁ କ୍ଷେତ୍ରରେ ଓଡିଶାର ଗୌରବ ବଢାନ୍ତୁ। ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣନ୍ତୁ। ବଡ ବଡ ସ୍ୱପ୍ନ ଦେଖନ୍ତୁ ଓ ଜୀବନର ସବୁ ଆହ୍ୱାନକୁ ସାମନା କରିବା ପାଇଁ ଆତ୍ମବିଶ୍ୱାସର ସହ ଆଗକୁ ବଢନ୍ତୁ। ଏହା ହିଁ ହେଉଛି ସ୍କୁଲ ରୂପାନ୍ତରର ଲକ୍ଷ୍ୟ । ପିଲାମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ମାତୃଭୂମି ଓ ପରିବାର ପରେ ସ୍କୁଲ ହେଉଛି ଆମର ସବୁଠାରୁ ବଡ ପରିଚୟ । ମୋର ପୁରା ବିଶ୍ୱାସ, ତୁମେ ମାନେ ଭଲ ପାଠ ପଢି ଭଲ କାମ କରି, ଏ ପରିଚୟକୁ ରାଜ୍ୟର ଗୌରବରେ ପରିଣତ କରିପାରିବ। ଏହି କାର୍ଯ୍ୟକ୍ରମରେ ୫ଟି ଜିଲ୍ଲାର ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟ ରୂପାନ୍ତର ସଂପର୍କରେ ନିଜର ମନ କଥା କହିଥିଲେ। ସୁନ୍ଦରଗଡର ଛାତ୍ରୀ ସିରିନ୍ କୌସର, ନବରଙ୍ଗପୁରର ନାଗେଶ୍ୱରୀ ପାଣିଗ୍ରାହୀ, ବାଲେଶ୍ୱରର ଅଭିଲିପ୍ସା ଲେଙ୍କା, କନ୍ଧମାଳର ଇତିଶ୍ରୀ କହଁର ଓ କଟକର ଗାୟତ୍ରୀ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ସ୍କଲର ପରିବେଶ ଓ ଶିକ୍ଷା ସୁବିଧାର ପରିବର୍ତନରେ ସେମାନେ ଖୁସି । ଆଗ ଅପେକ୍ଷା ସ୍କୁଲ ବହୁତ ଭଲ ଲାଗୁଛି ବୋଲି ସେମାନେ କହିଥିଲେ । କାର୍ଯ୍ୟକ୍ରମରେ ସୁନ୍ଦରଗଡରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ନବରଂଗପୁରରେ ସାଂସଦ ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱରରେ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କନ୍ଧମାଳରେ ସାଂସଦ ଅଚ୍ୟୁତାନନ୍ଦ ସାମନ୍ତ ଏବଂ କଟକରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଜିଲ୍ଲାର ବିଧାୟକ ମାନେ ଯୋଗ ଦେଇ ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସଂପର୍କରେ ଭିଡିଓ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ । ମୋ ସ୍କୁଲ କାର୍ଯ୍ୟକ୍ରମର ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସ୍ୱାଗତ ଭାଷଣ ଦେଇ ଥିଲେ। ୫-ଟି କାର୍ଯ୍ୟକ୍ରମରେ ରୂପାନ୍ତର ହୋଇଥିବା ୧୦୨୫ ହାଇସ୍କୁଲର ଲୋକାର୍ପଣ ଉତ୍ସବ ଆଜିଠାରୁ ଆରମ୍ଭ ହୋଇଛି । ୨୪ ନଭେମ୍ବର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ।

## ବିଜେପିର ବୁଦ୍ଧିଜୀବି ....

ହୋଇଛନ୍ତି । ପୋଲିସ ବିଭାଗ ରାଜ୍ୟବାସୀଙ୍କ ନିକଟରେ ଆସ୍ଥା, ବିଶ୍ୱାସ ଓ ବିଶ୍ୱସନୀୟତା ହରାଇଛି । ମମିତା ହତ୍ୟାକାଣ୍ଡର ତଦନ୍ତ କରୁଥିବା ପୋଲିସ ସହ ମୁଖ୍ୟ ଷଡଯନ୍ତ୍ରକାରୀ ମନ୍ତ୍ରୀ ଦିବ୍ୟଶଂକର ମିଶ୍ର ଏକାଠି ବୁଲି ମୁଖ୍ୟମନ୍ତ୍ରୀଙ୍କ ସଭା ଆୟୋଜନ କରିବା ନିହାତି ଭାବେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିଛି । ପୋଲିସ ଉପରେ ସାଧାରଣ ଜନତାଙ୍କ ଆସ୍ଥା ଓ ବିଶ୍ୱାସ ବଜାୟ ରଖିବା କାର୍ଯ୍ୟ କରନ୍ତୁ ମୁଖ୍ୟମନ୍ତ୍ରୀ । ନହେଲେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସାଂଘାତିକ ହେବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଚେତାଇ ଦେଇଛନ୍ତି । ରାଜ୍ୟ ବିଜେପି ବୁଦ୍ଧିଜୀବି ପ୍ରକୋଷ୍ଠ ତରଫରୁ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନାଚକ୍ରକୁ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ସଜ୍ଜନ ଶର୍ମା ପରିଚାଳନା କରିଥିଲେ । ବହୁ ସଂଖ୍ୟାରେ ବୁଦ୍ଧିଜୀବି ଯୋଗ ଦେଇଥିଲେ ।

## ଏପ୍ରିଲ-ମେ'ରେ ୫ଜି ସ୍ପେକ୍ଟ୍ରମ....

ଟ୍ରାଇ ବିଭିନ୍ନ ବିଚାରବିମର୍ଶ କରୁଛି। କାରଣ ଟ୍ରାଇ ହିଁ ନିଲାମ ବ୍ୟବସ୍ଥାକୁ ଦେଖାଶୁଣା କରେ। ମୁଁ ଭାବୁଛି ସେମାନେ ଫେବୃଆରୀ ମଧ ଭାଗ ସୁଦ୍ଧା ରିପୋର୍ଟ ଦେବେ। ଅତି ବେଶୀରେ ରିପୋର୍ଟ ମାର୍ଚ୍ଚ ସୁଦ୍ଧା ଆସିଯିବ। ଏହାପରେ ହିଁ ଆମେ ତୁରନ୍ତ ନିଲାମ ପ୍ରକ୍ରିୟା ଆରମ୍ଭ କରିବୁ। ଆଗାମୀ ସ୍ପେକ୍ଟ୍ରମ ନିଲାମ କେବେ ହେବ, ତା'ର ନିର୍ଦ୍ଦିଷ୍ଟ ତାରିଖ କହିବା କଷ୍ଟକର। ଟ୍ରାଇର ରିପୋର୍ଟ ଉପରେ ସବୁ କିଛି ନିର୍ଭର କରୁଛି। କିନ୍ତୁ ଆମେ ଏପ୍ରିଲ-ମେ' ମାସରେ ୫ଜି ସ୍ପେକ୍ଟ୍ରମ ପାଇଁ ନିଲାମ ଡାକିବୁ ବୋଲି ଯୋଜନା କରିଛୁ ବୋଲି ସେ କହିଛନ୍ତି।

## ୨୪ରୁ କଳିଙ୍ଗ ଷ୍ଟାଡିୟମ୍‌ରେ....

ଟେଷ୍ଟ ହେବ। ଖେଳାଳି ଓ ଟିମ ପାଇଁ ଦୁଇଟି ସ୍ୱତନ୍ତ୍ର କୋଭିଡ ହସ୍ପିଟାଲ ସଂରକ୍ଷଣ ରଖାଯାଇଛି। ନିରାଡ଼ମ୍ବରରେ ଜୁନିଅର ହକି ବିଶ୍ୱକପ୍ ଉଦଘାଟନୀ ଉତ୍ସବ ହେବ। ଭାଗ ନେଉଥିବା ଟିମ୍ ଗୁଡ଼ିକ ହେଲେ- ଆୟୋଜକ ଭାରତ, ଆର୍ଜେଂଟିନା, ବେଲଜିୟମ, କାନାଡା, ଚିଲି, ଇଜିପ୍ଟ, ଫ୍ରାନ୍ସ, ଜର୍ମାନୀ, କୋରିଆ, ମାଲେସିୟା, ପାକିସ୍ତାନ, ପୋଲାଣ୍ଡ, ଦକ୍ଷିଣ ଆଫ୍ରିକା, ସ୍ପେନ୍, ନେଦରଲ୍ୟାଣ୍ଡସ୍ ଓ ଆମେରିକା। ପ୍ରଥମ ୫ ଦିନ ପୁଲ୍ ଷ୍ଟେଜ୍ ମ୍ୟାଚ୍ ଖେଳାଯିବ। ଏହାପରେ ନଭେମ୍ବର ୩୦ରୁ ଅନ୍ୟ ମ୍ୟାଚ୍ ହେବ। ଡିସେମ୍ବର ୧ ତାରିଖରେ କ୍ୱାର୍ଟର ଫାଇନାଲ, ଡିସେମ୍ବର ୩ରେ ସେମି ଫାଇନାଲ ଏବଂ ଡିସେମ୍ବର ୫ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## ଜଳେଶ୍ୱରରେ ସୁରଭି କାର୍ଯ୍ୟକ୍ରମ

ଜଳେଶ୍ୱର, ୧୧/୧୧(ନିପ୍ର): ଆଜି ଜଳେଶ୍ୱର ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବାଘାବାଳୀ ୟୁଜିୟୁପି ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ବିଆର୍‌ସିସି ଲଲାଟେନ୍ଦୁ କେଶରୀ ଜେନା ସଭାପତିତ୍ୱ କରି ସୁରଭି କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସଂପର୍କରେ କହିଥିଲେ । ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଭଗୀରଥ ଗିରି ଉଦ୍‌ଘାଟକ ଭାବେ ଯୋଗ ଦେଇ ପାଠ୍ୟଖସଡା ଓ ସହପାଠ୍ୟ ଖସଡା ମଧ୍ୟରେ ବିଦ୍ୟାଳୟର ଚାରିକାନ୍ଥ ସୀମାବଦ୍ଧ ଅଂଚଳରେ ଶିଶୁ ଅଧ୍ୟୟନ କରେ । ତଥାପି ଶିଶୁର ଅନ୍ତର୍ନିହିତ ବିକାଶ ଲାଗି ସୁରଭି କାର୍ଯ୍ୟକ୍ରମ ସୁଯୋଗ ଆଣି ଦେଇଛି ବୋଲି କହିଥିଲେ । ଏବିଇଓ ସୁଶାନ୍ତ କୁମାର ଜେନା, ଅଜୟ କୁମାର ଜେନା, ପ୍ରଧାନ ଶିକ୍ଷୟତ୍ରୀ ଭକ୍ତିଲତା ପରିଡା, ସିଆରସିସି ପଂକଜ ଜେନା ଏଥିରେ ଯୋଗ ଦେଇ ଲଘୁ ସଂଗୀତ, ଦଳଗତ ନୃତ୍ୟ, ଭାଷଣ, ରଚନା ଲିଖନ ଓ ପେଣ୍ଟିଂ ଇତ୍ୟାଦି ଦ୍ୱାରା ଛୋଟ ଛୋଟ ଶିଶୁର ପ୍ରତିଭାର ବିକାଶ ଘଟିପାରୁଛି ବୋଲି କହିଥିଲେ । ଏଥିରେ ୮ମ ରୁ +୨ ଯାଏ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବ୍ଲକର ସମସ୍ତ ସିଆର୍‌ସିସି, ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରତ୍ସାହିତ କରିଥିଲେ। କୃତିଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ-୨୦୨୧ ପ୍ରତିଯୋଗିତା ଅନୁଷ୍ଠିତ




ବାରିପଦା,୧୧/୧୧ (ନି.ପ୍ର): ୨୯ତମ ଜିଲ୍ଲାସ୍ତରୀୟ ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ-୨୦୨୧ ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦିପ୍ତୀ ନାୟକ ଓ ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆର୍ଯ୍ୟ ଯୋଗଦେଇଥିଲେ। ଜିଲ୍ଲା ସଂଯୋଜକ ଅଜିତ କୁମାର ଜେନା କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଶେଷ ଅତିଥିଭାବେ ଅନୁଷ୍ଠାନର ସଭାପତି ଇଂ.ପ୍ରଭାସ କୁମାର ଦାସ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୈକ୍ଷିକ ସଂଯୋଜକ ବସନ୍ତ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ପଇରା, ବିଳାସ ଚନ୍ଦ୍ର ସାହୁ, ତପନ କୁମାର ବାରିକ, ନୟନ କୁମର ଗିରି ଓ ବିଷ୍ଣୁପଦ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ଅଧ୍ୟାପିକା ସ୍ମିତା ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ସାହୁ ଓ ପ୍ରଧାନଶିକ୍ଷକ ନଳିନୀ କୁମାର ଚୌଧୁରୀ ବିଚାରକ ଭାବେ ଯୋଗଦେଇଥିଲେ। ଆର.କେ.ଏସ.ସି. ହାଇସ୍କୁଲ ଭୂଆଷୁଣି, ସତ୍ୟ କୁମାର ହାଁସଦାଃ, ଏମ.ପି.କେ. ବାଳିକା ବିଦ୍ୟାଳୟର ଅନୁଷ୍କା ମହାନ୍ତ, ଓଏଭି ମାଟିଆଗଡର ସୁମନ ସାମନ୍ତରାୟ, ଓଏଭୀ ରାସଗୋବିନ୍ଦପୁରର ପ୍ରଦ୍ୟୁମ୍ନ ବେହେରା, ଠାକୁରମୁଣ୍ଡା ହାଇସ୍କୁଲ ପ୍ରୟାଂଶୁ ଖଟୁଆ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।

## ବଡନଗର ଗ୍ରାମରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ : କଂକ୍ରିଟ ଲାଗି ଦାବି

ଜଳେଶ୍ୱର, ୧୧/୧୧(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ପଂଚାୟତ ଏକ ବନ୍ୟାପ୍ଲାବିତ ଅଂଚଳ । ବଡନଗର ଗାଁରୁ ୨ଟି ପାଦଚଲା ରାସ୍ତା ଜଳେଶ୍ୱର-ପଶ୍ଚିମବାର୍ଡ କପାସିଆ ରାସ୍ତା ପର୍ଯ୍ୟନ୍ତ ଲମ୍ବି ଯାଇଛି । ସରକାରୀ ଯୋଜନାରେ ଗାଁରେ ୨ଟି ପୋଖରୀ ଖୋଳି ୨ଟି ଚଲାପଥ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ତାହା ବର୍ଷା ଓ ବନ୍ୟାରେ ବାରମ୍ବାର ବୁଡି ରହୁଥିବାରୁ କାଦ ପଚପଚ ହେଉଛି । ବଡନଗର ଗାଁଟି ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାଠାରୁ ଦୂରରେ ଅବସ୍ଥିତ । ଗାଁ ଲୋକେ ପ୍ରତିଦିନ ଜଳେଶ୍ୱରକୁ ଅତ୍ୟାବଶ୍ୟକୀୟ ଜିନିଷ କିଣିବାପାଇଁ ବହୁ କଷ୍ଟରେ ଆସୁଛନ୍ତି । ମାଲ ପରିବହନ ନିମନ୍ତେ ଭାରିଯାନ ଯାଇପାରୁନଥିବାରୁ ଗୃହନିର୍ମାଣ ସାମଗ୍ରୀ ଓ ଆସବାପତ୍ର ନେବାଆଣିବା ହୋଇପାରୁନାହିଁ । ଏକ ବିଂଶ ସତାବ୍ଦିରେ ଜଳେଶ୍ୱର ବ୍ଲକରେ ଏପରିକିଛି ଗାଁ ରହିଛି ଯେଉଁଠିକି ଯିବାଲାଗି ରାସ୍ତାଟିଏ ନାହିଁ । ଆଜି ଗାଁରୁ ପ୍ରଫୁଲ୍ଲ ବେହେରା, ସୁଶାନ୍ତ ବେହେରା, କନକ ପାତ୍ର, ସୀମନ୍ତ ଜେନା, ଅଂଜଳି ଜେନା, ଜୟନ୍ତ ପାତ୍ର ପ୍ରମୁଖ ଶତାଧିକ ଲୋକ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# 'ମୋନା' ଓ ରାଜ୍ୟ ସରକାରଙ୍କ ସହଯୋଗରେ 'ନୀତିନିଷ୍ଠ ନବକୃଷ୍ଣ' ପୁସ୍ତକ ଲୋକାର୍ପିତ



ବାଲେଶ୍ୱର, ୧୧/୧୧ (ନି.ପ୍ର): 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ବାଲେଶ୍ୱର' ପକ୍ଷରୁ 'ନୀତିନିଷ୍ଠ ନବକୃଷ୍ଣ' ପୁସ୍ତକ ଲୋକାର୍ପଣ ଉତ୍ସବ 'ଆତିଥ୍ୟ' ସଭାଗୃହରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ନବକୃଷ୍ଣ ତାଙ୍କ ମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ଓ ତାଙ୍କର କୃଷକ ଆନ୍ଦୋଳନ, ଭୂଦାନ ଆନ୍ଦୋଳନ, ଓଡ଼ିଆ ଭାଷା ସରକାରୀ କରିବା, ନିଶା ନିବାରଣ, ବାଜିରାଉତ ଛାତ୍ରାବାସ ଆଦି ଲୋକାଭିମୁଖି କାର୍ଯ୍ୟ ସଂପର୍କରେ ଆଲୋକପାତ କରି ତାଙ୍କୁ ଅନତିକ୍ରମଣୀୟ ଆଦର୍ଶବାଦୀ ଜନନେତା ଭାବେ ଅଭିହିତ କରିଥିଲେ । 'ମୋନା'ର ରାଜ୍ୟ ସଭାପତି ପଦ୍ମ ଚରଣ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ସ୍ୱାଧୀନତା ପ୍ରାପ୍ତିରେ ବହୁ ତ୍ୟାଗବୀରଙ୍କ ଆତ୍ମବଳିଦାନର ଫଳ ବୋଲି ଉଦାହରଣ ଦେଇ ନବକୃଷ୍ଣଙ୍କ ସଂଗ୍ରାମୀ ଜୀବନ ଏକ ବିରଳ ଦୃଷ୍ଟାନ୍ତ ବୋଲି ମତପ୍ରକାଶ କରିଥିଲେ । ଶ୍ରୀ ନାୟକ ବହୁଶ୍ରମ ସ୍ୱୀକାର କରି ତାଙ୍କ ଜୀବନାଦର୍ଶ ଉପରେ ଗବେଷଣାତ୍ମକ ପୁସ୍ତକ ସଂକଳନ କରିଥିବା ପ୍ରକାଶ କରିଥିଲେ। କେରଳରେ ବ୍ୟାପକ ମଦ କାରଣରୁ କରୋନା ସଂକ୍ରମଣ ସଂଖ୍ୟା ବଢୁଥିବା ଉଦାହରଣ ଦେଇ ମଦ ବିରୋଧରେ ସଂଗ୍ରାମ କରିବାକୁ ଓ ବାଲେଶ୍ୱର ଜିଲ୍ଲା ଏହାର ଅଗ୍ରଣୀ ଭୂମିକା ନେଉ ବୋଲି ଆହ୍ୱାନ ଦେଇଥିଲେ । ଏହି ଅବସରରେ 'ନୀତିନିଷ୍ଠ ନବକୃଷ୍ଣ'ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ଲୋକାର୍ପିତ ପୁସ୍ତକ ସଂକଳନରେ ମୁଖ୍ୟ ଭୂମିକା ନେଇଥିବା ଡ. ଶିରୀଶ ଚନ୍ଦ୍ର ଜେନା, ଡ. ହରିଶ୍ଚନ୍ଦ୍ର ବେହେରା, କବି ବିମଳ ଜେନା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋକପାତ କରି 'ମୋନା'ର ଉଦ୍ୟମକୁ ପ୍ରଶଂସା କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଂଚ ଆହ୍ୱାନ କରିଥିବା ବେଳେ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲେ । ସାଧାରଣ ସଂପାଦିକା ମମତା ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପଦେଷ୍ଟା ସୁବ୍ରତ କର ଉକ୍ତ ପୁସ୍ତକ ଆଗାମୀ ପିଢ଼ିଙ୍କୁ ପଥ ପ୍ରଦର୍ଶନ କରିବ ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ସ୍କୁଲ ଓ କଲେଜ ସ୍ତରରେ ଛାତ୍ରଛାତ୍ରୀମାନେ ଅଧ୍ୟୟନର ଆବଶ୍ୟକତା ଥିବା ସେ କହିଥିଲେ। ପ୍ରଫୁଲ୍ଲ ଦାସ, ଗୀତାଞ୍ଜଳି ସିଂହ, ସ୍ମୃତି ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ତ୍ରିଦିବ ନାୟକ, କ୍ରୀଷ୍ଣା ସାହା ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ପୁସ୍ତକ ପ୍ରକାଶନରେ ସହାୟତା କରିଥିବା ସଦସ୍ୟମାନଙ୍କୁ ପୁସ୍ତକ ଉପହାର ଦିଆଯାଇଥିଲା । ଶେଷରେ ଡ. କେଶବ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶିଷ୍ଟ ଗବେଷକ ଡ. ଅରବିନ୍ଦ ପଟ୍ଟନାୟକ ପାଇଲେ ୪ର୍ଥ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ

ଭୁବନେଶ୍ୱର,୧୧/୧୧ (ନି.ପ୍ର): ବିଶିଷ୍ଟ ସାହିତ୍ୟ ସାଧକ, ଗବେଷକ, ସମାଜସେବୀ ତଥା ସଂଗଠକ ସ୍ୱର୍ଗତଃ ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ୮୬ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ସାହିତ୍ୟିକ, ଗବେଷକ ତଥା କୃତବିଦ୍ୟ ସ୍ରଷ୍ଟା ଡ. ଅରବିନ୍ଦ ପଟ୍ଟନାୟକଙ୍କୁ ୪ର୍ଥ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୧ରେ ସମ୍ମାନିତ କରାଯାଇଛି। ତାଙ୍କୁ ମାନପତ୍ର, ଉପଢୌକନ, ନାରିକେଳ, ଡ. ପ୍ରଧାନଙ୍କ କିଛି ଗ୍ରନ୍ଥ ସହିତ ୧୧୧୧୧ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ଓଡ଼ିଆ ଲୋକ ସଂସ୍କୃତି, ଲୋକଯାତ୍ରା, ଲୋକ ପରମ୍ପରା ଓ ଲୋକ ଜୀବନ କ୍ଷେତ୍ରରେ ଡ. ପଟ୍ଟନାୟକଙ୍କ ଗବେଷଣା ଅଦ୍ୱିତୀୟ ଅଟେ। ଦିନ ଯାଏ ଦିନ ଆସେ, ହେ ଅତୀତ କଥା କହ, ଠେଙ୍ଗୁଣୀ, ଅୟନାନ୍ତ, ବଳରାମ ଦାସ, ଆମ ପୁରାଣ କଥା, ଅ ଠାରୁ କ୍ଷ, ସାରଥିର ଶପଥ ଆଦି ଶତାଧିକ ପୁସ୍ତକ ଓ ସହସ୍ରାଧିକ ଗବେଷଣାତ୍ମକ ପ୍ରବନ୍ଧ ଓ କବିତା ସେ ଲେଖିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଙ୍ଗତ ସାହିତ୍ୟିକ ପ୍ରାଧ୍ୟାପକ ଡ. ରାଜକିଶୋର ମିଶ୍ର, ଗଞ୍ଜାମର ବିଶିଷ୍ଟ କବି ଦିଲ୍ଲୀପ ଦାସ ଏବଂ ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ପତ୍ନୀ ଶ୍ରୀମତୀ ବସନ୍ତ କୁମାରୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦର ଅଧ୍ୟକ୍ଷ ଡ. ରମେଶ ପତ୍ରୀ ଭିଡ଼ିଓ ମାଧ୍ୟମରେ ନିଜର ବକ୍ତବ୍ୟ ରଖିଥିଲେ। ପରିଷଦର ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶିଷ୍ଟ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି ଏବଂ ଭାରତ ସରକାରଙ୍କ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଡ. ପଟ୍ଟନାୟକଙ୍କ କୃତି ଉପରେ ଏବଂ ଡ. ପ୍ରଧାନଙ୍କ ଜୀବନର ବିବିଧ ଦିଗ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଜୁମ ଆପ ଓ ଫେସବୁକ ଲାଇଭ ମାଧ୍ୟମରେ ଶତାଧିକ ଦର୍ଶକ ଏହି କାର୍ଯ୍ୟକ୍ରମକୁ ଦେଖିଥିଲେ।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର: ତାଲିମ ପାଇଁ ମନୋନୀତ ହେଲେ ୭୭ ଜଣ




ବାଲିଆପାଳ,୧୧/୧୧ (ନି.ପ୍ର): ଓଡିଶା ଜୀବିକା ମିଶନ ଓ ଓର୍ମାଶ ପକ୍ଷରୁ ଆଜି ବାଲିଆପାଳ ବ୍ଲକ ପରିସରରେ ବ୍ଲକ ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୮ ରୁ ୩୫ ବର୍ଷ ପର୍ଯ୍ୟନ୍ତ ୨୩୬ ଜଣ ଶିକ୍ଷିତ ବେକାର ଯୁବକ ଯୁବତୀ ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୭୭ ଜଣକୁ ପ୍ରଥମ ପର୍ଯ୍ୟାୟରେ ତାଲିମ ପାଇଁ ମନୋନୀତ କରାଯାଇଛି । ବାଲିଆପାଳ ବ୍ଲକ ଓଡିଶା ଜୀବିକା ମିଶନ, ଜିଲ୍ଲା ପ୍ରଶାସନ ଓ ଓର୍ମାଶ ପକ୍ଷରୁ ଆୟୋଜିତ ଏହି ଶିବିରକୁ ବାଲିଆପାଳ ବିଡିଓ ଲଳିତ ସରେଙ୍ଗ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଓର୍ମାଶର ଜିଲ୍ଲା ସଂଯୋଜକ ଓଲିନ ବିନ୍ଦୁ ରାଉତରାୟ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓର୍ମାଶ ପକ୍ଷରୁ ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କୁ କର୍ମ ନିଯୁକ୍ତି ଦେବା ପାଇଁ ଏଭଳି ପ୍ରଶିକ୍ଷଣ ଶିବିର ମାନ ଆୟୋଜିତ ହେଉଥିବା କହିଥିଲେ । ଯୋଜନା କାର୍ଯ୍ୟକାରୀ ସଂସ୍ଥା ଏଚ.ଏଲ.ଏଫ ପି.ପି.ଟି ଜଳେଶ୍ୱରର ଅଜୟ କୁମାର ପରିଡା, ଶିବାନୀ ଏଜୁକେସନ ଟ୍ରଷ୍ଟ ଭୁବନେଶ୍ୱରର ଅଶୋକ କୁମାର ବାରିକ, ଆବେ ଓ୍ୱେଷ୍ଟ ଭୁବନେଶ୍ୱରର ସନ୍ତୋଷ କୁମାର ପଟ୍ଟନାୟକ, ନିୟମ ଏଜୁକେସନ ଫାଉଣ୍ଡେସନ ବାଲେଶ୍ୱରର ତରୁଣ କୁମାର ମହାରଣା ଓ ରେଡ ଟ୍ୟାଗ କଟକର ବଳଭଦ୍ର ମହାପାତ୍ର ଯୋଗ ଦେଇ ନିଯୁକ୍ତି ସମ୍ପର୍କରେ ବିଭିନ୍ନପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ବାଲିଆପାଳ ବ୍ଲକ ଓଡିଶା ଜୀବିକା ମିଶନର ବି.ପି.ଏମ ରବିନ୍ଦ୍ର କୁମାର ଦାସ, ଏସ.ଡି.ସି ଚନ୍ଦନ କୁମାର ନାଥ, ଭି.ଏଲ.ସି ଚନ୍ଦ୍ରିକା ସେଠୀ, ସଙ୍ଗିତା ଦାସ, ରାଜକିଶୋର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ବ୍ଲକର ସମସ୍ତ ପଂଚାୟତର ସି.ଆର.ପି. ଏବଂ ଏମ.ବି.କେ ମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତି ସଫେଇ ଦାବି

ଭୁବନେଶ୍ୱର,୧୧/୧୧(ନି.ପ୍ର): ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ଚଳିତ ନଭେମ୍ବର ୧୪ତାରିଖରେ ୧୩୨ତମ ଜନ୍ମଦିନ ସମଗ୍ର ରାଷ୍ଟ୍ର ପାଳନ କରିବାକୁ ଯାଉଥିବା ବେଳେ ରାଜଧାନୀ ଭୁବନେଶ୍ୱରର ମାଷ୍ଟରକ୍ୟାଂଟିନ୍ ନିକଟରେ ଥିବା ତାଙ୍କର ପ୍ରତିମୂର୍ତ୍ତିକୁ ଦେଖି ମନରେ ଅତ୍ୟନ୍ତ କ୍ଷୋଭ ଓ କଷ୍ଟଜାତ ହେଉଛି । ଏହି ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱ ଅନାବନା ବଣବୁଦା ଓ ବର୍ଜ୍ୟବସ୍ତୁରେ ପରିପୂର୍ଣ୍ଣ ହୋଇଥିବା ବେଳେ ତାହାର ସଫେଇ ପାଇଁ ଭୁବନେଶ୍ୱର ସ୍ମାର୍ଟସିଟି କର୍ତ୍ତୃପକ୍ଷ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଥବା ଭୁବନେଶ୍ୱର ମହାନଗର ନିଗମ କାହାରି ଦାୟିତ୍ୱ ଥିବାଭଳି ମନେ ହେଉନାହିଁ । ସେହିପରି ସେଠାରେ ଥିବା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ପ୍ରତିମୂର୍ତ୍ତି ସ୍ଥଳୀ ମଧ୍ୟ ଆବର୍ଜନା ପରିବେଶରେ ରହିଅଛି । ଗତ ଅକ୍ଟୋବର ମାସରେ ଲୋକନାୟକଙ୍କ ଜନ୍ମଦିନ ଓ ଶ୍ରାଦ୍ଧବାର୍ଷିକୀ ପାଳନ ସମୟରେ ତାଙ୍କ ପ୍ରତିମୂର୍ତ୍ତି ପାଖ ଅଂଚଳକୁ ସଫା କରି ସରକାରୀ ବିଭାଗ ତରଫରୁ କପଡ଼ା ଟାଣି ଆବଦ୍ଧ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା, ଯାହାକି ବରପୁତ୍ରମାନଙ୍କ ପ୍ରତି ଅପମାନ ସଦୃଶ । ଆସନ୍ତା ୧୪ ତାରିଖରେ ମଧ୍ୟ ସରକାରୀ ବିଭାଗର ବାବୁମାନେ ପ୍ରତିମୂର୍ତ୍ତି ଚାରିକଡ଼ରେ କପଡ଼ା ଘେରାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ, ଯାହାକି ଅତ୍ୟନ୍ତ ଉଦ୍‌ବେଗର ବିଷୟ । ମାଷ୍ଟର କ୍ୟାଂଟିନ୍ ଛକରୁ ରେଳ ଷ୍ଟେସନକୁ ଯିବା ବାଟରେ ବାମ ଓ ଡାହାଣ ପାର୍ଶ୍ୱରେ ଥିବା ଲୋକନାୟକ ଜୟପ୍ରକାଶ ଓ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କର ଅନ୍ତରାତ୍ମା ଏହି ଅବସ୍ଥାରେ କେଉଁ ସ୍ଥିତିରେ ଥିବ ସେଥିପାଇଁ ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀ ରାଜନେତାମାନେ ଅନୁଭବ କରିବା ଉଚିତ୍ । ଆମର ରାଷ୍ଟ୍ର ପ୍ରତି ଥିବା କର୍ତ୍ତବ୍ୟବୋଧ ଓ ବରପୁତ୍ରଙ୍କ ପ୍ରତି ଥିବା ପୂଜ୍ୟପୂଜା ମନୋଭାବକୁ ପ୍ରକଟିତ କରିବା ପୂର୍ବରୁ ତୁରନ୍ତ ଜୟପ୍ରକାଶ ନାରାୟଣ ଓ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତି ଅଂଚଳକୁ ସଫେଇ କରି ଏଠାରେ ପରିମଳ ବ୍ୟବସ୍ଥା ସୁସମ୍ପାଦନ ପୂର୍ବକ ନଭେମ୍ବର ୧୪ ତାରିଖରେ ତାଙ୍କର ଜନ୍ମଦିନ ପାଳନ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ସ୍ମାର୍ଟସିଟି କର୍ତ୍ତୃପକ୍ଷଙ୍କ ସହିତ ନଗର ଉନ୍ନୟନ ଓ ଗୃହନିର୍ମାଣ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

# କବି ରଞ୍ଜନ ବାଗଙ୍କ 'ପୁରୁଷାର୍ଥ' ପୁସ୍ତକ ଲୋକାର୍ପିତ




ବାଲେଶ୍ୱର,୧୧/୧୧(ନିପ୍ର): କବି ରଞ୍ଜନ ବାଗଙ୍କର ଦ୍ୱିତୀୟ କବିତା ପୁସ୍ତକ ପୁରୁଷାର୍ଥ ସିଦ୍ଧି କଲ୍ୟାଣ ମଣ୍ଡପରେ ଲୋକାର୍ପିତ ହୋଇଯାଇଛି । ଅତିଥି ଭାବରେ ରେବତୀର ସମ୍ପାଦିକା ସୁବାସିନୀ ଜେନା, ବିଧାୟକ ସ୍ୱରୂପ ଦାସ, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରିଶ ଜେନା, କବି ପ୍ରଶାନ୍ତ ଦାସ, ଶ୍ରୀଦେବ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବିତା ଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଏହି ସଭା କବି କାଳିପଦ ପଣ୍ଡାଙ୍କ ପୌରହିତ୍ୟରେ ପରିଚାଳିତ ହୋଇଥିଲା । ପୁସ୍ତକର ରଚୟିତା କବି ରଞ୍ଜନ ବାଗ ଲେଖକୀୟ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ପୁସ୍ତକଟି ଯାହାଙ୍କୁ ଉତ୍ସର୍ଗ କରାଯାଇଥିଲା, ସେହି ମହାନ ବ୍ୟକ୍ତି, ବରିଷ୍ଠ ରାଜନେତା ସ୍ୱର୍ଗତ ଅରୁଣ ଦେଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ ସେଠାରେ ବହୁ ସାହିତ୍ୟିକ ଓ ସାହିତ୍ୟାନୁରାଗି ଉପସ୍ଥିତ ଥିଲେ । ଅତିଥି ଭାବେ ଯୋଗ ଦେଇଥିବା କବି ପ୍ରଶାନ୍ତ ଦାସ ନିଜ ନିଜର ବକ୍ତବ୍ୟରେ କହିଥିଲେ ଦିବଂଗତ ନେତା ଅରୁଣ ଦେ ଓ କବି ଶ୍ରୀ ବାଗଙ୍କ ସମ୍ପର୍କରେ କହିଥିଲେ । ପୁସ୍ତକ ସମ୍ପର୍କରେ କହିଥିଲେ ଯେ ଜଣେ ଲେଖାଟିଏ ନିଜସ୍ୱ ଲେଖାର ସର୍ବଶ୍ରେଷ୍ଠ ପ୍ରଶଂସକ । କବିତା ସହ ଯେତେବେଳେ ନିଜେ କବି ଯେତେବେଳେ କବିତା ହୋଇଯାଏ, ସେତେବେଳେ କବିତା କାଳଜୟୀ ହୋଇଥାଏ । ଅନ୍ୟମାନଙ୍କ ଭଳି ଆଧୁନିକର ଦ୍ୱାହି ଦେଇ କ୍ଲିଷ୍ଟ କବିତା ଲେଖି ନାହାନ୍ତି କବି ଶ୍ରୀ ବାଗ ନିଜର ପୁସ୍ତକ 'ପୁରୁଷାର୍ଥ'ରେ । କବିତାଗୁଡ଼ିକରେ ସମସାମୟିକ ଘଟଣାକୁ ବେଶ୍ ସୁଲଳିତ ଢଙ୍ଗରେ ପାଠକ ନିକଟରେ ପରଷା ଯାଇଛି । କଲମରେ କମିଟିଏ ହେବା ସହଜ, କିନ୍ତୁ ହୃଦୟରେ କବିଟିଏ ହେବା କଷ୍ଟ । କାରଣ କବିଟିଏ ସମାଜର ଛବିଟିଏ । ତାହାରି କଲମରେ ହିଁ ଫୁଟି ଉଠିଥାଏ ସମସାମୟିକ ସମାଜର ବାସ୍ତବ ଚିତ୍ର । ସମଗ୍ର ଦିଗକୁ ଅନୁଶୀଳନ କଲେ ରଞ୍ଜନ ବାଗଙ୍କ ଏହି ପୁସ୍ତକ ବେଶ ସମୟୋପଯୋଗୀ ଓ ସବୁ ବର୍ଗର ପାଠକଙ୍କ ମନ ଓଓ ହୃଦୟକୁ ଛୁଇଁ ପାରିବ ବୋଲି ଶ୍ରୀ ଦାସ କରିଥିଲେ । ମାସିକ ସାହିତ୍ୟ ପତ୍ରିକା 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ନିଜର ବକ୍ତବ୍ୟରେ ଦିବଂଗତ ରାଜନେତା ଅରୁଣ ଦେ ଓ କବି ରଞ୍ଜନ ବାଗଙ୍କ ସମ୍ପର୍କକୁ ନେଇ କହିଥିଲେ ଯେ ଆମେ ଜଣେ ମଣିଷ ହିସାବରେ ପରସ୍ପର ପ୍ରତି କୃତଜ୍ଞ ରହିବା ଜରୁରୀ ଆବଶ୍ୟକତା ହୋଇପଡ଼ିଛି । ସୂର୍ଯ୍ୟ ଯେମିତି ରାତିରେ ଅନ୍ଧକାରକୁ ଦୂର କରିବାର କ୍ଷମତା ରଖିଥାଏ କବିଟିଏ ସମାଜର କୁସଂସ୍କାରକୁ ଦୂର କରିବାର କ୍ଷମତା ରଖିଥାଏ । ଶ୍ରୀ ବାଗଙ୍କ କବିତା ପୁସ୍ତକ ନିଶ୍ଚିତ ଭାବେ ସମାଜରେ କିଛି ମାତ୍ରାରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

# ମାସା ଆର୍ମୀ ପକ୍ଷରୁ ଆସନ୍ତା ୨୯ ମୟୂରଭଞ୍ଜ ବନ୍ଦ ଡାକରା

## ସାନ୍ତାଳୀ ଭାଷାକୁ ଓଡିଶାର ଦ୍ୱିତୀୟ ରାଜଭାଷା ଦାବି




ବାରିପଦା,୧୧/୧୧ (ନି.ପ୍ର): ସାନ୍ତାଳୀ ଭାଷାକୁ ଓଡିଶାର ଦ୍ୱିତୀୟ ରାଜଭାଷା ପାଇଁ ଦାବି କରି ମାସା ଆର୍ମୀ ପକ୍ଷରୁ ଆସନ୍ତା ୨୯ ନଭେମ୍ବର ୧୨ ଘଂଟିଆ ମୟୂରଭଞ୍ଜ ବନ୍ଦ ଡାକରା ଘୋଷଣା କରାଯାଇଛି । ଏଥିସହିତ ଭାଷା ଭିତିକ ସଂଖ୍ୟାଲଘୁ ମାନ୍ୟତା ଏବଂ ମୁଣ୍ଡାରୀ, ଭୂମିଜ ଓ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଦାବିରେ ଆଗାମୀ ନବେମ୍ବର ୨୯ ତାରିଖରେ ଡାକରା ଦିଆଯାଇଥିବା ୧୨ ଘଂଟିଆ ମୟୂରଭଞ୍ଜ ବନ୍ଦକୁ ସଫଳ କରିବା ପାଇଁ ଆଜି ମାସା ଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବାରିପଦା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାସା ଆର୍ମୀର ଜିଲ୍ଲା ସଭାପତି ମୁକେଶ ମାରାଣ୍ଡି, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଜିଲ୍ଲା ସମ୍ପାଦକ ପଦ୍ମଲୋଚନ ମୁର୍ମୁ, ସାଉନା ମୁର୍ମୁ, ହରି ସିଂ, ଗଜେନ୍ଦ୍ର ମୋଢେଇ, ସୁରେଶ ହେମ୍ବ୍ରମ, ବାଗେ ହେମ୍ବ୍ରମ, ଲାଲୁ ପ୍ରସାଦ ମୁର୍ମୁ ପ୍ରମୁଖ ବୈଠକରେ ସାମିଲ ଥିଲେ । ସାନ୍ତାଳୀ ଭାଷା ହେଲା ସମ୍ବିଧାନ ସ୍ୱୀକୃତି ପ୍ରାପ୍ତ ଭାଷା ଏହି ଭାଷାକୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ସରକାର ଦ୍ୱିତୀୟ ରାଜ ଭାଷାର ମାନ୍ୟତା ଦେଇଥିବା ବେଳେ ଓଡ଼ିଶା ସରକାର ଏ ପର୍ଯ୍ୟନ୍ତ ଏହି ଭାଷାକୁ ଦ୍ୱିତୀୟ ରାଜ ଭାଷାର ମାନ୍ୟତା ପ୍ରଦାନ କରି ନାହାନ୍ତି । ଓଡିଶା ରାଜ୍ୟ ମୟୂରଭଞ୍ଜରୁ ସୃଷ୍ଟି ହୋଇଥିବା ଭାଷାକୁ ଏ ପର୍ଯ୍ୟନ୍ତ ଦ୍ୱିତୀୟ ରାଜ ଭାଷାର ମାନ୍ୟତା ପ୍ରଦାନ ନକରିବା ହେଉଛି ଦୁର୍ଭାଗ୍ୟ ଜନକ କଥା । ପୂର୍ବରୁ ବହୁବାର ଦାବି ସତ୍ୱେ ସରକାର ଏହି ଦାବିକୁ ଏ ପର୍ଯ୍ୟନ୍ତ ମାନି ନଥିବାରୁ ଦାବି ହାସଲ ନିମନ୍ତେ ମୟୂରଭଞ୍ଜ ବନ୍ଦ ଡାକରା ଦିଆ ଯାଇଛି ଏବଂ ଆଦିବାସୀ ମାନଙ୍କର ଭାଷାର ବିକାଶ ହେଲେ ଆଦିବାସୀ ମାନଙ୍କର ବିକାଶ ହୋଇପାରିବ ବୋଲି କୁହାଯାଇଛି । ଏହି ବନ୍ଦରେ ଜରୁରୀକାଳୀନ ସେବାକୁ ବାଦ ଦେଇ ସମସ୍ତ ଅଖ, ଚକ, ଦୋକାନ ବଜାର, ସ୍କୁଲ କଲେଜ, କୋର୍ଟ କଚେରି, ସମସ୍ତ ସରକାରୀ ଅଫିସ ଶାନ୍ତି ଶୃଙ୍ଖଳା ଭାବରେ ବନ୍ଦ କରାଯିବ । ଏହି ବନ୍ଦରେ ସମସ୍ତ ଆଦିବାସୀ ସଂଗଠନ ମାନଙ୍କୁ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଛି ।

# ଓଡିଶା ବନ୍ଦ ପାଇଁ ସରକାରୀ କାର୍ଯ୍ୟାଳୟରେ ବଢ଼ିଲା ସୁରକ୍ଷା

ଭୁବନେଶ୍ୱର୧୧/୧୧ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) କଂଗ୍ରେସ ପକ୍ଷରୁ ଶିକ୍ଷୟତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ୬ ଘଂଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ଓ ଖାରବେଳ ଭବନରେ ସୁରକ୍ଷା ବଢ଼ାଯାଇଛି । ବନ୍ଦ ପାଇଁ ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ ଓ ବିଭାଗୀୟ ମୁଖ୍ୟ ଦପ୍ତରର କର୍ମଚାରୀମାନଙ୍କୁ ୯ଟା ୩୦ ମଧ୍ୟରେ ଅଫିସ୍ ରେ ପହଂଚିବାକୁ କୁହାଯାଇଛି । ଏସମ୍ପର୍କରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସ୍ୱତନ୍ତ୍ର ସଚିବମାନଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ଜଣାଇଛନ୍ତି । ଲୋକସେବା ଭବନର ମୁଖ୍ୟ ଗେଟ୍ ସକାଳ ୧୦ଟା ୧୫ ଟା ସୁଦ୍ଧା ବନ୍ଦ ହୋଇଯିବ ।

# ଅଲ୍‌ଟ୍ରାସାଉଣ୍ଡ ବ୍ୟବସ୍ଥାଲାଗି ଅଣ୍ଟା ଭିଡିଲା ଆଶାକର୍ମୀ ସଂଘ




ଜଳେଶ୍ୱର, ୧୧/୧୧(ନିପ୍ର): ଉତ୍ତର ବାଲେଶ୍ୱରର ଜଳେଶ୍ୱର ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ପ୍ରସୂତୀଙ୍କ ସୁରକ୍ଷାଲାଗି ବିଶେଷ ସୁବିଧା ସୁଯୋଗ ମିଳିପାରୁ ନାହିଁ । ବିଶେଷତଃ ପ୍ରସୂତୀ ମହିଳାଙ୍କ ଗର୍ଭସ୍ଥ ଶିଶୁର ଅବସ୍ଥାନ ଜାଣିବାଲାଗି ଡାକ୍ତରମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି । ପୂର୍ବରୁ ଜଳେଶ୍ୱର ସହରରେ ଘରୋଇଭାବେ ୨ଟି ସ୍ଥାନରେ ଅଟ୍ରାସାଉଣ୍ଡ ରହିଥିବା ଓ ଏହାକୁ ଡାକ୍ତର ନିଜେ ପରିଚାଳନା ଲକରି ଆସୁଥିବା ବେଳେ ସ୍ୱାସ୍ଥ୍ୟବିଭାଗର ନିତିନିୟମ ଅନୁଯାୟୀ ତାହା ବନ୍ଦ ରହିଛି । ଫଳରେ ପ୍ରସୂତୀମାନଙ୍କୁ ଦୂର ସ୍ଥାନକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏଥିପାଇଁ ଆଜି ଜଳେଶ୍ୱର ବ୍ଲକ ସ୍ତରୀୟ ଆଶାକର୍ମୀ ସଂଘ ସରକାରଙ୍କ ଦୃଷ୍ଟିଲାଗି ଅଣ୍ଟା ଭିଡିଛି । ସରକାରୀଭାବେ ଜିକେଭଟ୍ଟର ହସ୍‌ପିଟାଲ ପରିସରକୁ ଏକ ଅଟ୍ରାସାଉଣ୍ଡ ମେସିନ୍ ଯୋଗାଇବାଲାଗି ସଂଘ ପକ୍ଷରୁ ଆଜି ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା, ଜିଲା ସଭାପତି ସକୁନ୍ତଳା ଗୋଛାୟତ, ସଂପାଦକ ପଦ୍ମଭୂଷଣ ରାୟ, ଜଳେଶ୍ୱର ବ୍ଲକ ଉପସଭାପତି ଯାନକୀ ରାଉଳ, ସଂପାଦିକା କଳ୍ପନା ଦାସ, ବ୍ଲକ ସଂପାଦକ ଚାରୁବାଳା ମହାପାତ୍ର, ଛବିରାଣୀ ମିଶ୍ର, ପୁଷ୍ପାଞ୍ଜଳି ଟୁଡୁ, ମଂଜୁରାଣୀ ପ୍ରଧାନ, ମେନକା ସାହୁ, ଭାରତୀ ଜେନା, ରିନତୀ ଜେନା, କାଂଚନ ରାଜ, ସରସ୍ୱତୀ ଦେ, କବିତା ସୁର, ସ୍ନେହଲତା ପ୍ରଧାନ, ମମତା ନାୟକ, ମିନତୀ ମହାନ୍ତି ପ୍ରମୁଖ ଅଟ୍ରାସାଉଣ୍ଡ ମେସିନ୍ ହସ୍‌ପିଟାଲକୁ ଯୋଗାଇ ଦେବାକୁ ଦାବି କରିଥିଲେ । ଏହା ନ ହେଲେଆସନ୍ତା ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ସୂଚନା ଦେଇଛନ୍ତି ।

## ଡିସେମ୍ବର ୫ରେ ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ନିର୍ବାଚନ

ବାରିପଦା,୧୧/୧୧ (ନି.ପ୍ର): ଆଜି ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ନିର୍ବାଚନ ପାଇଁ ବିଧିବଦ୍ଧ ନୋଟିସ ଜାରୀ ହୋଇଥିବା ବେଳେ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିବାର ଦେଖାଯାଇଚି । ସୂଚନା ମୁତାବକ ଗତ ତା ୭/୧୧/୨୧ ରିଖ ଏସୋସିଏସନର ସାଧାରଣ ପରିଷଦ ବୈଠକର ନିଷ୍ପତି ଅନୁଯାୟୀ ଆସନ୍ତା ଡିସେମ୍ବର ୫ ତାରିଖରେ ଏହି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ମୟୂରଭଂଜ ଆଥଲେଟିକ ଏସୋସିଏସନର ସଭାପତି ତଥା ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ବିଧିବଦ୍ଧ ନୋଟିସ ଜାରୀ କରିଥିବାର ଜଣାଯାଇଛି । ସୂଚନା ମୁତାବକ ସାଧାରଣ ସଂପାଦକ ପଦରେ ନିର୍ବାଚନ ଲଢ଼ିବା ପାଇଁ ୧୦ ହଜାର ଏବଂ କୋଷାଧ୍ୟକ୍ଷ ପଦ ପାଇଁ ୫ହଜାର ଟଙ୍କାର ସିକୁରିଟି ମନି ଦାଖଲ କରିବାକୁ ନୋଟିସରେ କୁହାଯାଇଛି । ସେହିପରି ପୂର୍ବ ନିର୍ବାଚନର ଭୋଟର ଲିଷ୍ଟ ପବ୍ଲିକେସନ ପାଇଁ ତା୧୮/୧୧/୨୧ ରିଖ ଧାର୍ଯ୍ୟ କରାଯାଇଥିବା ବେଳେ, ତା୨୫/୧୧/୨୧ ରିଖ ମଧ୍ୟରେ ଲିଖିତ ଆପତି ଅଭିଯୋଗ ଥିଲେ ଜଣାଇବାକୁ ନିର୍ଦ୍ଦେଶ ରହିଛି । ତା୨୬/୧୧/୨୧ ରିଖରେ ଫାଇନାଲ ଭୋଟର ଲିଷ୍ଟ ପ୍ରକାଶ ପାଇବାକୁ ରହିଥିବା ବେଳେ, ତା ୨୯/୧୧/୨୧ ରିଖରେ ପ୍ରାର୍ଥୀପତ୍ର ଦାଖଲ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି ଏବଂ ସେହିଦିନ ୪ଟା ବେଳକୁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ।

# ପାଚିଲା ଖରିଫ ଧାନ ଚାଷରେ ବ୍ୟାପକ ଜଉଆ ପୋକ : କର୍ତ୍ତୃପକ୍ଷ ଉଦାସୀନ

ଜଳେଶ୍ୱର, ୧୧/୧୧(ନିପ୍ର): ଚଳିତବର୍ଷ ଖରିଫ ଧାନଚାଷ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ଏବେ କଟାହେବାକୁ ଯାଉଥିବା ବେଳେ ବ୍ୟାପକ ଜଉଆ ପୋକ ଚାଷୀଙ୍କୁ ସର୍ବସ୍ୱାନ୍ତ କରୁଛି । ଏଥିନେଇ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଚାଷୀ ମହଲରେ ହତାଶା ବଢ଼ି ଚାଲିଛି । ଚଳିତବର୍ଷ ଜଳେଶ୍ୱର ବ୍ଲକରେ ୨୦୦୩୩ ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଥିବା ବେଳେ ୫୫୫ ହେକ୍ଟର ଜମିର ଧାନଚାଷ ବନ୍ୟା ଓ ବର୍ଷାରେ ସଂପୂର୍ଣ୍ଣ ନଷ୍ଟ ହୋଇଛି । ଏଥିନେଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚାଷୀମାନଙ୍କ ସଂପର୍କରେ କୌଣସି ସଚେତନତା ଗ୍ରହଣ କରାଯାଇନଥିବା ବେଳେ ଏବେ ବେଡି ଉପରେ କରଡା ମାଡ ଭଳି ବ୍ୟାପକ ଜଉଆ ପୋକ ବ୍ୟାପୁ ଥିବାରୁ ଚାଷୀର ମେରୁଦଣ୍ଡ ଭାଂଗି ଯାଇଛି । ଗତ ୧୫ ଦିନ ମଧ୍ୟରେ ଜଳେଶ୍ୱର ଆଖାପାଖ ତଥା ଶାଳିକୋଠା ଅଂଚଳରେ ଜଉଆ ପୋକର ପ୍ରାଦୁର୍ଭାବ ବଢ଼ିଯାଇଥିବା ବଜାରରେ ଆବଶ୍ୟକ ଓ ସଠିକ୍ କୀଟନାସକ ମିଳୁନଥିବା ଯୋଗୁ ପରିସ୍ଥିତି ଜଟିଳ ହୋଇଛି । କେତେକ ସ୍ଥାନରେ ପଶ୍ଚିମବଂଗରୁ ନକଲି କୀଟନାସକ ଅଣାଯାଇ ଲୁଚାଛପାରେ ବିକ୍ରି ହେଉଥିବା ବହୁ ଅଭିଯୋଗ ହେଉଛି । କେତେକ ମୁନାଫାଖୋର ସ୍ୱିକୃତୀପାପ୍ତ ହୋଇନଥିଲେ ମଧ୍ୟ ସେମାନେ ଏପରି ଚୋରାକାରବାର ଚଳାଇ ଆସୁଛନ୍ତି । ସାର ଓ କୀଟନାଶକ ଔଷଧ ନାମ ପଂଜିକରଣ କରି ଆଧାରକାର୍ଡ ସଂଯୋଗରେ ଆଣିବାକୁ ନିୟମ ଥିବା ବେଳେ ତାହା ହେଉନଥିବାରୁ ନିରିହ ଚାଷୀ ଠକାମୀର ଶୀକାର ହେଉଛନ୍ତି । ଚଳିତବର୍ଷ ୟୁରିଆ ସାରର ବ୍ୟାପକ ଚୋରା କାରବାର ଓ ଅଭାବିବିକ୍ରୀ ସଂପର୍କରେ ବହୁ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଜଉଆ ପୋକ ଯୋଗୁଁ ଶହ ଶହ ଚାଷୀ ମୁଣ୍ଡରେ ହାତଦେଇ ବସିଥିବା ବେଳେ ସେମାନଙ୍କ ପ୍ରତି ଆଡ ନଜର ରଖାଯାଉଛି । ଅନ୍ୟପକ୍ଷରେ ହଜାର ଜହାର ଟଙ୍କା ଋଣ କରି ଚାଷୀ ପ୍ରତିକୂଳ ପାଗରେ ଫସଲ ଉପୁଜାଇଥିବା ବେଳେ ଏବେ ଜଉଆ ପୋକ ସଂପୂର୍ଣ୍ଣ ଧ୍ୱଂସ କରିବାକୁ ବସିଛି । ଜରୁରୀ ପରିସ୍ଥିତିରେ କୃଷି ବିଭାଗ କକ୍ଷରୁ ଏହାର ମୁକାବିଲା ଲାଗି ବହୁ ଉଠିଆ ଚାଷୀ, କୃଷକ ସଂଘ, କୃଷି ଶ୍ରମିକ ସଂଗଠନ ଦାବି କରିଛନ୍ତି ।

# ନବଜାତକ ଶିଶୁକୁ ଉଦ୍ଧାର କଲା 'ମେ ଆଇ ହେଲ୍ପ ୟୁ' ସାମାଜିକ ସଂଗଠନ



ଜଳେଶ୍ୱର, ୧୧/୧୧(ନିପ୍ର): ଜଳେଶ୍ୱର ମାଛ ମାର୍କେଟ ନିକଟ ପୁରୁଣା ଗ୍ରୀନରେ ମୁଖ୍ୟକାର୍ଯ୍ୟାଳୟର ପରିତ୍ୟକ୍ତ ବନ୍ଦ କୋଠରୀରେ ଜଣେ ମହିଳା ଏକ ପୁତ୍ର ସନ୍ତାନ ପ୍ରସବ କରିଥିଲା । ବଜାରରେ ଭିକ୍ଷାବୃତ୍ତି ତଥା ମାଗିଜାଚି ଜୀବନ ନିର୍ବାହ କରୁଥିବା କୁନା ମଲ୍ଲିକ ଓ ତାର ସ୍ତ୍ରୀ ଯମୁନା ମଲ୍ଲିକ ଏହି ପରିତ୍ୟକ୍ତ ଘରେ ନିଜର ଝିଅ ଓ ପୁଅକୁ ଧରି ରହିଆସୁଥିଲେ । କିନ୍ତୁ ଯମୁନା ଗର୍ଭବତୀ ଥିବା ବେଳେ ନିଜର ଘରଦ୍ୱାର, ଜମିବାଡ଼ି ନଥିବାରୁ ଏପରି ବିପଦଗ୍ରସ୍ତ ଅବସ୍ଥାରେ ସେଠାରେ ରହିଥିବା ବେଳେ ଆଜି ଗର୍ଭଯନ୍ତ୍ରଣା ଶୀକାର ହୋଇଥିଲା । ଘଟଣା ଜାଣିପାରି ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁର ପ୍ରତିଷ୍ଠାତା ସଭାପତି ଜଗନ୍ନାଥ ପରିଡା ଓ ସଦସ୍ୟ ଏମ୍‌ଡି ରାଜୁ ଯନ୍ତ୍ରଣାଶୀକ୍ତ ଯମୁନାକୁ ଜଳେଶ୍ୱର ଜିକେ ଭଟ୍ଟର ଡାକ୍ତରଖାନାକୁ ଜଣାଇଥିଲେ । ଜନନୀ ଆମ୍ବୁଲାନ୍ସରେ ତାକୁ ନେଇ ଡାକ୍ତରଖାନହେର ପହଞ୍ଚାଇ ସମସ୍ତ ସୁବିଧାର ବ୍ୟବସ୍ଥା କରିଥିଲେ । କେତେକ ସମାଜସେବୀ ଯମୁନାକୁ ଲୁଗାପଟା, ଖାଦ୍ୟ ଯୋଗାଇବା ସହିତ ଅପପୃଷ୍ଟ ଥିବା ଯମୁନାକୁ ରକ୍ତ ଦେବାର ବ୍ୟବସ୍ଥା କରିଥିଲେ । ଏପରି ଏକ ଘଟଣା ଜଣାଯିବାପରେ ସଂଗଠନର ସଦସ୍ୟମାନଙ୍କୁ ସମସ୍ତେ ପ୍ରସଂଶା କରିଥିଲେ ।

## ମହନ୍ତ ନରେନ୍ଦ୍ର ଗିରିଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା: ଆନନ୍ଦ ଗିରିଙ୍କ ଜାମିନ୍ ଆବେଦନ ଖାରଜ

ନୂଆଦିଲ୍ଲୀ,୧୧/୧୧ (ନି.ପ୍ର): ଅଖିଳ ଭାରତୀୟ ଆଖଡା ପରିଷଦର ପୂର୍ବତନ ସଭାପତି ମହନ୍ତ ନରେନ୍ଦ୍ର ଗିରିଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ ଆନନ୍ଦ ଗିରିଙ୍କ ଜାମିନ୍ ଆବେଦନ ଖାରଜ ହୋଇଯାଇଛି । ଜାମିନ୍ ପାଇବା ଦ୍ୱାରା ଅଭିଯୁକ୍ତ ତଦନ୍ତ ଉପରେ ପ୍ରଭାବ ପକାଇ ପାରନ୍ତି ବୋଲି ସିବିଆଇ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ଏହାପରେ ଜିଲ୍ଲା ଅଦାଲତ ଆନନ୍ଦ ଗିରିଙ୍କ ଜାମିନ୍ ଆବେଦନକୁ ଖାରଜ କରିଥିଲେ । ଆନନ୍ଦ ଗିରିଙ୍କ ଜାମିନ ଆବେଦନ ଉପରେ ଜିଲ୍ଲା କୋର୍ଟର ମ୍ରିଦୁଲ ମିଶ୍ରଙ୍କ ସ୍ୱତନ୍ତ୍ର କୋର୍ଟରେ ଶୁଣାଣି ହୋଇଥିଲା । ଜାମିନ ପାଇଁ ଆନନ୍ଦ ଗିରିଙ୍କ ଓକିଲମାନେ କହିଥିଲେ ଯେ ଆତ୍ମହତ୍ୟା ମାମଲାରେ ତାଙ୍କ ହାତ ନାହିଁ, ତାଙ୍କ ବିରୁଦ୍ଧରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ । ତେବେ ସିବିଆଇ ପକ୍ଷରୁ ଆନନ୍ଦ ଗିରିଙ୍କ ଏହି ଆବେଦନକୁ ବିରୋଧ କରାଯାଇଥିଲା । ଜାମିନରେ ଜେଲରୁ ମୁକୁଳିବା ପରେ ଆନନ୍ଦ ଗିରି ତଦନ୍ତକୁ ପ୍ରଭାବିତ କରିପାରନ୍ତି । ସାକ୍ଷୀମାନଙ୍କ ଉପରେ ଚାପ ପକାଇପାରନ୍ତି ବୋଲି ସିବିଆଇ ପକ୍ଷରୁ କୁହାଯାଇଥିଲା ।

# ବ୍ଲକସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାଲିଆପାଳ୧୧/୧୧ (ନି.ପ୍ର): ବାଲିଆପାଳ ବ୍ଲକଅନ୍ତର୍ଗତ ସିମୁଳିଆ ୟୁଜିୟୁପି ସ୍କୁଲ ପରିସରରେ ବ୍ଲକସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଆଂଚଳିକ ସାଧନା କେନ୍ଦ୍ରର କୃତୀ ଛାତ୍ରଛାତ୍ରୀମାନେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ରଚନାଲିଖନ ଓ ଏକକ ନୃତ୍ୟରେ ଅଂଶ ଗ୍ରହଣ କରିଥିଲେ । ଚଳିତ ବର୍ଷ କରୋନା କଟକଣା ଯୋଗୁଁ କେବଳ ଅଷ୍ଟମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବାଲିଆପାଳ ବିଡିଓ ଲଳିତ ସରେଙ୍ଗ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ବିଆରସିସି ଦୁଃଖୀଶ୍ୟାମ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏବିଇଓ ନମିତାପ୍ରଭା ସାମଲ, ଆରତୀ ଭୂୟାଁ ପ୍ରମୁଖ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ ।

# ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱରର ୨୩ ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ

ବାଲେଶ୍ୱର୧୧/୧୧ (ନି.ପ୍ର): ଜାତୀୟ ଶିକ୍ଷା ଦିବସ ଅବସରରେ ବାଲେଶ୍ୱରର ୨୩ ସମେତ ରାଜ୍ୟର ୫ ଜିଲାର ୧୪୨ଟି ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆଭାସିରେ ଲୋକାର୍ପଣ କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରତି ଜିଲାର ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଲୋକାର୍ପଣ କରିବା ସହ ଜଣେ ଜଣେ ଛାତ୍ରୀଙ୍କ ଅନୁଭୂତି ଶୁଣିଥିଲେ । ସମ୍ପୃକ୍ତ ଛାତ୍ରୀଙ୍କୁ ତାଙ୍କ ଜୀବନର ଲକ୍ଷ୍ୟ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବିଶେଷ କରି ବିଦ୍ୟାଳୟ ରୂପାନ୍ତରିଣ ହେବା ଫଳରେ ରାଜ୍ୟର ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ସମ୍ପର୍କରେ ସେ ଅବଗତ କରିଥିଲେ । ଏହି କ୍ରମରେ ବାଲେଶ୍ୱର ଜିଲାର ଏହା ପ୍ରଥମ ପର୍ଯ୍ୟାୟ ରୂପାନ୍ତରଣ ବିଦ୍ୟାଳୟ ଲୋକାର୍ପଣ କାର୍ଯ୍ୟକ୍ରମ ସ୍ଥାନୀୟ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଉତ୍ସବ ଆୟୋଜିତ ହୋଇଥିଲା । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟର ଶିକ୍ଷାର ବିକାଶରେ ସରକାରଙ୍କ ରୂପାନ୍ତରିତ ବିଦ୍ୟାଳୟ ଯୋଜନା ବେଶ ସହାୟକ ହୋଇଛି ବୋଲି କହିଥିଲେ । ଏହା ଦ୍ୱାରା ବିଦ୍ୟାଳୟର ଉନ୍ନତୀକରଣ ସାଙ୍ଗକୁ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇଛି । ନୂଆ ପରିବେଶ ମଧ୍ୟରେ ଶିକ୍ଷାଗ୍ରହଣ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧି ପାଇଛି ପାରିଛି । ଏନେଇ ସେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ ଜିଲାବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଶେଷ କରି ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ବାଲେଶ୍ୱର ଜିଲାର ୨୩ ଗୋଟି ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସମେତ ଜିଲାବାସୀଙ୍କ ପାଇଁ ନୂଆ ଅନୁଭୂତି ଆଣିପାରିଛି ବୋଲି ସେ ଆଭାସିରେ ମୁଖ୍ୟମନ୍ତ୍ରୀ ଓ ସଚିବଙ୍କୁ ଜଣାଇଥିଲେ । ଏହି ଅବସରରେ ପବ୍ଲିକ ସ୍କୁଲର ଛାତ୍ରୀ ଅଭିଲପ୍ସା ଲେଙ୍କା ରୂପାନ୍ତରିତ ବିଦ୍ୟାଳୟର ଶିକ୍ଷାଗ୍ରହଣ କ୍ଷେତ୍ରରେ ନିଜର ଅନୁଭୂତି ମୁଖ୍ୟମନ୍ତ୍ରୀ ଓ ସଚିବଙ୍କୁ କହିଥିଲେ । ବିଦ୍ୟାଳୟ ପରିବେଶ, ଶ୍ରେଣୀଗୃହ, ସଭାଗୃହ, ସ୍ମାର୍ଟ ବୋର୍ଡ଼, ଇ-ଲାଇବ୍ରେରୀ, ସ୍ମାର୍ଟ ଲାବ, କମ୍ପ୍ୟୁଟର ଲାବ ସାଙ୍ଗକୁ ଉନ୍ନତ ମାନର ପରିମଳ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁଯୋଗ ବୋଲି ସେ କହିଥିଲେ । ଜୀବନର ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନରେ ଭବିଷ୍ୟତରେ ଜଣେ ଆଇଏଏସ ଅଫିସର ହେବାକୁ ଚାହୁଁଥିବା ଅଭିଳିପ୍ସା କହିଥିଲେ । ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo